



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-10 ♦SATURDAY ♦04 JULY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୦ ♦ଶନିବାର ♦୦୪ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୧୦ ବୌଦ୍ଧ ସନ୍ନ୍ୟାସୀଙ୍କୁ ଗାଡ଼ି ଚଢ଼ାଇଦେଲା ନାବାଳକ

■ ବ୍ୟାଙ୍କକ୍, ୩।୭ (ଏଜେନ୍ସି): ଥାଇଲ୍ୟାଣ୍ଡର ମୁକ୍‌ଦାହାନ ସହରରେ ଏକ ସ୍ତବ୍ଧ କଲାଭଳି ଦୁର୍ଘଟଣା ଘଟିଛି। ଜଣେ ୧୧ ବର୍ଷର ବାଳକ ନିଜ ପରିବାରର ପିକ୍‌ଅପ୍ ଭ୍ୟାନ୍‌କୁ ବିନା ଅନୁମତିରେ ପ୍ରାୟ ୧୦ କିଲୋମିଟର ଚଲାଇ ନେଇ ରାସ୍ତାରେ ଯାଉଥିବା ବୌଦ୍ଧ ସନ୍ନ୍ୟାସୀ (ଭିକ୍ଷୁ)ଙ୍କ ଶୋଭାଯାତ୍ରା ଉପରେ ଚଢ଼ାଇ ଦେଇଛି। ଏହି ଦୁର୍ଘଟଣାରେ ଅତିକମରେ ୧୦ ଜଣ ସନ୍ନ୍ୟାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି। ପ୍ରାୟ ୩୫ ଜଣ ସନ୍ନ୍ୟାସୀ ଓ ୫ ଜଣ ଭକ୍ତ ପଦଯାତ୍ରାରେ ଏକ ମନ୍ଦିରରୁ ଅନ୍ୟ ଏକ ମନ୍ଦିରକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ୫ ଜଣଙ୍କର ଏବଂ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ଅନ୍ୟ ୫ ଜଣଙ୍କର ମୃତ୍ୟୁ ହୋଇଛି। ଦେହ ଖରାପ ଥିବାରୁ ସେଦିନ ଶିଶୁଟି ସ୍କୁଲ ଯାଇ ନ ଥିଲା ଏବଂ ଘରେ ଏକା ଥିଲା। ସେ ଅଜାଣତରେ ଗାଡ଼ି ନେଇ ପଳାଇବା ପରେ ପରିବାର ଲୋକେ ପୁଲିସକୁ ଗାଡ଼ି ହଜିବା ନେଇ ସୂଚନା ଦେଇଥିଲେ। ପୁଲିସ ସୂଚନା ଅନୁସାରେ ବାଳକ ଜଣକ



ମାନସିକ ସ୍ତରରେ ସ୍ୱତନ୍ତ୍ର ଆବଶ୍ୟକତା ବିଶିଷ୍ଟ ଶିଶୁ ହୋଇଥାଇପାରେ। ସେ ବର୍ତ୍ତମାନ ଭୟଭୀତ ଥିବାରୁ ତାଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇନାହିଁ ଏବଂ ଡାକ୍ତର ଓ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ ଚାଲିଛି।

## ପାକିସ୍ତାନରେ ଖାଇକୁ ଖସିଲା ବସ୍; ୪୦ ମୃତ

■ ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ପାକିସ୍ତାନର ଦକ୍ଷିଣ-ପଶ୍ଚିମ ପ୍ରଦେଶ ବେଲୁଚିସ୍ତାନରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଓ ଅତ୍ୟଧିକ ଯାତ୍ରୀ ବାହୀ ବସ୍ ନିୟନ୍ତ୍ରଣ ହରାଇ ରାଜପଥରୁ ଗଭୀର ଖାଇକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ଅତିକମରେ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଏହା ଦେଶର ଅନ୍ୟତମ ବଡ଼ ସଡ଼କ ଦୁର୍ଘଟଣା ବୋଲି କୁହାଯାଉଛି। ବସ୍‌ଟି କ୍ୱେଟାରୁ ଜାତୀୟ ରାଜଧାନୀ ଇସଲାମାବାଦ ଅଭିମୁଖେ ଯାଉଥିବା ବେଳେ ଶେରାନୀ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ବସ୍‌ଟିରେ ପ୍ରଥମେ ୩୬ ଜଣ ଯାତ୍ରୀ ଥିଲେ, ମାତ୍ର ବାଟରେ ଅନ୍ୟ ଏକ ବିଗିଡ଼ି ଯାଇଥିବା ବସ୍‌ର ଯାତ୍ରୀମାନଙ୍କୁ ଏଥିରେ ବସାଯାଇଥିଲା। ଏହି କାରଣରୁ ଗାଡ଼ିଟିରେ କ୍ଷମତାଠାରୁ ଅଧିକ ଯାତ୍ରୀ ହୋଇଯାଇଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନ, ଜରୁରୀକାଳୀନ ଚିକିତ୍ସା ଦଳ ଏବଂ



ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପଡୋଶୀ ପ୍ରଦେଶରୁ ମଧ୍ୟ ଉଦ୍ଧାରକାରୀ ଦଳ ଆସି ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ୪୦ଟି ମୃତଦେହ ▶ପୃଷ୍ଠା-୭

### ଗୋପାଳପୁର ଓ ପାରାଦୀପରେ ଗ୍ରୀନ୍ ଆମୋନିଆ କାରଖାନା

# ଓଡ଼ିଶା ହେବ ଗ୍ଲୋବାଲ୍ ଗ୍ରୀନ୍ ହବ୍

■ ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାକୁ ଶିଳ୍ପ ତଥା ସବୁଜ ଅର୍ଥନୀତି କ୍ଷେତ୍ରରେ ସମୃଦ୍ଧ ଭାବେ ଗଢ଼ିତୋଳିବା କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛନ୍ତି ରାଜ୍ୟ ସରକାର। ଶୁକ୍ରବାର ଲୋକସେବା ଭବନର ସମ୍ମିଳନୀ କକ୍ଷଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଜାପାନର ଶିଳ୍ପ ବ୍ୟବସାୟିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏସିଏମଇ ଗ୍ରୁପ ଓ ଆଇଏଚଆଇ କର୍ପୋରେସନ ସହିତ ରାଜ୍ୟ ସରକାରଏକ ସହଯୋଗ ପତ୍ର ବା ଏମଓସି ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ। ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ୩ଟି ପ୍ରକଳ୍ପରେ ପ୍ରାୟ ୬୭,୦୦୦ କୋଟି ଟଙ୍କା ନିବେଶ କରିବେ।

ଗୋପାଳପୁରରେ ୦.୪ ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପ। ଏଥିରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି ବିହୀନ




ଏସିଏମ୍‌ଇ-ଆଇଏଚ୍‌ଆଇ କର୍ପୋରେସନ ସହଯୋଗପତ୍ର ସ୍ୱାକ୍ଷରିତ

ଫ୍ଲୋଟିଙ୍ଗ୍ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ। ଏହା ସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ। ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ। ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡ଼ିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍' ରେ ପରିଣତ କରାଯିବ। ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ଟି ପ୍ରମୁଖ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇସାରିଛି। ଏହାଦ୍ୱାରା ରାଜ୍ୟକୁ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆସିବ। ପାରାଦୀପ, କେନ୍ଦ୍ରାପଡ଼ା ଓ ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡର ବିକାଶ କରାଯାଉଛି, ଯାହା ଭାରତର 'ଇସ୍ପାତ ରାଜଧାନୀ' ଓଡ଼ିଶାକୁ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନରେ ବିଶ୍ୱସ୍ତରୀୟ ଅଗ୍ରଣୀ କରାଇବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଇଏଚଆଇ କର୍ପୋରେସନ୍‌କୁ ରାଜ୍ୟରେ ଏକ 'ଜାପାନୀ ଗ୍ରୀନ୍ ଇଞ୍ଜିନିୟରିଂ ଏବଂ ଇନୋଭେସନ୍ ସେଣ୍ଟର' ଏବଂ ମିତ୍‌ସୁବିଶି କର୍ପୋରେସନ୍‌କୁ ଗ୍ରୀନ୍ କେମିକାଲ୍ସ ଓ ସ୍ଥାୟୀ ଇନ୍ଧନ କ୍ଷେତ୍ରରେ ନିବେଶ ପାଇଁ ବିଶେଷ ଆମନ୍ତ୍ରଣ ଜଣାଇଛନ୍ତି।

ଆଲୋଚନାରେ ଆଇଏଚ୍‌ଆଇ କର୍ପୋରେସନ୍‌ର ଅଧ୍ୟକ୍ଷ ତଥା ସିଇଓ ଓଡ଼ିଶାର ସବୁଜ ଶକ୍ତି ନୀତି ଏବଂ ପୁଞ୍ଜିନିବେଶ ପରିବେଶକୁ ଉଚ୍ଚ ▶ପୃଷ୍ଠା-୭

### ସରକାରଙ୍କ ନାଲିଆଖିକୁ ବେଖାତିର୍

## ଡାକ୍ତର ଆନ୍ଦୋଳନ ଜାରି



■ ଭୁବନେଶ୍ୱର, ୩।୭ (ସମିସ): କ୍ରମାଗତ ତୃତୀୟ ଦିନ ପାଇଁ ଶୁକ୍ରବାର ରାଜ୍ୟବ୍ୟାପୀ ଡାକ୍ତରମାନେ ନିଜର ଆନ୍ଦୋଳନ ଜାରି ରଖିଛନ୍ତି। ଏପରିକି ଓଏମ୍‌ଏଚ୍‌ଏସ୍ କ୍ୟାଡର ଡାକ୍ତରଙ୍କ ଦରମା ବନ୍ଦ ନିର୍ଦ୍ଦେଶ ସହ କାର୍ଯ୍ୟରେ ଅନୁପସ୍ଥିତ ଠିକା ଡାକ୍ତରଙ୍କୁ ଆବଶ୍ୟକୀୟ ନୋଟିସ୍ ଦେଇ ସେମାନଙ୍କୁ ବରଖାସ୍ତ କରିବା ନେଇ ସରକାରଙ୍କ ଚେତାବନୀ ମଧ୍ୟ ସେମାନଙ୍କୁ କାବୁ କରିନାହିଁ। ଫଳରେ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର ରୋଗୀମାନଙ୍କ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ ମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ କଡ଼ା ଅସନ୍ତୋଷ ପ୍ରକାଶ ପାଇଛି।

**ଆଲୋଚନା ପାଇଁ ଡାକିଲା ସ୍ୱାସ୍ଥ୍ୟ ବିଭାଗ**

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବାରେ ସୃଷ୍ଟି ହୋଇଥିବା ଅଚଳବସ୍ଥା ହଟାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓମସା (ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ) ସଭାପତିଙ୍କୁ ଏକ ଚିଠି ଲେଖାଯାଇଛି। ଶନିବାର ଓମସା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ସରକାର ଆଗଭର ଅଛନ୍ତି ବୋଲି ଚିଠିରେ ଉଲ୍ଲେଖ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ କାର୍ଯ୍ୟାଳୟରେ ଶନିବାର ସାଢ଼େ ୧୧ଟା ବେଳେ ବୈଠକ ଧାର୍ଯ୍ୟ କରାଯାଇଥିବା ବେଳେ ଏଥିରେ ଓମସା କର୍ତ୍ତୃପକ୍ଷଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଛି।

### ସାରା ରାଜ୍ୟରେ ଲଘୁଚାପ ବର୍ଷା

## ୧୨ ଜିଲ୍ଲାରେ ଭୀଷଣ ବର୍ଷା



■ ଭୁବନେଶ୍ୱର, ୩।୭ (ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖାପାଖ ଅଞ୍ଚଳ ଉପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ଗତ ୨ ଦିନ ହେବ ବର୍ଷା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ ଓ କନ୍ଧମାଳରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଅନୁରୂପ ଭାବରେ ବରଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ନବରଙ୍ଗପୁର, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରେ ମଧ୍ୟ ଭୀଷଣ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଲଘୁଚାପ ଆହୁରି ଘନୀଭୂତ ହେଉଥିବାରୁ ମୌସୁମୀ ସକ୍ରିୟ ରହିଛି। ଏହା ପ୍ରଭାବରେ ବର୍ଷାର ପ୍ରଭାବ ଅଧିକ ବଢ଼ିବା ନେଇ ମଧ୍ୟ ପାଣିପାଗ

**୫ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଆଶଙ୍କା**

କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଶୁକ୍ରବାର ସକାଳୁ ସନ୍ଧ୍ୟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଛତ୍ରପୁରରେ ସର୍ବାଧିକ ୮୩ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଗୋପାଳପୁରରେ ୬୭, ନୟାଗଡ଼ରେ ୫୩, ଖୋର୍ଦ୍ଧା ୪୫, ଜଗତସିଂହପୁର ୪୫, ବରଗଡ଼ ୫୪, କଟକ ୪୪.୪, ଚାନ୍ଦବାଲି ୩୧, କଟକ ୪୪ ଓ ଭୁବନେଶ୍ୱର ୨୮ ମିମି ବର୍ଷା ରେକର୍ଡ ହୋଇଛି। ପାଗକୁ ଦୃଷ୍ଟିରେ ରଖି ପାଣିପାଗ ▶ପୃଷ୍ଠା-୭

### ଏସ୍‌ଆଇଆର୍ କସରତ୍


## ୧୦ ବରିଷ୍ଠ ଆଇଏଏସ୍ ପର୍ଯ୍ୟବେକ୍ଷକ ନିଯୁକ୍ତ

■ ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ପ୍ରକ୍ରିୟାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଓଡ଼ିଶାର ୧୦ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ 'ଭୋଟର ତାଲିକା ପର୍ଯ୍ୟବେକ୍ଷକ' ଭାବେ ନିଯୁକ୍ତ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ପାଇଁ ଗତ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଏହି ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜେଶ ପ୍ରଭାକର ପାଟିଲଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଛି। ସେହିପରି ଅରବିନ୍ଦ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ▶ପୃଷ୍ଠା-୭

### ରାମ ମନ୍ଦିର ଚାନ୍ଦା ଚୋରି

## ସନ୍ଦେହଘେରରେ ଟ୍ରଷ୍ଟ କର୍ମକର୍ତ୍ତା

■ ଅଯୋଧ୍ୟା, ୩।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ ମାମଲାର ତଦନ୍ତ ଯେତିକି ଆଗକୁ ବଢୁଛି, ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସେତିକି ସାମ୍ନାକୁ ଆସୁଛି। ମନ୍ଦିର ଅର୍ଥ ଲୁଟ୍ ପାଇଁ ବହୁତ ଆଗରୁ ଷଡ଼ଯନ୍ତ୍ର ରଚାଯାଇଥିଲା ଏବଂ ଏଥିରେ ପ୍ରଭାବଶାଳୀ ଟ୍ରଷ୍ଟ କର୍ମକର୍ତ୍ତା ଜଡ଼ିତ ଥିବା ଜଣାପଡ଼ିଛି। ମନ୍ଦିର ହୁଣ୍ଡିରେ ପଡୁଥିବା ଦାନ ଅର୍ଥ ଗଣିବା ଲାଗି ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଦାୟିତ୍ୱ ମିଳିଥିଲେ ମଧ୍ୟ ଏହାର ଆଉଟସୋର୍ସିଂ ପାଇଁ କେତେକ ଟ୍ରଷ୍ଟ କର୍ମକର୍ତ୍ତା ବ୍ୟାଙ୍କ ଉପରେ ଚାପ ପକାଇଥିଲେ। କେବଳ ଏତିକି ନୁହେଁ, ସେମାନେ ସୈନିକ ସିକ୍ୟୁରିଟି ସର୍ଭିସ ନାମକ ଘରୋଇ ସଂସ୍ଥାର ନାମ ମଧ୍ୟ ସୁପାରିସ କରିଥିଲେ। ସେମାନଙ୍କ ଚାପରେ ବ୍ୟାଙ୍କ ଏହି ସଂସ୍ଥାକୁ ଆଉଟସୋର୍ସିଂ କରିଥିଲା।



- ଆଉଟ୍‌ସୋର୍ସିଂ ପାଇଁ ଷ୍ଟେଟ ବ୍ୟାଙ୍କ ଉପରେ ଚାପ ପକାଇଥିଲେ
- ମନ୍ଦିରରେ ଚାକିରି ପାଇଁ ନିଆଯାଉଥିଲା କମିସନ!
- ଗତ ୫ ବର୍ଷର ଆକାଉଣ୍ଟ ପୁନଃ ଯାଞ୍ଚ କରିବ ଏସ୍‌ଆଇଟି

ଏହି ସଂସ୍ଥାରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସଂପର୍କୀୟ ଓ ପରିଚିତ ଲୋକଙ୍କୁ ନିଯୁକ୍ତି ମିଳିଥିଲା। ତେବେ ସେମାନଙ୍କ କାର୍ଯ୍ୟକାଳପରେ ସନ୍ଦେହ ହେବାରୁ ସେମାନଙ୍କ ପୁଲିସ ଯାଞ୍ଚ ପାଇଁ ବ୍ୟାଙ୍କ ଅଧିକାରୀ ତିନି ମାସ ତଳେ କହିଥିଲେ। କିନ୍ତୁ ଏହାକୁ ବିରୋଧ କରି ଯାଞ୍ଚ କରାଇ ଦେଇନଥିଲେ କେତେକ ଟ୍ରଷ୍ଟ କର୍ମକର୍ତ୍ତା। ତେଣୁ ଗଣତି ବେଳେ ଟଙ୍କା ଲୁଟ୍ ନିୟମିତ ବ୍ୟାପାର ହୋଇଯାଇଥିଲା ବୋଲି କୁହାଯାଉଛି।

ବିଶେଷ ତଦନ୍ତକାରୀ ଦଳ (ଏସଆଇଟି)ର ପଚରାଉଚରା ବେଳେ ଜଣାପଡ଼ିଛି ଯେ, ମନ୍ଦିରରେ ନିଯୁକ୍ତ ପ୍ରାୟ ୧୨୫ ଜଣ କର୍ମଚାରୀ ଅନିଲ ମିଶ୍ରଙ୍କ ସୁପାରିସ କ୍ରମେ ଚାକିରି ପାଇଥିଲେ, ଯେଉଁଥିରେ ତାଙ୍କର କେତେକ ▶ପୃଷ୍ଠା-୭

## ବ୍ୟାଙ୍କ ଆଗରେ ବିଷ ବୋତଲ ଧରି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

■ ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩।୭ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱରସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ମହିଳା ହାତରେ ବିଷ ବୋତଲ ଧରି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ସହ ନ୍ୟାୟ ଦାବିରେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ବ୍ୟାଙ୍କ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଭୋଗରାଇ ବ୍ଲକର ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ ଖଡ଼ିକାବାଡ଼ି ଗ୍ରାମର ଗୋପାଳ ଜେନାଙ୍କ ସ୍ତ୍ରୀ ପଦ୍ମାବତୀ ଜେନା (୩୬) ପ୍ରାୟ ତିନି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଅଧୀନରେ ବ୍ୟବସାୟ କରିବା ପାଇଁ ଚନ୍ଦନେଶ୍ୱର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୭ ଲକ୍ଷ ୫୬ ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିଲା। ତାଙ୍କ ଅଭିଯୋଗ ଅନୁସାରେ, ଋଣରୁ ମାତ୍ର ୪ ଲକ୍ଷ ୫୬ ହଜାର ଟଙ୍କା ତାଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ୩ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ରଖିବାକୁ ସେତେବେଳର ଶାଖା ପରିଚାଳକ ବାଧ୍ୟ କରିଥିଲେ। ପଦ୍ମାବତୀଙ୍କ କହିବା ଅନୁଯାୟୀ, ସେ ନିୟମିତ ଭାବେ ଋଣ କିସ୍ତି ପରିଶୋଧ କରିଆସୁଥିଲେ ମଧ୍ୟ ଜମା ରଖିଥିବା ୩ ଲକ୍ଷ ଟଙ୍କା ଆଜି ପର୍ଯ୍ୟନ୍ତ ପାଇନାହାନ୍ତି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ▶ପୃଷ୍ଠା-୭



ଜମା ଟଙ୍କା ଫେରସ୍ତ ଦାବିରେ ହାଇଡ୍ରାମା

# ଅସ୍ମିତାକୁ 'ପଖାଳ' ଚାପୁଡ଼ା

## ଓଡ଼ିଆଙ୍କୁ ପଖାଳର ହିତ ବୁଝାଇବାକୁ ଅଣଓଡ଼ିଆଙ୍କୁ ନିମନ୍ତ୍ରଣ



■ ଭୁବନେଶ୍ୱର, ୩।୭ (ସମିସ): ଶହଶହ ବର୍ଷ ଧରି ଓଡ଼ିଆ ଜନଜୀବନ ସହ ପଖାଳ ଜଡ଼ିତ। ମା'କୁ ମାମୁଁ ଘର କଥା କହିବା ଯାହା ଓଡ଼ିଆଙ୍କୁ ପଖାଳ କଥା ଶୁଣାଇବା ସେଇଆ ବୋଲି ଅନେକ କହନ୍ତି। ବିଶ୍ୱର ଯେଉଁଠି ଓଡ଼ିଆ ଅଛନ୍ତି, ପଖାଳ ସେଠି ତାର ସାମ୍ରାଜ୍ୟ ମେଲାଇଛି। ଅଷ୍ଟ୍ରେଲିଆରୁ ରୁଷ, ଆମେରିକାରୁ ଜାପାନ ପର୍ଯ୍ୟନ୍ତ ସବୁଠି ଓଡ଼ିଆ ପଖାଳକୁ ନିଜର ଅନ୍ୟତମ ପରିଚୟ ଭାବରେ ପରିପ୍ରକାଶ କରିଛି। ବିଦେଶରେ ଥିବା ଓଡ଼ିଆମାନେ ସାମାଜିକ ଗଣମାଧ୍ୟମରେ ପଖାଳ ଭୋଜି କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଓଡ଼ିଶାରେ ଗରିବ ଲୋକଙ୍କ ପାଇଁ ପଖାଳ ନିତିଦିନର ଖାଦ୍ୟ ଓ ଧନୀକମାନଙ୍କ ପାଇଁ ବିଳାସର କଥା। ମାତ୍ର ଓଡ଼ିଆଙ୍କ ଜୀବନଚର୍ଯ୍ୟା ସହ ଓତଃପ୍ରୋତ ଜଡ଼ିତ ପଖାଳ ଦିବସ ପାଳନ ପାଇଁ ପର୍ଯ୍ୟଟନ ବିଭାଗ ରାଜକୋଷରୁ କୋଟିକୋଟି ଟଙ୍କା ବ୍ୟୟ କରିବା ଏବେ ସାଧାରଣ ଲୋକମାନେ ହଜମ କରିପାରୁ ନାହାନ୍ତି। ବିଶେଷକରି ପଖାଳର ଗୁଣବତ୍ତା ଓ ଏହାର ଖାଦ୍ୟମାନ ସମ୍ପର୍କରେ ବୁଝାଇବା ପାଇଁ ପର୍ଯ୍ୟଟନ ବିଭାଗ ଅନ୍ୟ ରାଜ୍ୟରୁ ଅଣଓଡ଼ିଆ ରୋଷେଇଆ (ସେଫ୍) ଓ ବ୍ଲଗରମାନଙ୍କୁ ନିମନ୍ତ୍ରଣ କରି ବହୁ ଲକ୍ଷ ଟଙ୍କା ବ୍ୟୟ ସହଜରେ ବୁଝି ହେଉନାହିଁ।

ଅତିଥିମାନଙ୍କ ପାଇଁ ଆଠ କ୍ୱିଣ୍ଟାଲ ଚାଉଳରେ ପଖାଳ ଓ ୩୫୬ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କଲେ। ଏହାକୁ ଗିନିଜ ବୁକ୍ ରେକଡର୍‌ରେ ସ୍ଥାନ ଦେବା ପାଇଁ ୩୩ ଲକ୍ଷ ଟଙ୍କା ବ୍ୟୟ କଲେ। ଦେଢ଼ ଲକ୍ଷ ଟଙ୍କାର କଂସାବାସନ, ଦେଢ଼ ଲକ୍ଷ ଟଙ୍କାର ମାଟି ପାତ୍ର କିଣାଗଲା।

**୪.୨୯ ଲକ୍ଷରେ କ୍ରୟ ୧୮୦ ଜ୍ୟାକେଟ ଏବେ କେଉଁଠି ?**

ଅତିଥିଙ୍କୁ ପଖାଳ ପରଷିବା ପାଇଁ ନିଯୁକ୍ତ ବ୍ୟକ୍ତି (ୱେଟର)ଙ୍କ ପାଇଁ ୧୮୦ଟି ସମ୍ବଲପୁରୀ ଜ୍ୟାକେଟ୍ (ୱେଷ୍ଟକୋଟ୍) କିଣାଗଲା। ୩୩୦୦ ଟଙ୍କା ମୂଲ୍ୟର ୧୩୦ଟି, ୨୭୬୦ ଟଙ୍କା ମୂଲ୍ୟର ୨୩ଟି, ୩୦୩୦ ଟଙ୍କା ମୂଲ୍ୟର ୧୩ଟି, ୨୫୫୦ ଟଙ୍କା ମୂଲ୍ୟର ୧୪ଟି ଜ୍ୟାକେଟ ଓଟିଡ଼ିସି କର୍ତ୍ତୃପକ୍ଷଙ୍କ ଜରିଆରେ କିଣାଯାଇଥିବା ତଥ୍ୟ ଏବେ ବାହାରକୁ ଆସିଛି। ୫.୬୭ ଲକ୍ଷ ଟଙ୍କାର ଏହି ଜ୍ୟାକେଟ କିଣାରେ ୧.୧୩ ଲକ୍ଷ ଟଙ୍କା ରିଆତି ପରେ ୪ଲକ୍ଷ ୨୯ ହଜାର ୮୩ ଟଙ୍କା ପଇଠ ହୋଇଛି । ମାତ୍ର ଓଟିଡ଼ିସିରେ ୧୮୦ ଜଣ ୱେଟର ନ ଥିବାବେଳେ ଏହି ଜ୍ୟାକେଟ୍ କାହାପାଇଁ କିଣା ଯାଇଥିଲା, ସେ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ସଚିବ ରହସ୍ୟମୟ ଭାବରେ ନିରବ।

ସେହିପରି ପଖାଳ ଦିବସରେ ଯୋଗ ଦେବାକୁ କଲକତା, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ଗୋଆ, ନାସିକ, ଜୟପୁରରୁ ଅନେକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ବ୍ୟକ୍ତିମାନେ କିଏ ଓ ପଖାଳ ସହ ସେମାନଙ୍କର କି ସମ୍ପର୍କ ଅଛି , ତାହା ଏଯାଏ ଅସ୍ପଷ୍ଟ। କୌତୂହଳର କଥା ହେଉଛି ଏମାନଙ୍କ ମଧ୍ୟରେ କେହି ଜଣେ ବି ▶ପୃଷ୍ଠା-୭




# ଚୀନ୍-ମୁକ୍ତ ତିବ୍ବତ ପାଇଁ ଜାତିସଂଘ ଅଫିସ ସମ୍ମୁଖରେ ଆତ୍ମଦାହ

ନ୍ୟୁୟର୍କ, ୩।୭(ଏଜେନ୍ସି): ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ଜଣେ ୫୨ ବର୍ଷୀୟ ବ୍ୟକ୍ତି ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ତିବ୍ବତ ମୁକ୍ତି ଆନ୍ଦୋଳନ ସହ ଜଡ଼ିତ ଏକ ପ୍ରତିବାଦ ସ୍ୱରୂପ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରୁଛି। ନିଆଁ ଲଗାଇବା ପୂର୍ବରୁ ବୌଦ୍ଧ ସନ୍ନ୍ୟାସୀଙ୍କ ଭଳି ପୋଷାକ ପିନ୍ଧିଥିବା ଏହି ବ୍ୟକ୍ତି ଜଣକ ରାସ୍ତାକଡ଼ରେ ଏକ ତିବ୍ବତୀୟ ପତାକା ରଖିଥିଲେ। ଘଟଣାସ୍ଥଳରୁ ପୋଲିସ କିଛି ପତ୍ରିକା/ପୋଷ୍ଟର ଜବତ କରିଛି, ଯେଉଁଥିରେ 'ଚୀନ୍ ଆଉଟ୍ ଅଫ୍ ତିବ୍ବତ' (ତିବ୍ବତରୁ ଚୀନ୍ ହଟାଅ) ବୋଲି ଲେଖାଯାଇଥିଲା। ୨୦୦୯ ମସିହାରୁ ଏପର୍ଯ୍ୟନ୍ତ ଚୀନ୍ ଶାସନ ବିରୋଧରେ ଏବଂ ତିବ୍ବତର ସାଂସ୍କୃତିକ-ଧାର୍ମିକ ସ୍ୱାଧୀନତା ଦାବି କରି ୧୫୦ରୁ ଅଧିକ ତିବ୍ବତୀୟ (ସନ୍ନ୍ୟାସୀ ଓ ସାଧାରଣ ନାଗରିକ) ଆତ୍ମଦାହ କରି ପ୍ରାଣ ହରାଇ ସାରିଛନ୍ତି। ୧୯୫୯ ମସିହାରେ ଚୀନ୍ ବିରୋଧୀ ବିଦ୍ରୋହ ବିଫଳ ହେବା ପରେ ଚତୁର୍ଦ୍ଦଶ ଦଲାଇଲାମା ଭାରତରେ ଆଶ୍ରୟ ନେଇଥିଲେ ଏବଂ ହିମାଚଳ ପ୍ରଦେଶର ଧର୍ମଶାଳାରେ ତିବ୍ବତର ନିର୍ବାସିତ ସରକାର ଚାଲୁଛି। ଭାରତ ଆନୁଷ୍ଠାନିକ ଭାବେ ତିବ୍ବତକୁ ଚୀନର ଅଂଶ ବୋଲି ସ୍ୱୀକାର କରେ, କିନ୍ତୁ ମାନବିକତା ଦୃଷ୍ଟିରୁ ଦଲାଇଲାମା ଓ ତିବ୍ବତୀୟ ଶରଣାର୍ଥୀଙ୍କୁ ନିଜ ମାଟିରେ ଆଶ୍ରୟ ଦେଇଛି।




# ଜଳିଗଲା ଏଲ୍‌ପିଜି ଟାଙ୍କର; ୫ ମୃତ

କୌଶାମ୍ବୀ, ୩।୭(ଏଜେନ୍ସି): ଉତ୍ତରପ୍ରଦେଶର କୌଶାମ୍ବୀ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାନପୁରରୁ ବାରାଣସୀ ଯାଉଥିବା ଏକ ଏଲପିଜି ଗ୍ୟାସ୍ ଟାଙ୍କର ନିୟନ୍ତ୍ରଣ ହରାଇ ଏକ ଟୋଲ୍ ପ୍ଲାଜା ନିକଟରେ ଡିଭାଇଡର ସହ ପିଟି ହେବା ଫଳରେ ସେଥିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୨୬ ତାରିଖ ସକାଳେ କୋଖରାଜ ଥାନା ଅନ୍ତର୍ଗତ ସିହୋରୀ ଟୋଲ୍ ପ୍ଲାଜା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗ୍ୟାସ୍ ଟାଙ୍କରଟି ଦ୍ରୁତ ଗତିରେ ଆସି ଡିଭାଇଡର ସହ ଧକ୍କା ହେବା ମାତ୍ରେ ସେଥିରୁ ଗ୍ୟାସ୍ ନିର୍ଗତ ହୋଇ ସମଗ୍ର ଅଞ୍ଚଳକୁ ନିଆଁ ବ୍ୟାପି ଯାଇଥିଲା, ଯାହାର ସିସିଟିଭି ଚିତ୍ର ଏବେ ସାମ୍ନାକୁ ଆସିଛି। ଦୁର୍ଘଟଣା ପରେ ମିର୍ଜାପୁରର ବାସିନ୍ଦା ତଥା ଗାଡ଼ି ଚାଳକ ଧର୍ମେନ୍ଦ୍ର ଦ୍ୱିବେଦୀ ଗାଡ଼ି ଭିତରୁ ବାହାରି ନପାରି ଘଟଣାସ୍ଥଳରେ ହିଁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହା ସହିତ ଟୋଲ୍ ପ୍ଲାଜାରେ କାର୍ଯ୍ୟରତ ୫ ଜଣ କର୍ମଚାରୀ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ସେମାନଙ୍କୁ ତୁରନ୍ତ ପ୍ରୟାଗରାଜର ସ୍ୱରୂପ ରାନୀ ନେହେରୁ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପରଦିନ ଆଲୋକ ସିଂହ ନାମକ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ଦିନ ହିରାମଣି ସିଂହ ଏବଂ କୃଷ୍ଣପାଲ ମୌର୍ଯ୍ୟ ନାମକ ଆଉ ଦୁଇ କର୍ମଚାରୀ ପ୍ରାଣ ହରାଇଛନ୍ତି। ଫଳରେ ଏହି ଦୁର୍ଘଟଣାରେ ମୋଟ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ଅନ୍ୟ ଦୁଇ ଜଣ ଆହତ କର୍ମଚାରୀଙ୍କ ଚିକିତ୍ସା ଏବେ ମଧ୍ୟ ଜାରି ରହିଛି। ସ୍ଥାନୀୟ ଥାନା ଅଧିକାରୀ ଚନ୍ଦ୍ର ଭୂଷଣ ମୌର୍ଯ୍ୟ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିବା ବିଷୟ ନିଶ୍ଚିତ କରିଛନ୍ତି। ପୁଲିସ ସମସ୍ତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟଣାର ଆଇନଗତ ତଦନ୍ତ ଜାରି ରଖିଛି।

### କୋର୍ଟ ଅବମାନନା ମାମଲା

## ଶପଥପତ୍ର ଦାଖଲ ପାଇଁ ମମତାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଲକାତା, ୩।୭(ଏଜେନ୍ସି): ରାଲି ସମୟରେ କୋଲକାତାର ମୁଖ୍ୟ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଅଭିଯୋଗରେ ଦାୟର ହୋଇଥିବା ଏକ କୋର୍ଟ ଅବମାନନା ମାମଲାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଶପଥପତ୍ର (ଆଫିଡେଭିଟ୍) ଦାଖଲ କରିବାକୁ କଲିକତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅରିଜିତ ବାନାର୍ଜୀ ଏବଂ ଜଷ୍ଟିସ ଅପୂର୍ବ ସିହ୍ନା ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ଅଗଷ୍ଟ ମାସରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଗତ ୨୦୨୫ ଜୁଲାଇ ୨୧ ରେ କୋଲକାତାର ଧର୍ମତଲାଠାରେ ଟିଏମସି ପକ୍ଷରୁ ଆୟୋଜିତ 'ସହିଦ ଦିବସ' ସମାବେଶ ସମୟରେ କୋର୍ଟଙ୍କ ନିୟମ ଉଲ୍ଲଂଘନ କରି ସହରର ପ୍ରମୁଖ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏହାକୁ ନେଇ କୋର୍ଟରେ ଏକ ଅବମାନନା ଆବେଦନ ଦାଖଲ ହୋଇଥିଲା, ଯେଉଁଥିପାଇଁ ଗତ ଜୁନ୍ ୧୯ ରେ କୋର୍ଟ ମମତା ବାନାର୍ଜୀ ଓ ଅଭିଷେକ ବାନାର୍ଜୀଙ୍କୁ ନୋଟିସ ଜାରି କରିଥିଲେ।

## ଚୀନ୍ ସହ ଜଡ଼ିତ ୩ଟି ଆପ୍‌କୁ ବ୍ୟାନ୍ କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୩।୭(ଏଜେନ୍ସି): ଇ-ରିକ୍ସା ଚାଳକଙ୍କ ପାଇଁ ବଡ଼ ସମସ୍ୟା ସାଜିଥିବା ଚୀନ ସହ ଜଡ଼ିତ ୩ଟି ମୋବାଇଲ୍ ଆପ୍‌କୁ ଆପ୍ ଷ୍ଟୋର୍‌ରୁ ହଟାଇବା ପାଇଁ କେନ୍ଦ୍ର ଆଇଟି ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି। ସୋସିଆଲ ମିଡିଆରେ 'ଟିର୍ରି ଟ୍ରେଣ୍ଡ' ନାମରେ କିଛି ଭାଇରାଲ୍ ପ୍ରାଙ୍କ୍ ଭିଡିଓ ସାମ୍ନାକୁ ଆସିବା ପରେ ସରକାର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କିଛି ଦୁର୍ବୃତ୍ତ ଏହି ଆପ୍‌ଗୁଡ଼ିକର ସାହାଯ୍ୟରେ ଚଳନ୍ତା ଇ-ରିକ୍ସାର ବ୍ୟାଟେରୀକୁ ବ୍ଲୁଟୁଥ୍ ମାଧ୍ୟମରେ ଦୂରରୁ ବନ୍ଦ କରିଦେଉଥିଲେ। ଏହାଦ୍ୱାରା ଚାଳକମାନେ ନାହିଁ ନଥିବା ହଇରାଣ ହେଉଥିଲେ ଏବଂ ରାସ୍ତାରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢୁଥିଲା। ଏହି ଆପ୍ କେବଳ ସେହି ଇ-ରିକ୍ସା ଉପରେ କାମ କରୁଥିଲା, ଯେଉଁଥିରେ ବ୍ଲୁଟୁଥ୍ ସପୋର୍ଟ ଥିବା ଲିଥିୟମ୍-ଆୟନ୍ ବ୍ୟାଟେରୀ ଲାଗିଥିଲା ଏବଂ ଯେଉଁଥିରେ କୌଣସି ପାସୱାର୍ଡ ସେଟ୍ ହୋଇନଥିଲା। ପୁରୁଣା ଲେଡ୍-ଏସିଡ୍ ବ୍ୟାଟେରୀ ଥିବା ଇ-ରିକ୍ସାଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ବ୍ୟାଟେରୀ ପ୍ରସ୍ତୁତକାରୀ କମ୍ପାନୀ ଏହି ଆପ୍‌କୁ ସୋଲାର୍ ପାୱାର୍ ଏବଂ ବୋଟ୍ ବ୍ୟାଟେରୀର ସ୍ୱାସ୍ଥ୍ୟ ମନିଟରିଂ ପାଇଁ ତିଆରି କରିଥିଲେ।

## ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ: ୪ ପଡ଼ୋଶୀ ଗିରଫ


ଦୁର୍ଗାପୁର, ୩।୭(ଏଜେନ୍ସି): ପଶ୍ଚିମବଙ୍ଗର ଦୁର୍ଗାପୁରରେ ଜଣେ ଆଦିବାସୀ ନାବାଳିକାକୁ ଜଙ୍ଗଲ ଭିତରକୁ ଟେକିନେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ସ୍ଥାନୀୟ କୋର୍ଟ ସେମାନଙ୍କୁ ୬ ଦିନିଆ ପୋଲିସ ରିମାଣ୍ଡରେ ପଠାଇଛନ୍ତି। ବୁଧବାର ରାତିରେ ନାବାଳିକା ଜଣକ କମଲପୁର ଅଞ୍ଚଳରେ ଏକ ସ୍ଥାନୀୟ ମେଳା ଦେଖିବାକୁ ଯାଇଥିଲେ। ସେଠାରେ ସେ ଏକା ଥିବାର ସୁଯୋଗ ନେଇ ୪ ଜଣ ଯୁବକ ତାଙ୍କୁ ଜବରଦସ୍ତି ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ଗଣଦୁଷ୍କର୍ମ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ପୀଡ଼ିତାଙ୍କ ପଡୋଶୀ ଅଜୟ ସୋରେନ, ଲକ୍ଷ୍ମଣ ରାବିନ ବାସ୍କେ, ବୁଧନ ଟୁଡୁ ଏବଂ ରାଜୁ ମାଣ୍ଡି। ପୀଡ଼ିତା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଦୁର୍ଗାପୁର ସବ୍-ଡିଭିଜନାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ତାଙ୍କର ଚିକିତ୍ସା ଚାଲିଛି।

### ଅପହରଣ, ଗଣଦୁଷ୍କର୍ମ ଅଭିଯୋଗ

## ପାକ୍ ଉପ-ପ୍ରଧାନମନ୍ତ୍ରୀଙ୍କ ନାତି ଗିରଫ

ଲାହୋର, ୩।୭(ଏଜେନ୍ସି): ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସହାକ ଦାରଙ୍କ ନାତି ମହମ୍ମଦ ରଜା ଦାର୍‌ଙ୍କ ସମେତ ୪ ଜଣଙ୍କୁ ଦୁଇ ବିଦେଶୀ ମହିଳାଙ୍କୁ ଗଣଦୁଷ୍କର୍ମ ଓ ଅପହରଣ କରିବା ଅଭିଯୋଗରେ ଲାହୋର ପୁଲିସ ଗିରଫ କରିଛି। କୋର୍ଟ ଅଭିଯୁକ୍ତମାନଙ୍କୁ ୫ ଦିନିଆ ପୁଲିସ ରିମାଣ୍ଡରେ ପଠାଇଛନ୍ତି। ନେଦରଲ୍ୟାଣ୍ଡ ଓ ଭେନେଜୁଏଲାର ଦୁଇ ଜଣ ମହିଳା କ୍ରିପ୍ଟୋକରେନ୍ସି ବ୍ୟବସାୟ ପାଇଁ ଗତ ୨୦୨୫ ଅକ୍ଟୋବରରେ ସିଙ୍ଗାପୁରରେ ରଜା ଦାର୍‌ଙ୍କୁ ଭେଟିଥିଲେ। ରଜା ସେମାନଙ୍କୁ ପାକିସ୍ତାନ ଆସିବାକୁ ନିମନ୍ତ୍ରଣ କରି ବିଜନେସ୍ ଭିସା ବ୍ୟବସ୍ଥା କରିଥିଲେ। ଜୁନ୍ ୨୯ରେ ମହିଳା ଦ୍ୱୟ ଲାହୋରରେ ପହଞ୍ଚିବା ମାତ୍ରେ ରଜା ଏବଂ ତାଙ୍କର ୪ ସହଯୋଗୀ ସେମାନଙ୍କୁ ଅପହରଣ କରି ଏକ ଘରକୁ ନେଇଯାଇଥିଲେ। ସେଠାରେ ସେମାନଙ୍କୁ ଗଣଦୁଷ୍କର୍ମ କରାଯିବା ସହ ମୁକ୍ତି ପାଇଁ କୋଟି କୋଟି ଟଙ୍କା ମଗାଯାଇଥିଲା। ପୀଡ଼ିତାଙ୍କ ମଧ୍ୟରୁ ଜଣଙ୍କ ପିତା ସ୍ପେନ୍‌ରୁ ପୁଲିସକୁ ଫୋନ୍ କରି ସୂଚନା ଦେବା ପରେ ଲାହୋର ପୁଲିସ ଚଢ଼ାଉ କରି ମହିଳାମାନଙ୍କୁ ଉଦ୍ଧାର କରିଥିଲା। ମାମଲାର ମୁଖ୍ୟ ଅଭିଯୁକ୍ତ ରଜା ଦାର୍ ବୋଲି ପୀଡ଼ିତାମାନେ କୋର୍ଟରେ ଚିହ୍ନଟ କରିଛନ୍ତି।

# ଆତଙ୍କବାଦ ବନ୍ଦ ନ କରିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ମିଳିବ ନାହିଁ



ନୂଆଦିଲ୍ଲୀ, ୩।୭(ଏଜେନ୍ସି): ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) କୁ ନେଇ ଭାରତ ସରକାର ଶୁକ୍ରବାର ଦିନ ନିଜର ଆଭିମୁଖ୍ୟ ପୁନର୍ବାର ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ନକରିବା ପର୍ଯ୍ୟନ୍ତ ଏହି ଚୁକ୍ତି ସ୍ଥଗିତ ରହିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରକାଶ କରିଛି। ଏହା ସହିତ ଆଫଗାନିସ୍ତାନ ଉପରେ ପାକିସ୍ତାନର ସାମରିକ ଆକ୍ରମଣକୁ ଭାରତ ନିନ୍ଦା କରିଛି ଏବଂ ଭେନେଜୁଏଲାରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବି କରିଛି। ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ୍ ମଲିକ ଧମକପୂର୍ଣ୍ଣ ସ୍ୱରରେ କହିଥିଲେ ଯେ, ଯଦି କେହି ସିନ୍ଧୁ ଚୁକ୍ତି ଅନୁଯାୟୀ ପାକିସ୍ତାନ ଭାଗର ପାଣି ରୋକିବାକୁ ଚେଷ୍ଟା କରିବ, ତେବେ ତାର 'ହାତ କାଟି ଦିଆଯିବ'। ଅନ୍ୟପଟେ ପାକିସ୍ତାନର ସୂଚନା ମନ୍ତ୍ରୀ ଅଟ୍ଟାଉଲ୍ଲା ତାରାର କହିଛନ୍ତି ଯେ ୧୯୬୦ ମସିହାର ଏହି ଚୁକ୍ତି ଆଇନଗତ ଭାବେ ବାଧ୍ୟତାମୂଳକ ଏବଂ ଏହାକୁ ଏକପାଖିଆ ଭାବେ ବଦଳାଯାଇପାରିବ ନାହିଁ। ଏହାର ଜବାବରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ, ଭାରତର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ପାକିସ୍ତାନ ଆତଙ୍କବାଦକୁ ପ୍ରଶ୍ରୟ ଦେବା ବନ୍ଦ କରୁ ବୋଲି ଭାରତ ଚାହେଁ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବରୁ କହିଥିଲେ ଯେ, 'ରକ୍ତ ଏବଂ ପାଣି ଏକାଠି ବହିପାରିବ ନାହିଁ'। ଭାରତର ଯୁକ୍ତି ହେଉଛି ଯେ ସମୟ ବଦଳିବା ସହ ଏହି ଚୁକ୍ତି ଅସମାନ ହୋଇଯାଇଛି, କାରଣ ଭାରତର ଜଳ ଆବଶ୍ୟକତା ବଢୁଥିଲେ ମଧ୍ୟ ପାକିସ୍ତାନକୁ ପଶ୍ଚିମ ନଦୀଗୁଡ଼ିକ ଉପରେ ଅଧିକ ସ୍ୱାଧିକାର ମିଳିଛି। ପାକିସ୍ତାନ ଏହାକୁ ବେଆଇନ ବୋଲି କହି ଜାତିସଂଘ ଏବଂ ଆନ୍ତର୍ଜାତୀୟ ସ୍ତରରେ ଭାରତ ବିରୋଧରେ ପ୍ରଚାର କରୁଛି। ସେହିପରି ଆଫଗାନିସ୍ତାନ ସୀମା ଭିତରେ ପାକିସ୍ତାନ କରିଥିବା ସାମରିକ ଆକ୍ରମଣକୁ ଭାରତ ତୀବ୍ର ସମାଲୋଚନା କରିଛି। ଏହି ଆକ୍ରମଣରେ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ଭାରତ ଆଫଗାନିସ୍ତାନର ସାର୍ବଭୌମତ୍ୱକୁ ସମର୍ଥନ କରେ ଏବଂ ସେଠାରେ ମାନବୀୟ ସହାୟତା ଓ ବିକାଶମୂଳକ କାର୍ଯ୍ୟ ଜାରି ରଖିବ ବୋଲି ମନ୍ତ୍ରଣାଳୟ କହିଛି। ଅନ୍ୟ ଏକ ଘଟଣା କ୍ରମରେ ଭେନେଜୁଏଲାରେ ଭାରତୀୟ ନାବିକ ରାକେଶ ଚୌହାନଙ୍କ ମୃତ୍ୟୁ ଏବଂ ତାଙ୍କ ଶରୀରରୁ କିଛି ଅଙ୍ଗ ଗାୟବ ଥିବା ଅଭିଯୋଗ ଉପରେ ଭାରତ ଚିନ୍ତା ପ୍ରକଟ କରିଛି। କାରାକାସ୍‌ରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ଭେନେଜୁଏଲା ପ୍ରଶାସନକୁ ଅନୁରୋଧ କରିଛି। ଭାରତ ସ୍ପଷ୍ଟ କରିଦେଇଛି ଯେ ଆଲୋଚନା ଏବଂ ଆତଙ୍କବାଦ ଏକାଠି ଚାଲିପାରିବ ନାହିଁ। ପାକିସ୍ତାନର କୌଣସି ପ୍ରକାର ଗୀଦଡ଼ ଭବାଲି କିମ୍ବା ଆନ୍ତର୍ଜାତୀୟ ଚାପ ଆଗରେ ଭାରତ ନିଜ ଜାତୀୟ ସୁରକ୍ଷା ଓ ଜଳ ଅଧିକାରକୁ ନେଇ କଦାପି ମୁଣ୍ଡ ନୁଆଁଇବ ନାହିଁ।

## ପାକିସ୍ତାନକୁ ଜବାବ ଦେଲା ଭାରତ

## ଆରମ୍ଭ ହେଲା ଅମରନାଥ ଯାତ୍ରା, ପ୍ରତି ୨ କିମିରେ ଅକ୍ସିଜେନ୍ ବୁଥ୍



ନୂଆଦିଲ୍ଲୀ, ୩।୭(ଏଜେନ୍ସି): ହିମାଳୟର ଉଚ୍ଚ ଉପତ୍ୟକାରେ ଆଜିଠାରୁ 'ବାବା ବର୍ଫାନୀ'ଙ୍କ ଜୟ ସ୍ଲୋଗାନ ସହ ଚଳିତ ବର୍ଷର ପବିତ୍ର ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୫୭ ଦିନ (ଅଗଷ୍ଟ ୨୮ ପର୍ଯ୍ୟନ୍ତ) ଧରି ଚାଲିବାକୁ ଥିବା ଏହି ଯାତ୍ରାରେ ଚଳିତ ବର୍ଷ ୪ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ସାମିଲ ହେବାର ସମ୍ଭାବନା ରହିଛି। ପ୍ରଥମ ଦଳରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୨୫୯ଟି ଗାଡ଼ିରେ ୪, ୮୨୨ ଜଣ ଶ୍ରଦ୍ଧାଳୁ (୩୭୦୭ ପୁରୁଷ, ୮୧୬ ମହିଳା, ୧୬ ଶିଶୁ ଏବଂ ୨୪୬ ସାଧୁ) ବାଲ୍‌ଟାଲ୍ ଓ ପହଲଗାମ୍ ରୁଟ୍ ଦେଇ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ୩, ୮୮୮ ମିଟର ଉଚ୍ଚରେ ଥିବା ପବିତ୍ର ଗୁମ୍ଫାରେ ପ୍ରାକୃତିକ ବରଫ ଶିବଲିଙ୍ଗଙ୍କ ଦର୍ଶନ କରିବେ। ବାଲ୍‌ଟାଲ୍ ରୁଟ୍‌ର ଭୂସ୍ଖଳନ ପ୍ରବଣ ଅଞ୍ଚଳକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ୧୨ଟି ୱାଟରପ୍ରୁଫ୍ (ବର୍ଷା ନିରୋଧୀ) ଡୋମ୍ ଏବଂ ବଡ଼ ଜରୁରୀକାଳୀନ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଡିଜିଟାଲ୍ ସ୍କ୍ରିନ୍ ମାଧ୍ୟମରେ ଲାଇଭ୍ ପାଣିପାଗ ଅପଡେଟ୍ ଦିଆଯାଉଛି। ପାର୍ବତ୍ୟ ଅଞ୍ଚଳରେ ଶ୍ୱାସକ୍ରିୟାରେ ସମସ୍ୟା ଭୋଗୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତି ୧ରୁ ୨ କିଲୋମିଟର ବ୍ୟବଧାନରେ ଅକ୍ସିଜେନ୍ ବୁଥ୍ ସ୍ଥାପନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମନ୍ତବ୍ୟ ଦେଇ ଡିଏମ୍‌କେ ବିଧାୟକ ଗିରଫ

ଚେନ୍ନଇ, ୩।୭(ଏଜେନ୍ସି):ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଆପତ୍ତିଜନକ ଓ ଉତ୍ତେଜନାମୂଳକ ମନ୍ତବ୍ୟ ଦେବା ଅଭିଯୋଗରେ ଡିଏମକେ ଦଳର ବରିଷ୍ଠ ବିଧାୟକ ଅନିଥା ଆର ରାଧାକ୍ରିଷ୍ଣନଙ୍କୁ ଶୁକ୍ରବାର ଦିନ ପୁଲିସ ଗିରଫ କରିଛି। ମାଡ୍ରାସ ହାଇକୋର୍ଟ ତାଙ୍କର ଅଗ୍ରିମ ଜାମିନ ଆବେଦନକୁ ଖାରଜ କରିବା ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୨୦ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ କରୁଣାନିଧିଙ୍କ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ରାଧାକ୍ରିଷ୍ଣନ ଏହି ବିବାଦୀୟ ବୟାନ ଦେଇଥିଲେ। ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଚେହେରା ଏବଂ ଚଳଚ୍ଚିତ୍ର ଜଗତରୁ ରାଜନୀତିକୁ ତାଙ୍କର ଆଗମନକୁ ନେଇ କଟାକ୍ଷ କରିଥିଲେ। ବିଧାନସଭାରେ ଏକ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଆଚରଣକୁ ଜଣେ ଗ୍ରାହକଙ୍କ ସହ ତୁଳନା କରି ସେ ପରିହାସ କରିଥିଲେ, ଯାହାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ ଜଣେ ନିର୍ବାଚିତ ଜନପ୍ରତିନିଧି ଭାବରେ ଏଭଳି ଅଶୋଭନୀୟ ମନ୍ତବ୍ୟ ଦେବା ଜମାରୁ ଉଚିତ ନୁହେଁ। ତାମିଲନାଡୁରେ ୧୯୬୭ ମସିହାରୁ ସିନେମା ଜଗତର ବ୍ୟକ୍ତିମାନଙ୍କୁ ଜନସାଧାରଣ ଭୋଟ୍ ଦେଇ ନେତା ଭାବେ ବାଛୁଥିବାରୁ ଏଭଳି ମନ୍ତବ୍ୟ ଅନାବଶ୍ୟକ ବୋଲି କୋର୍ଟ ପ୍ରକାଶ କରିଛନ୍ତି। ଅନ୍ୟପଟେ, ଡିଏମକେ ସାଂସଦ କନିମୋଝି ଏହି ଗିରଫଦାରୀକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ସରକାରଙ୍କ ଦମନମୂଳକ ଓ ଏକଛତ୍ରବାଦୀ ନୀତି ବୋଲି ଅଭିହିତ କରିଛନ୍ତି।


# ଇରାନୀ ନେତାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରିଥିଲା ଇସ୍ରାଏଲ

ୱାଶିଂଟନ, ୩।୭(ଏଜେନ୍ସି): ଇରାନର ଶୀର୍ଷସ୍ତରୀୟ ଶାନ୍ତି ଆଲୋଚନାକାରୀଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ ରଚିଥିବା ଏକ ଗୁପ୍ତ ଷଡ଼ଯନ୍ତ୍ର ବାବଦରେ ଆମେରିକା ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଚଳିତ ବର୍ଷ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଯୁଦ୍ଧବିରତି ପ୍ରକ୍ରିୟାକୁ ରକ୍ଷା କରିବା ପାଇଁ ଆମେରିକା ମଧ୍ୟପ୍ରାଚ୍ୟର କେତେକ ଦେଶ ଜରିଆରେ ଇରାନକୁ ଏହି ସାଙ୍ଘାତିକ ଖବର ପହଞ୍ଚାଇଥିବା ଜଣାପଡ଼ିଛି। ଇସ୍ରାଏଲର ଏହି ସମ୍ଭାବ୍ୟ ଆକ୍ରମଣ ଯୋଜନାର ମୁଖ୍ୟ ଟାର୍ଗେଟରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏବଂ



- ଇରାନକୁ ସତର୍କ କଲା ଆମେରିକା
- ଶାନ୍ତି ଆଲୋଚନା ବିଗାଡ଼ିବାକୁ ଥିଲା ଯୋଜନା

ସଂସଦ ଅଧ୍ୟକ୍ଷ ମହମ୍ମଦ ବାଘେର ଗାଲିବାଫ ଥିଲେ। ଯଦି ଏହି ଦୁଇ ନେତାଙ୍କ ଉପରେ ଆକ୍ରମଣ ହୋଇଥାନ୍ତା, ତେବେ ଚାଲୁ ରହିଥିବା ଶାନ୍ତି ଆଲୋଚନା ସମ୍ପୂର୍ଣ୍ଣ ଭାବେ ଭଣ୍ଡୁର ହୋଇଯାଇଥାନ୍ତା ବୋଲି ଆମେରିକୀୟ ଅଧିକାରୀମାନେ ଆଶଙ୍କା ପ୍ରକାଶ କରିଥିଲେ। ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଇରାନର ଶୀର୍ଷ ନେତୃତ୍ୱକୁ ଶେଷ କରିବା ଇସ୍ରାଏଲର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି କ୍ରମରେ ପୂର୍ବରୁ ଆମେରିକା ସହ ଆଲୋଚନାରେ ସାମିଲ ଥିବା ଇରାନର ଦୁଇ ପ୍ରମୁଖ ନେତା ଅଲି ଲାରିଜାନି ଏବଂ କମାଲ ଖରାଜି ଇସ୍ରାଏଲ ବିମାନ ଆକ୍ରମଣରେ ପ୍ରାଣ ହରାଇଥିଲେ। କିନ୍ତୁ ଏପ୍ରିଲରୁ ଯେତେବେଳେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ହେଲା, ସେତେବେଳେ ଆମେରିକା ଚାହୁଁନଥିଲା ଯେ ଇସ୍ରାଏଲ ପୁଣି କୌଣସି ବଡ଼ ନେତାଙ୍କୁ ହତ୍ୟା କରି ପରିସ୍ଥିତିକୁ ଜଟିଳ କରୁ। ଏପରିକି ଆମେରିକାର ଚାପ ଯୋଗୁଁ ଇସ୍ରାଏଲ ନିଜର ହିଟ୍ ଲିଷ୍ଟ ବା ସଂହାର ତାଲିକାରୁ ଆରାଗଚି ଏବଂ ଗାଲିବାଫଙ୍କ ନାମ ହଟାଇବାକୁ ବାଧ୍ୟ ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଗାଲିବାଫଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ ଚେଷ୍ଟା ଚଳାଇଥିଲା ଏବଂ ସେ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ଇସ୍ରାଏଲର ଏହି ଆକ୍ରୋଶମୂଳକ ମନୋଭାବ ପଛରେ ରହିଛି ଶାନ୍ତି ଚୁକ୍ତିକୁ ନେଇ ଅସନ୍ତୋଷ। ନିକଟରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଏକ ପ୍ରାଥମିକ ସାମୁଦ୍ରିକ ଓ ପରମାଣୁ ସମ୍ପର୍କିତ ବୁଝାମଣାକୁ ଇସ୍ରାଏଲ ସହଜରେ ଗ୍ରହଣ କରିପାରୁନାହିଁ। ଇସ୍ରାଏଲର ମତରେ, ଏହି ଚୁକ୍ତି ଦ୍ୱାରା ଇରାନ ଆର୍ଥିକ ସହାୟତା ପାଇ ପୁଣି ଶକ୍ତିଶାଳୀ ହେବ।



୧୪ ଦିନିଆ ବିଚାର ବିଭାଗୀୟ ହେପାଜତକୁ ପଠାଗଲା

## କୋଡ୍ ୱାର୍ଡରେ ଚାଟିଂ କରୁଥିଲେ ସିୟା ଓ ଚେତନ

ପୁଣେ, ୩।୭ (ଏଜେନ୍ସି): ପୁଣେର ଜଣେ ଜଣାଶୁଣା ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିବା ମାମଲାରେ ପୁଣେର ଏକ କୋର୍ଟ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ (୨୦) ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀ (୨୨)ଙ୍କୁ ଜୁଲାଇ ୧୬ ପର୍ଯ୍ୟନ୍ତ ୧୪ ଦିନିଆ ବିଚାରବିଭାଗୀୟ ହେପାଜତକୁ ପଠାଇଛନ୍ତି। କୋର୍ଟ ପୋଲିସର ରିମାଣ୍ଡ ବଢ଼ାଇବା ଆବେଦନକୁ ଖାରଜ କରିଦେଇଛନ୍ତି। ପୁଲିସ୍ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ଜୁନ୍ ୧୮ ରେ ଲୋହଗଡ଼ ଦୁର୍ଗର ଏକ ୪୦୦ ଫୁଟ୍ ଗଭୀର ଖାତକୁ କେତନଙ୍କୁ ଠେଲିବା ପୂର୍ବରୁ ସିୟା ଏବଂ ଚେତନ ପୁଣେର ଲୁଲ୍ଲାନଗର ଅଞ୍ଚଳରେ ଏହାର ରିହର୍ସାଲ୍ ବା ଅଭ୍ୟାସ ମଧ୍ୟ କରିଥିଲେ। ପରସ୍ପରକୁ ଠେଲି ସେମାନେ କେମିତି ବିନା ପ୍ରମାଣରେ ହତ୍ୟା କରିବେ, ତା'ର କୌଶଳ ଶିଖିଥିଲେ। ଦୁହେଁ ଅପରାଧ ଲୁଚେଇବା ପାଇଁ କୋଡ୍ ୱାର୍ଡରେ ଚାଟିଂ କରୁଥିଲେ। ଯୋଜନା ମୁତାବକ, ଲୋହଗଡ଼ ଦୁର୍ଗର ସେହି ପାହାଡ଼ ଉପରେ ପହଞ୍ଚିବା ପରେ ସିୟା ତଳେ ବସିପଡ଼ି ଚେତନକୁ ସଙ୍କେତ ଦେଇଥିଲେ ଏବଂ ଚେତନ ପଛରୁ ଆସି କେତନଙ୍କୁ ତଳକୁ ଠେଲି ଦେଇଥିଲେ। ଚଳିତ ବର୍ଷ ନଭେମ୍ବରରେ କେତନ ଓ ସିୟାଙ୍କର ବିବାହ ହେବାର ଥିଲା। ଉଭୟଙ୍କ ମୋବାଇଲ୍‌ରୁ ମିଳିଥିବା କୋଡ୍ ଲାଙ୍ଗୁଏଜ୍ (ସଙ୍କେତ ଭାଷା) ଏବଂ ଚାଟ୍‌ର ରହସ୍ୟ ଖୋଲିବା ପାଇଁ ପୁଲିସ୍ ଆଉ ୩ ଦିନର ରିମାଣ୍ଡ ମାଗିଥିଲା, ଯାହାକୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। ପୁଲିସ୍ ବର୍ତ୍ତମାନ ଉଭୟଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ଅନୁମତି ଲୋଡ଼ିଛି।



## 'ହନିମୁନ' ହତ୍ୟା ଅଭିଯୁକ୍ତ ସୋନମର ଜାମିନ ରଦ୍ଦ ହେବନି

ନୂଆଦିଲ୍ଲୀ, ୩।୭(ଏଜେନ୍ସି): ମେଘାଳୟରେ ହନିମୁନ ସମୟରେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ହତ୍ୟା କରିବା ମାମଲାର ମୁଖ୍ୟ ଅଭିଯୁକ୍ତ ସୋନମ ରଘୁବଂଶୀଙ୍କ ଜାମିନ ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି। କୋର୍ଟ କହିଛନ୍ତି ଯେ ଅଭିଯୁକ୍ତ ଜେଲରୁ ମୁକୁଳି ସାରିଥିବାରୁ ଏହି ପର୍ଯ୍ୟାୟରେ ଜାମିନ ସ୍ଥଗିତ କରାଯାଇପାରିବ ନାହିଁ। ଯଦି ସେ ଜେଲରେ ଥାଆନ୍ତେ, ତେବେ ଜାମିନ ଆଦେଶ ଉପରେ ରୋକ୍ ଲଗାଯାଇଥାନ୍ତା। ତେବେ ହାଇକୋର୍ଟଙ୍କ ଜାମିନ ପ୍ରଦାନର ଯୁକ୍ତିକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ମେଘାଳୟ ସରକାରଙ୍କ ଆବେଦନ ଉପରେ ସୋନମଙ୍କୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଏମ୍‌ଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ ଶୀଲ ନାଗୁଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ, କେବଳ ଆଇନର ଭୁଲ ଧାରା ଉଲ୍ଲେଖ ହେବା ଭଳି ଏକ ବୈଷୟିକ ତ୍ରୁଟି ପାଇଁ ହାଇକୋର୍ଟ ଜାମିନ ଦେବା କେତେଦୂର ଯୁକ୍ତିଯୁକ୍ତ? ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଥିଲା, ଯେଉଁଠାରେ ସୋନମ ଓ ତାଙ୍କ ସହଯୋଗୀମାନେ ସ୍ୱାମୀଙ୍କୁ ହତ୍ୟା କରି ଗଭୀର ଖାତକୁ ଫିଙ୍ଗି ଦେଇଥିଲେ। ମେଘାଳୟ ହାଇକୋର୍ଟ ଜୁନ୍ ୨୯ରେ ସୋନମଙ୍କୁ ଜାମିନ ଦେଇଥିଲେ।

# ସରିଲା ଶ୍ରୀଅଙ୍ଗ ଫିଟା ନୀତି: ଆଜି ଫୁଲୁରୀ ତେଲ ଲାଗି

ପୁରୀ,୩।୭ (ସମିସ): ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡିଛନ୍ତି ଦାରୁବିଗ୍ରହ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିପଡିଛନ୍ତି ଦଇତାପତି ସେବକ। ଚାଲିଛି ଉପଚାର। ତେବେ ଶୁକ୍ରବାର ଅଣସରର ପଞ୍ଚମ ଦିବସ। ଏହିଦିନ ଠାକୁର ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ, ଶ୍ରୀମୁଖରେ ଥିବା କନା ଆଦି କଢାଯାଇଛି। ଏହାକୁ ଶ୍ରୀଅଙ୍ଗ ଫିଟା ନୀତି କୁହାଯାଏ। ଶ୍ରୀମୁଖରୁ ଯେଉଁ କନା (ବିରୂପ) ବାହାରେ ତାକୁ ଅଲଗା ରଖାଯାଏ। ଏହି କନାକୁ ଅଣସର ଶୁଦ୍ଧସୁଆର ସେବକ ତ୍ରୟୋଦଶୀ ରାତିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରିଥାନ୍ତି। ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, ପାଟଡୋରୀକୁ ଦ୍ୱାଦଶୀରେ ରାଜପ୍ରସାଦ ଆକାରରେ ଶ୍ରୀନଅରକୁ ବିଜେ କରାଯାଏ। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ। ମହାପ୍ରଭୁ କିପରି ସୁସ୍ଥ ହେବେ ସେଥିପାଇଁ ଶନିବାର ଶ୍ରୀଅଙ୍ଗରେ ଲାଗି ହେବ ଫୁଲୁରୀ ତେଲ। ପୂର୍ବ ପରମ୍ପରା ଅନୁଯାୟୀ, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଏହି ଫୁଲୁରୀ ତେଲ ବଡ଼ଓଡିଆ ମଠ ଯୋଗାଇଦେବ। ରାଶି ତେଲରେ ବିଭିନ୍ନ ପ୍ରକାର ଚେର, ଔଷଧୀୟ ଫୁଲ ଆଦି ମିଶାଯାଇ ଗୋଟିଏବର୍ଷ ପୂର୍ବରୁ ମାଟିତଳେ ପୋତା ଯାଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଏହି ଫୁଲୁରୀ ତେଲ ଲାଗି କରିବେ।

## ମଧୁବାବୁ ପେନ୍‌ସନ୍ ଯୋଜନାରେ ମହାଦୁର୍ନୀତି

# ୩୦.୭୮ ଲକ୍ଷ ହଡ଼ପ, ୨ ପିଇଓ ଗିରଫ

ପୁରୀ,୩।୭ (ସମିସ): ମଧୁବାବୁ ପେନସନ୍ ଯୋଜନା (ଏମ୍‌ବିପିୱାଇ) ଅର୍ଥରୁ ୩୦ ଲକ୍ଷ ୭୮ ହଜାର ୬୨୦ ଟଙ୍କା ହଡ଼ପ ଅଭିଯୋଗରେ ଭିଜିଲାନ୍ସ ଶୁକ୍ରବାର ପୁରୀ ଜିଲ୍ଲାର ଦୁଇଜଣ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗଡ଼ମୃଗଶିରା ଓ ଜମାରସୁଆଁ ଗ୍ରାମପଞ୍ଚାୟତର ପୂର୍ବତନ ପିଇଓ ସୁଲମଣି ଜାନି (ବର୍ତ୍ତମାନ ସଦର ବ୍ଲକ କାର୍ଯ୍ୟାଳୟରେ ସଂଲଗ୍ନ) ଏବଂ କଣାସ ବ୍ଲକ ସାହୁପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ପିଇଓ ଟୁନା ପ୍ରଧାନ(ବର୍ତ୍ତମାନ ଗୋପ ବ୍ଲକ କାର୍ଯ୍ୟାଳୟରେ ସଂଲଗ୍ନ)। ଉଭୟଙ୍କୁ ଭୁବନେଶ୍ୱରସ୍ଥିତ କୋର୍ଟକୁ ଚାଲାଣ କରାଯାଇଛି। ଓଡ଼ିଶା ଭିଜିଲାନ୍ସର ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଦୁଇ ଅଧିକାରୀ ୨୦୨୨ରୁ ୨୦୨୫ ମଧ୍ୟରେ ନିଜ ପ୍ରଶାସନିକ ପଦର ଅପବ୍ୟବହାର କରି ସୁଚିନ୍ତିତ ଆର୍ଥିକ ଠକେଇ କରିଛନ୍ତି। ବୃଦ୍ଧ, ଦିବ୍ୟାଙ୍ଗ ଓ ନିରାଶ୍ରୟ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ମଧୁବାବୁ ପେନସନ୍ ଟଙ୍କାକୁ ବଣ୍ଟନ ନ କରି ନିଜ ଲାଭ ପାଇଁ ହଡ଼ପ କରିଛନ୍ତି। ସୁଲମଣି ୧୫,୭୪,୮୨୦ ଟଙ୍କା ଏବଂ ଟୁନା ୧୫,୦୩,୮୦୦ ଟଙ୍କା ଏହିପରି ମୋଟ ୩୦,୭୮,୬୨୦ ଟଙ୍କା ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ.୧୩ ଓ ୧୪/୨୦୨୬ରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଅପହରଣ ଅଭିଯୋଗର ୪ ଘଣ୍ଟା ପରେ ଭୁବନେଶ୍ୱରରୁ ନାବାଳିକା ଉଦ୍ଧାର

ନିମାପଡ଼ା, ୩।୭ (ସମିସ): ନିମାପଡ଼ା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ଅପହରଣ ଅଭିଯୋଗର ଚାରି ଘଣ୍ଟା ଭିତରେ ପୁଲିସ ନାବାଳିକାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ନାବାଳିକାକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ଅପହରଣକାରୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ସମରେନ୍ଦ୍ର ପାଇକରାୟ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ଅଞ୍ଚଳ ର ଜଣେ ୧୫ ବର୍ଷୀୟା ନାବାଳିକା ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସାଇକେଲ ନେଇ ସ୍କୁଲ ନିକଟ ନିଜ ସାଙ୍ଗ ଘରକୁ ଗତ ୧ ତାରିଖ ବୁଧବାର ସକାଳ ୯ଟା ସମୟରେ ଆସିଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜା ଓ ସଂପର୍କୀୟଙ୍କ ଘର, ନାବାଳିକାର ସାଙ୍ଗସାଥୀ ଘର ଖୋଜି ନ ପାଇବାରୁ ଗତ ୨ ତାରିଖ ସନ୍ଧ୍ୟା ସମୟରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଅପହରଣକାରୀ ଭୁବନେଶ୍ୱର ପାତ୍ରପଡ଼ାର ଫୋନ୍ ମାଧ୍ୟମରେ ନାବାଳିକାଙ୍କ ପରିବାରକୁ ଧମକ ଦେବା ସହ ଅଭଦ୍ର ଭାଷାରେ ଗାଳି ମନ୍ଦ କରିଥିଲା। ନାବାଳିକା ପରିବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ସମରେନ୍ଦ୍ର ପାଇକରାୟ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ବେଳେ ନାବାଳିକାକୁ ଅପହରଣକାରୀ ଅପହରଣ କରି ଭୁବନେଶ୍ୱର ପାତ୍ରପଡ଼ାରେ ରଖିଥିବା ଖବର ପାଇ ନିମାପଡ଼ା ଥାନା ପୋଲିସ ସେଠାରେ ଚଢ଼ଉ କରି ଚାରି ଘଣ୍ଟା ମଧ୍ୟରେ ନାବାଳିକାକୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି।

# ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୩।୭ (ସମିସ): ରାଜ୍ୟର ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର ରୋଗୀମାନଙ୍କ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ ମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଛି। ସରକାର ଅହଙ୍କାର ମନୋଭାବ ରଖି ଡାକ୍ତରମାନଙ୍କ ନ୍ୟାୟୋଚିତ ଦାବି ବିଷୟରେ ଆଲୋଚନା ନ କରି ରୋଗୀମାନଙ୍କ ଜୀବନ ସହ ଖେଳୁଥିବାରୁ ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସରକାରଙ୍କ ଉପରେ ବର୍ଷିଛନ୍ତି।



ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ୯ ଜାନୁଆରୀ ୨୦୨୬ରେ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମସା)ର କର୍ମକର୍ତ୍ତାଙ୍କ ସହ ଡାକ୍ତରମାନଙ୍କର ୧୦ ଦଫା ଦାବି ଉପରେ ଆଲୋଚନା ହୋଇଥିଲା।ଦୁଇରୁ ତିନି ମାସ ମଧ୍ୟରେ ସମାଧାନର ବାଟ ବାହାର କରାଯିବ ବୋଲି ସରକାରଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା; କିନ୍ତୁ କମିଟି ଗଠନ ହୋଇପାରିଲା ନାହିଁ। ଫଳସ୍ୱରୂପ ଜୁଲାଇ ୧ ତାରିଖରୁ ଧର୍ମଘଟ ନେଇ ଓମସା ନୋଟିସ ଦେଇଥିଲା। ଜୁନ୍ ୨ ତାରିଖରେ ସରକାରଙ୍କ ସହ ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଭରଯୋଗ୍ୟ ଆଶ୍ୱାସନା ମିଳିନଥିଲା। ୩୦ ଜୁନ୍ ବୈଠକରେ ଡାକ୍ତରମାନଙ୍କ ଦାବି ଉପରେ ସରକାରଙ୍କ ପକ୍ଷରୁ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ମିଳିବାରୁ ଧର୍ମଘଟ ସ୍ଥଗିତ ହୋଇପାରିଲା ନାହିଁ। ଡାକ୍ତରମାନଙ୍କ ଧର୍ମଘଟ ଯୋଗୁଁ ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସ୍ୱାସ୍ଥ୍ୟସେବା ସ୍ୱାଭାବିକ କରନ୍ତୁ, ନ ହେଲେ କୌଣସି ଅଘଟଣ ଘଟିଲେ, ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ଗତ ତିନି ଦିନ ଧରି ରାଜ୍ୟର ସରକାରୀ ଡାକ୍ତରଖାନା ଗୁଡ଼ିକରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ବିଜେଡି ସରକାର ସମୟରେ ଡିଏସିପିର ୬, ୧୨,

**ସରକାରଙ୍କ ଅପାରଗତା ଲାଗି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

**ଡାକ୍ତରମାନଙ୍କ ପଞ୍ଜିକରଣ ବାତିଲ ଧମକ ଲଜ୍ଜାଜନକ**

୧୮ ଓ ୨୪ ବର୍ଷର ପଦୋନ୍ନତି ବ୍ୟବସ୍ଥାକୁ ମଞ୍ଜୁର କରାଯାଇଥିଲା। ବୀମା ସହିତ ଡାକ୍ତରମାନଙ୍କ ଅନ୍ୟାନ୍ୟ ଆନୁଷଙ୍ଗିକ ଦାବି ପୂରଣ କରାଯାଇଥିଲା। ଡାକ୍ତରମାନଙ୍କୁ କର୍ମ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇନର ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ କେନ୍ଦ୍ରୀୟ ଡିଏସିପି ଲାଗୁ କରିବା ପାଇଁ ଓମସା ଦାବି କରିଛି। ଦାବି ପୂରଣ କରିବା ପରିବର୍ତ୍ତେ ସରକାର ନିଜର ଗର୍ବ ଓ ଅହଂକାରକୁ ଆଗରେ ରଖି କାର୍ଯ୍ୟ କରୁଛନ୍ତି। ରୋଗୀ ସେବାକୁ ପ୍ରାଥମିକତା ଦେଇ ଡାକ୍ତରମାନଙ୍କ ସହ ସରକାର ଆଲୋଚନା କରନ୍ତୁ, ସେମାନଙ୍କ ଦାବି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

ପ୍ରତାପ ଜେନା କହିଥିଲେ ଯେ ବର୍ତ୍ତମାନ ସରକାରୀ ଡାକ୍ତରଖାନାଗୁଡ଼ିକର ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ହୋଇପଡ଼ିଛି, ଯାହାର ପ୍ରଭାବ ସାଧାରଣ ରୋଗୀଙ୍କ ଉପରେ ପଡୁଛି। ଗତ ୩ ଦିନ ଧରି ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଥିବାରୁ ଉଦେବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ଡାକ୍ତରମାନେ ଆନ୍ଦୋଳନ ବନ୍ଦ ନ କରିବେ, ତେବେ ସେମାନଙ୍କର ପଞ୍ଜୀକରଣ ବାତିଲ କରାଯିବ ବୋଲି ପାଲଟା ଧମକ ଦିଆଯାଉଛି। ଡାକ୍ତରମାନଙ୍କ ସହ ଆଲୋଚନା କରି ସରକାର ସମାଧାନର ବାଟ ବାହାର କରନ୍ତୁ, ନଚେତ୍ ଓଡ଼ିଶାର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସେ କହିଥିଲେ।

## ରଥଯାତ୍ରା ପାଇଁ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି

# ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ପୁରୀ,୩।୭ (ସମିସ): ରଥଯାତ୍ରାରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ। ପୁରୀ ମହାନଗର ନିଗମ ବହୁ ପୂର୍ବରୁ ଚଳିତ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ସମସ୍ତଙ୍କ ସହଯୋଗ ଓ ସମ୍ମିଳିତ ଭାବେ କାର୍ଯ୍ୟ କରି, ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରାକୁ ସଫଳ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ। ସହରକୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା, ଶୌଚାଳୟ, ପାର୍କିଂ, ଆଲୋକୀକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ।

ବର୍ତ୍ତମାନ ସୁଦ୍ଧା ସହରର ସମସ୍ତ ନଳାକୁ ସଫା କରାଯାଇଛି। ବଡଦାଣ୍ଡର ଉଭୟ ପାର୍ଶ୍ୱ ଡ୍ରେନଗୁଡିକ ଜାଗୃତି ୱେଲଫେୟାର ସଂସ୍ଥା ଦ୍ୱାରା ସଫା ସରିଛି। ୨୪ଟି ପାର୍କିଂ ସ୍ଥଳ ପାଇଁ ବ୍ୟବସ୍ଥା କରାଯାଇଛି। ସହରର ସମସ୍ତ ସାହି,ଗଳି ରାସ୍ତା ମରାମତି କାମ ଓ ମ୍ୟାନହୋଲ ମରାମତି କାମ ସମ୍ପୂର୍ଣ୍ଣ ହୋଇଛି। ବୁଲା ଗାଈଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ କାଞ୍ଜିଆହୁଦା ବ୍ୟବସ୍ଥା କରାଯାଇଛି। ବର୍ଷାକୁ ଆଖି ଆଗରେ ରଖି ୩୦ଟି ଖାଲୁଆ ଅଞ୍ଚଳ ଚିହ୍ନଟ କରାଯାଇ ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ପମ୍ପ ସେଟ ରଖାଯାଇଛି। ଏନଫୋର୍ସମେଣ୍ଟ କାର୍ଯ୍ୟ ନିୟମିତ କରାଯାଇଉଛି।

ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକ ମାନଙ୍କୁ ସଚେତନ କରାଯିବ। କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଫାଇନ କରାଯିବ ବୋଲି ସ୍ଥିର ହୋଇଛି। ଚଳିତ ରଥଯାତ୍ରାରେ ବଡଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ। ଶୁଖିଲା ଖାଦ୍ୟ ବଣ୍ଟା ଯାଇ ପାରିବ, ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ। ବିଭିନ୍ନ ସାଇନଏଜ ବା ସୂଚନା ଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯିବ ବୋଲି ସ୍ଥିର ହୋଇଛି। ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ, ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ ମହାରଣା, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ମହାନଗର ନିଗମର ଅଧିକାରୀମାନେ ଯୋଗଦେଇଥିଲେ।

# ବଜ୍ରପାତରେ ଜଣେ ବରଯାତ୍ରୀ ମୃତ, ୨ ଗୁରୁତର

ଢେଙ୍କାନାଳ,୩।୭ (ସମିସ): ସଦର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପ୍ରସାଦ ଝୁମ୍ପୁଡ଼ିଆ ଗ୍ରାମର ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଯାଉଥିବା ବେଳେ ହଠାତ ବଜ୍ରପାତ ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୋଇଲିପଙ୍ଗି ଗ୍ରାମର ଅମିନ ବେହେରା (୫୨)। ତପନ ଜେନା ଓ ମନୋଜ ଦେହୁରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ଅପରାହ୍ନରେ ଝୁମ୍ପୁଡ଼ିଆ ଗ୍ରାମରୁ ଏକ ବରଯାତ୍ରୀ ଦଳ ଶୋଭାଯାତ୍ରା କରି ରଞ୍ଜା ଗ୍ରାମକୁ ଯାଉଥିଲେ। ବରଯାତ୍ରୀ ଦଳ ରଞ୍ଜା ଛକ ନିକଟରେ ପହଞ୍ଚିଥିବା ସମୟରେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା।

## ମାଓବାଦୀଙ୍କ ବଡ଼ ଅସ୍ତ୍ରାଗାର ଠାବ

# ବିପୁଳ ଅସ୍ତ୍ର ଓ ବିସ୍ଫୋରକ ଜବତ

କୋରାପୁଟ, ୩।୭ (ସମିସ): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଜଙ୍ଗଲରେ କୋରାପୁଟ ଡିଭିଏଫ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇ ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି। ଏସପି ରୋହିତ ବର୍ମା ଏନେଇ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଡିଭିଏଫ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ଯବାନମାନେ ମାଓବାଦୀଙ୍କ ଅସ୍ତ୍ରାଗାର ଠାବ କରି ସେଠାରୁ ଏକ ଦେଶୀ ରିଭଲଭର, ୬ଟି ଦେଶୀ ବନ୍ଧୁକ, ୧୧ଟି ଟିଫିନ ବୋମା ଆଇଇଡି, ୨୦ ମିଟର କୋଡେକ୍ସ ୱାୟାର, ୨୫ଟି ଡିଟୋନେଟର,



୨ଟି କ୍ୟାମେରା ଫ୍ଲାଶ ଲାଇଟ, ୫୦ ଗ୍ରାମ ଗନପାଉଡର ଏବଂ ୬ ରାଉଣ୍ଡ.୩୮ ବୋର ଗୁଳି ଜବତ କରିଥିଲେ। ଜବତ ବିସ୍ଫୋରକ ଏବଂ ମାରଣାସ୍ତ୍ର ଆନ୍ଧ୍ର-ଓଡ଼ିଶା ସୀମା ସ୍ପେସାଲ ଜୋନାଲ କମିଟି ମାଓବାଦୀ ସଂଗଠନର ଥିଲା ଏବଂ ସୁରକ୍ଷା ବାହିନୀ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ପାଇଁ ଗଚ୍ଛିତ ରଖାଯାଇଥିବା ପୁଲିସ ସନ୍ଦେହ କରୁଛି। ସୂଚନା ଥାଉକି, ଦୁଇ ସପ୍ତାହ ପୂର୍ବରୁ ମଧ୍ୟ ବୈପାରୀଗୁଡା ବ୍ଲକର ବାଦୁଡି ଓ ପାହାଡ଼ରୁ ଇନସାସ ସମେତ ବନ୍ଧୁକ ଓ ବହୁ ବିସ୍ଫୋରକ ଡିଭିଏଫ ଦ୍ୱାରା ଉଦ୍ଧାର ହୋଇଥିଲା। ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା ପାଇଁ ଜଙ୍ଗଲ ଅଞ୍ଚଳରେ କମ୍ବିଂ ଅପରେସନ ଜାରି ରହିବ ବୋଲି ଏସପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସପିଙ୍କ ସହ ଅତିରିକ୍ତ ଏସପି ମନୋଜ ପୂଜାରୀ ଏବଂ ଡିଭିଏଫ ଯବାନ ଉପସ୍ଥିତ ଥିଲେ।

# ଅଜିତ ଶାସନୀ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ନିଯୁକ୍ତ

ଭୁବନେଶ୍ୱର, ୩।୭ (ସମିସ): କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଡ. ଅଜିତ କୁମାର ଶାସନୀ ନିଯୁକ୍ତି ପାଇଛନ୍ତି। ସମ୍ପ୍ରତି ଡ. ଶାସନୀ ଲକ୍ଷ୍ନୌର ସିଏସ୍‌ଆଇଆର୍-ନ୍ୟାସନାଲ୍ ବୋଟାନିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏନ୍‌ବିଆର୍‌ଆଇ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ କାର୍ଯ୍ୟକାଳ ୫ ବର୍ଷ କିମ୍ବା ତାଙ୍କୁ ୭୦ ବର୍ଷ ବୟସ ହେଲା ପର୍ଯ୍ୟନ୍ତ ରହିବ। ଯେଉଁଟି ପ୍ରଥମେ ଆସିବ ତାହାକୁ ବିଚାରକୁ ନିଆଯିବ। ରାଷ୍ଟ୍ରପତି ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଏହି ନିଯୁକ୍ତି ପ୍ରଦାନ କରିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ଭାବେ ଡ. ଶାସନୀ ସିଏସ୍‌ଆଇଆର୍-ଏନ୍‌ବିଆର୍‌ଆଇରେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହା ପୂର୍ବରୁ ସେ ଆଇସିଏଆର୍-ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ପ୍ଲାଣ୍ଟ ବାୟୋଟେକ୍ନୋଲୋଜି, ନୂଆଦିଲ୍ଲୀର



ନିର୍ଦ୍ଦେଶକ ଏବଂ ସିଏସ୍‌ଆଇଆର୍-ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିସିନାଲ୍ ଆଣ୍ଡ ଆରୋମେଟିକ୍ ପ୍ଲାଣ୍ଟସ୍, ଲକ୍ଷ୍ନୌର ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଛନ୍ତି। ଏସବୁ କ୍ଷେତ୍ରରେ ସେ ଅନେକ ସଫଳତା ହାସଲ କରିଥିବାବେଳେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହା ପ୍ରତିଫଳିତ ହେବ ବୋଲି ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷାବିତ୍‌ମାନେ ଆଶାବ୍ୟକ୍ତ କରିଛନ୍ତି।

# ଓଡ଼ିଶାରେ ଆୟୋଜିତ ହେବ 'ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'




ଭୁବନେଶ୍ୱର,୩।୭ (ସମିସ): ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରେରଣାଦାୟକ ସଫଳତାର କାହାଣୀକୁ ଜାତୀୟ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡ଼ିଶାରେ ଆୟୋଜିତ ହେବ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆର୍‌ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକ୍ସନ୍ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ପ୍ରତି ଚଳଚ୍ଚିତ୍ରର ଅବଧି ସର୍ବାଧିକ ୫ ମିନିଟ୍ ରହିବା ସହ ଚଳିତ ବର୍ଷର ବିଷୟ 'ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତାର କାହାଣୀ' ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟର ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ମିଡିଆ ଛାତ୍ରଛାତ୍ରୀ ଓ ସ୍ୱାଧୀନ ଚଳଚ୍ଚିତ୍ର ନିର୍ମାତାମାନେ ଅଂଶଗ୍ରହଣ କରି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତା, ସଂଘର୍ଷ ଓ ପ୍ରେରଣାଦାୟକ ଜୀବନ କାହାଣୀ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପଠାଇବାକୁ ଆହ୍ୱାନ ଦିଆଯାଇଛି। ଚଳଚ୍ଚିତ୍ରଟି ଜଣେ ସଫଳ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଜୀବନ କାହାଣୀ

**ଭିନ୍ନକ୍ଷମମାନଙ୍କ ସଫଳତାର କାହାଣୀ ଉପରେ ନିର୍ମିତ ଚଳଚ୍ଚିତ୍ର ପାଇଁ ଆହ୍ୱାନ**

**ଚଳିତ ୭ ତାରିଖ ସୁଦ୍ଧା ଆବେଦନ**

ଉପରେ ଆଧାରିତ ହୋଇଥିବା ବେଳେ ଅଡିଓ ଡିସ୍କ୍ରିପ୍ସନ୍, ସାଙ୍କେତିକ ଭାଷା ବ୍ୟାଖ୍ୟା ସହ ସବ୍‌ଟାଇଟଲ୍ କିମ୍ବା କୋଲାଜ୍ କ୍ୟାପ୍ସନ୍ ବାଧ୍ୟତାମୂଳକ କରାଯାଇଛି। ଆଗ୍ରହୀ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ଚଳିତ ମାସ ୭ ତାରିଖ ସୁଦ୍ଧ ନିଜର ଏଣ୍ଟ୍ରି ପଠାଇବା ସହ ଅଧିକ ସୂଚନା ପାଇଁ www.shortfilmfestodisha.in ୱେବ୍‌ସାଇଟ୍‌ରେ ପରିଦର୍ଶନ କରିପାରିବେ। ପ୍ରାପ୍ତ ଚଳଚ୍ଚିତ୍ରଗୁଡ଼ିକୁ ବିଶିଷ୍ଟ ଜୁରୀ ସଦସ୍ୟମାନେ ୮ ଜୁଲାଇରେ ମୂଲ୍ୟାୟନ କରି ୧୧ ଜୁଲାଇରେ ପୁରସ୍କାର ଘୋଷଣା କରାଯିବ। ମନୋନୀତ ଚଳଚ୍ଚିତ୍ରଗୁଡ଼ିକ ଉତ୍ସବରେ ପ୍ରଦର୍ଶିତ କରାଯିବା ସହ ଜାତୀୟ ଓ ଆଞ୍ଚଳିକ (ଓଡ଼ିଶା) ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ରକୁ ପୁରସ୍କୃତ କରାଯିବ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ସମ୍ମିଳନୀରେ ପ୍ରସିଦ୍ଧ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ଜୁରୀ ସଦସ୍ୟ ଓ ପ୍ୟାନେଲ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

## ଦଳୀୟ ନେତାଙ୍କୁ ପିସିସି ପ୍ରଭାରୀଙ୍କ ସିଧା ଇଙ୍ଗିତ

# ସବୁଠୁ ଉପରେ ଅନୁଶାସନ

ଭୁବନେଶ୍ୱର,୩।୭ (ସମିସ): ଶୁକ୍ରବାର କଂଗ୍ରେସ ଭବନ ଠାରେ ଅଖିଳ ନବ ନିଯୁକ୍ତ ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଛି ପ୍ରଦେଶ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକ। ଏହି ବୈଠକରେ ଯୋଗ ଦେଇ ରାଜ୍ୟ ପ୍ରଭାରୀ ଲାଲ୍‌ଜୀ ଦେଶାଇ ଦଳୀୟ ନେତାଙ୍କୁ ସିଧାସଳଖ ଅନୁଶାସନ ପାଠ ପଢାଇଛନ୍ତି। କଂଗ୍ରେସ ଦଳରେ ଅନୁଶାସନ ପ୍ରଥମ।ଯେତେ ବରିଷ୍ଠ ହେଲେ ମଧ୍ୟ ସଭାପତିଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରିବେ। ଯେତେ ବଡ଼ ନେତା ହେଲେ ମଧ୍ୟ କ୍ଷେତ୍ରକୁ ଯିବାକୁ ହେବ ବୋଲି ଶ୍ରୀ ଦେଶାଇ ସିଧାସଳଖ କହିଛନ୍ତି।




କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଜେପି ଦେଶରେ ସବୁଠାରୁ ଦୁର୍ନୀତିଗ୍ରସ୍ତ।ଓଡ଼ିଶା ରାଜ୍ୟ ଖଣିଖାଦାନରେ ପରିପୂର୍ଣ୍ଣ, କିନ୍ତୁ ବାହାର ରାଜ୍ୟରୁ କମ୍ପାନୀ ଆସି ଏଠାରେ ଲକ୍ଷ ଲକ୍ଷ କୋଟି ଉପାର୍ଜନ କରୁଥିବାବେଳେ ଓଡ଼ିଶାର ଯୁବକ ଯୁବତୀ ଗୁଜୁରାଟ ଓ ଅନ୍ୟାନ୍ୟ ରାଜ୍ୟରେ କାମ କରିବାକୁ ଯାଉଛନ୍ତି। ତେଣୁ ଆମକୁ ଓଡ଼ିଶାର ଗର୍ବ ଓ ଗୌରବ ପ୍ରତି ଦୃଷ୍ଟି ଦେବାକୁ ପଡିବ। କଂଗ୍ରେସ ଦଳକୁ ପ୍ରଥମେ ଓଡ଼ିଶାବାସୀଙ୍କ ହୃଦୟ ଜିତିବାକୁ ପଡିବ। ବିଜେପି ସରକାରର ପ୍ରତ୍ୟେକ ଦୁର୍ନୀତି ବିରୋଧରେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଭିନ୍ନ ପ୍ରସଙ୍ଗ ବିଷୟରେ ସୂଚନା ଦେଇଥିଲେ। ଦଳଠାରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି, ତେଣୁ ଦଳର ଅନୁଶାସନ ସମସ୍ତଙ୍କ ପାଇଁ ଅଗ୍ରାଧିକାର ବୋଲି ସହପ୍ରଭାରୀ ଜେଟି କୁସୁମ କୁମାର କହିଥିଲେ। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଓଡ଼ିଶା ରାଜନୀତିରେ ସୃଷ୍ଟ ଶୂନ୍ୟସ୍ଥାନକୁ ପୂରଣ କରିବାକୁ ହେଲେ କଂଗ୍ରେସକୁ ବହୁତ ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। ବ୍ଲକ୍ ସଭାପତିମାନଙ୍କୁ ନେଇ ଏକ ସମାବେଶ ଆୟୋଜନ କରିବାକୁ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। କେନ୍ଦୁଝରର

**ଯେତେ ବଡ଼ ନେତା ହେଲେ ମଧ୍ୟ କ୍ଷେତ୍ରକୁ ଯିବାକୁ ହେବ**

**ଯେତେ ବରିଷ୍ଠ ହେଲେ ମଧ୍ୟ ସଭାପତିଙ୍କ କଥା ମାନିବେ**

**ପ୍ରଥମେ ହୃଦୟ ଜିତିଲେ ନିର୍ବାଚନ ଜିତିପାରିବ କଂଗ୍ରେସ**

ଡିଏମ୍‌ଏଫ୍ ପାଣ୍ଠିରେ ଥିବା ୧୪,୦୦୦ କୋଟି ଟଙ୍କାର ଏକ ଅଂଶ ଜନଜାତିଙ୍କ ବିକାଶ ପାଇଁ ବିନିଯୋଗ କରିଥିଲେ ଦାଦନ ସମସ୍ୟା ଦୂର ହୋଇଥା'ନ୍ତା ଓ ତେଲକୋଇର ୧୪ ମହିଳାଙ୍କୁ ତାମିଲନାଡୁରେ ମରିବାକୁ ପଡ଼ି ନ ଥା'ନ୍ତା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ। ବାହାରକୁ ଦାଦନ ଖଟିବାକୁ ଯାଇଥିବା ୧.୨୫ କୋଟି ଓଡ଼ିଆଙ୍କ ବିଷୟରେ ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଥିଲେ। ଓଡ଼ିଶାର ବିଦ୍ୟୁତ ଶୁଳ୍କ ନେଇ ଲବଣ ସତ୍ୟାଗ୍ରହ ପରି ଏକ ଆନ୍ଦୋଳନ ଆବଶ୍ୟକ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏକାଧିକ ପ୍ରସଙ୍ଗରେ କଂଗ୍ରେସର ସ୍ୱର ଆହୁରି ଶାଣିତ ହେବା ଦରକାର ବୋଲି ମତ ଦେଇଥିଲେ। ଦଳରେ ଅଧିକ ସଂଖ୍ୟକ ମହିଳା କାର୍ଯ୍ୟକର୍ତ୍ତା ଲୋଡ଼ା ବୋଲି କୋରାପୁଟ ସାଂସଦ ସପ୍ତଗିରି ଉଲାକା ମତ ଦେଇଥିଲେ। ଓଡ଼ିଶା କଂଗ୍ରେସରେ ଏକ ନବଚିନ୍ତନ ବୈଠକ କରିବାକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରସ୍ତାବ ଦେଇଥିଲେ। ରାଜ୍ୟର ଜନସଂଖ୍ୟାର ୯୦ ପ୍ରତିଶତ ଆଦିବାସୀ-ଦଳିତ-ଓବିସି; ସେମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଯୁକ୍ତି ବାଢ଼ିଥିଲେ।

# ଜିଲ୍ଲା ପରିଷଦର ଦଶମ ବୈଠକ: ଜିଲ୍ଲାରେ ଡାକ୍ତର ଅଭାବକୁ ନେଇ ତୁମ୍ବିତୋଫାନ




**ବାରିପଦା, ୩।୭ (ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ଡାକ୍ତର ପଦବୀ ଫାଙ୍କା, ବିପଦସଙ୍କୁଳ ଅଙ୍ଗନବାଡି କେନ୍ଦ୍ର ଓ ବୈଠକରେ ଅଧିକାରୀ ଅନୁପସ୍ଥିତକୁ ନେଇ ଦଶମ ଜିଲ୍ଲା ପରିଷଦ ବୈଠକରେ ତୁମ୍ବିତୋଫାନ ହୋଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅଧକ୍ଷା ଭାରତୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବଚରଣ ମାଝୀ, ବିଧାୟକ ପ୍ରକାଶ ସୋରେନ, ଭାଦବ ହାଁସଦା, ସନାତନ ବିଜୁଳି, ଜଲେନ ନାଏକ, ସଞ୍ଜଳି ମୁର୍ମୁ, ଜିଲ୍ଲା ପରିଷଦ ଉପସଭାପତି ବିପିନ ସିଂ ବାଦ୍ରା ଯୋଗ ଦେଇଥିବାବେଳେ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଜିଲ୍ଲାରେ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ, ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାରେ କାଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ପ୍ରାରମ୍ଭରେ ଗତ ବୈଠକରେ ଉତ୍‌ଥାପିତ ଅଭିଯୋଗ ଓ ପ୍ରସ୍ତାବର ଦୃଢ଼ୀକରଣ ସମୟରେ ବେତନଟୀ ଜୋନ ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ପୂର୍ବ ବୈଠକର ବିବରଣୀ ଉପରେ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ସଦସ୍ୟଙ୍କୁ ସୂଚନା ଦିଆ ନ ଯିବା ଉପରେ ଆପତ୍ତି ଉଠାଇବାରୁ ଜିଲ୍ଲାପାଳ ଭୁଲ ପୁନରାବୃତ୍ତି ନ ହେବା ନେଇ ଜିଲ୍ଲାପରିଷଦ କାର୍ଯ୍ୟାଳୟକୁ ଚେତାବନୀ ଦେଇଥିଲେ। ପରେ ବିଭାଗ ସ୍ତରର ସମୀକ୍ଷା ପୂର୍ବକ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ଆଲୋଚନାରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ବିଏନ ଦାସ ଜିଲ୍ଲାରେ ୪୮୬ଟି ଡାକ୍ତର ପଦବୀ ଖାଲି ପଡିଥିବା କହିଥିଲେ। ମୋରଡା ବ୍ଲକର ଜିଲ୍ଲା ପରିଷଦ ସଦସ୍ୟା ମୋରଡା ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ ପାଇଁ ମନ୍ତ୍ରୀ ଡା ମହାପାତ୍ରଙ୍କୁ କହିବାରୁ ମନ୍ତ୍ରୀଙ୍କ ଉତ୍ତର ଗୃହରେ ତୁମ୍ବିତୋଫାନ ସୃଷ୍ଟି କରିଥିଲା। ୨୪ ବର୍ଷରେ ଡାକ୍ତର ସୃଷ୍ଟି କଲେ ନାହିଁ, ୨ ବର୍ଷରେ କେମିତି ଅଭାବ ପୂରଣ ହେବ କହିବାରୁ ସମସ୍ତ ସଦସ୍ୟ ହୋହାଲ୍ଲା କରିଥିଲେ। ସମସ୍ୟା ସମାଧାନ ବାଟ ନକାଢି କେବଳ ଡାକ୍ତରଖାନା ରଙ୍ଗ ବଦଳାଇ ଏପରି ଉତ୍ତର ପାଇଁ ସଭିଏଁ ବିଦ୍ରୁପ କରିଥିଲେ। ସାଂସଦ ନବଚରଣ ଓ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ହସ୍ତକ୍ଷେପ ପରେ ଗୃହ ଶାନ୍ତ ହୋଇଥିଲା। ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ନୂତନ କ୍ୟାମ୍ପସକୁ ସମ୍ପୂର୍ଣ୍ଣ ସ୍ଥାନାନ୍ତର ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ସମସ୍ୟା ଦେଖାଦେଇଛି। ଏଥିପାଇଁ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରୁ କିଛିଦିନ ପାଇଁ ଡାକ୍ତରଙ୍କୁ ସାମୟିକ ଅସ୍ଥାୟୀ ଦାୟିତ୍ୱ ତୁଲାଇବାକୁ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ସମୟରେ ଡାକ୍ତର ସମସ୍ୟା ସମାଧାନ ହେବ ବୋଲି ସୂଚନା ଦେଇଥିଲେ।

ସେହିପରି ଜିଲ୍ଲାରେ ବିପଦପୂର୍ଣ୍ଣ ଭାବେ ଚାଲିଥିବା ଅଙ୍ଗନବାଡି କେନ୍ଦ୍ର ଉପରେ ଖୁଣ୍ଟା ବ୍ଲକ ଅଧକ୍ଷ ସୁଧନ୍ୟା ନାଏକ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା ଓ ଅନ୍ୟମାନେ ମଧ ସମର୍ଥନ କରିଥିଲେ। ନିଜସ୍ୱ ଗୃହ ନ ଥିବାରୁ ଭଡାଘରେ, ଗଛମୂଳେ, ଚାଳିଆ ଘରେ ଓ ବାରଣ୍ଡାରେ ଅଙ୍ଗନବାଡି କେନ୍ଦ୍ର ଚାଲିଥିବାରୁ ଗୃହରେ ଉଦବେଗ ପ୍ରକାଶ ପାଇଥିଲା। ଜିଲ୍ଲାପାଳ ଏହାର ଉତ୍ତରରେ ବିପଦସଙ୍କୁଳ କେନ୍ଦ୍ରରେ ଅଙ୍ଗନବାଡି କାର୍ଯ୍ୟ ନ କରି ନିକଟ ସ୍କୁଲକୁ ତୁରନ୍ତ ସ୍ଥାନାନ୍ତର ଓ ଭିବି ଜି ରାମଜୀ ଯୋଜନାରେ ତୁରନ୍ତ କମ୍ୟୁନିଟି ଗୃହ ନିର୍ମାଣ କରି ଅଙ୍ଗନବାଡି କେନ୍ଦ୍ର ସ୍ଥାନାନ୍ତର କରିବାକୁ କହିଥିଲେ। ଜିଲ୍ଲାରେ ସାପ କାମୁଡା ଇଞ୍ଜେକ୍ସନ ଆଭ୍ୟନ୍ତରୀଣ ଡାକ୍ତରଖାନାରେ ଉପଲବ୍ଧ ପାଇଁ ଦାବି ଉଠିବା ସହିତ ପିଏଚସି, ସିଏଚସିରେ ଟ୍ରାନ୍ସଫର୍ମର ସ୍ଥାପନ, ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ, ସୁବର୍ଣ୍ଣରେଖା ଜଳସେଚନରେ ପାଣି ଯୋଗାଣ, ପ୍ରତ୍ୟେକ ଲ୍ୟାମ୍ପସରେ ଧାନବିହନ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ

### ବିପଦସଙ୍କୁଳ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ସଦସ୍ୟଙ୍କ ଉଦ୍‌ବେଗ

ହେଉଥିବା ଜନକଲ୍ୟାଣ ଯୋଜନାରୁ କୌଣସି ଯୋଗ୍ୟ ହିତାଧିକାରୀ ଯେମିତି ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସାଂସଦ ଓ ବିଧାୟକ ପରାମର୍ଶ ଦେଇଥିଲେ। ବୈଠକରେ କେତେକ ଅଧିକାରୀ ଅନୁପସ୍ଥିତ ରହିବାକୁ ନେଇ ଗୃହରେ ଉଦବେଗ ପ୍ରକାଶ ପାଇଥିଲା। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସର୍ବସମ୍ମତ ପ୍ରସ୍ତାବ ଆଗତ ହୋଇଥିଲା। ବିଭିନ୍ନ ଯୋଜନା ଅନ୍ତର୍ଗତ ଉନ୍ନୟନ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଲୋଚନା ପ୍ରସଙ୍ଗ କ୍ରମରେ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ,ଅଧ୍ୟକ୍ଷାଙ୍କ ଦ୍ୱାରା ଗୃହରେ ଉପସ୍ଥାପିତ ଅଭିଯୋଗ ଓ ଗଠନମୂଳକ ପ୍ରସ୍ତାବ ଉପରେ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାବିହୀନ ବାସିନ୍ଦା ସଂଘର ବୈଠକ



**ବାରିପଦା, ୩।୭ (ସମିସ):** ସ୍ଥାନୀୟ ପାଲବଣୀଠାରେ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘର କର୍ଯ୍ୟକାରୀ କମିଟି ବୈଠକ ବସି ବାରିପଦା ସହରର ୨୨ ନମ୍ବର ୱାର୍ଡରେ ଜଙ୍ଗଲ ଜମିରେ ବସବାସ କରୁଥିବା ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ଓ ଜଙ୍ଗଲ ଶିରନାମା ଅଧିକାର ପ୍ରଦାନକୁ ସ୍ୱାଗତ କରାଯାଇଛି। ସଂଘର ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ସରକାରଙ୍କ ସକାରାତ୍ମକ ପଦକ୍ଷେପ। ଯାହା ସଂଘ ବହୁଦିନରୁ ଦାବି କରିଆସୁଥିଲା। ବାରିପଦା ସହରରେ ଏ ପ୍ରକାର ଅନେକ ହିତାଧିକାରୀ ରହିଛନ୍ତି, ଯେଉଁମାନେ ଜଙ୍ଗଲ ଜମିରେ ବସବାସ କରୁଛନ୍ତି। ସମସ୍ତଙ୍କୁ ଏପରି ପଟ୍ଟା ଓ ଅଧିକାର ପ୍ରଦାନ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ଆହୁରି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କ ସର୍ଭେ ଏଯାଏଁ ହୋଇନାହିଁ। ଯଦିଓ ହୋଇଛି ସେମାନଙ୍କୁ ଜମି ଅଧିକାର ପତ୍ର ପ୍ରଦାନ କରାଯାଇନାହିଁ। ସେମାନଙ୍କୁ ଜମି ମାଲିକାନା ପ୍ରଦାନ ଦିଗରେ ସରକାର ତତ୍ପରତା ପ୍ରଦର୍ଶନ କରନ୍ତୁ ବୋଲି ଅନୁରୋଧ କରାଯାଇଛି। ବୈଠକରେ ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରା, କାର୍ଯ୍ୟକାରୀ ସଭାପତି ରବି ଗୋସ୍ୱାମୀ, ଉପଦେଷ୍ଟା ଗୋପବନ୍ଧୁ, ସହସମ୍ପାଦକ କାଶୀନାଥ ମହାନା, କୋଷାଧ୍ୟକ୍ଷା ଭାରତୀ ପାତ୍ର, ସଦସ୍ୟ ଅମଳ ଦେ, ପ୍ରଫୁଲ୍ଲ ମହାନ୍ତି, ମହେଶ୍ୱର ବେହେରା ଓ ସୁଜିତ୍ କର୍ମକାର ପ୍ରମୁଖ ଉପସ୍ଥିତ ଥିଲେ।

## ଇନରହୁଇଲ କ୍ଲବ୍ ପକ୍ଷରୁ ଜାତୀୟ ଚିକିତ୍ସକ ଦିବସ



**ବାରିପଦା,୩।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ଆନ୍ତର୍ଜାତିକ ମହିଳା ସଂଗଠନ ଇନର ହୁଇଲ କ୍ଲବ୍ ପକ୍ଷରୁ ଜାତୀୟ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଜୀବନଦୀପ ଚିକିତ୍ସାଳୟରେ ପୃଥିବୀର ମଣିଷଙ୍କ ପାଇଁ ଦ୍ୱିତୀୟ ଈଶ୍ୱର ରୂପେ ପରିଗଣିତ ହେଉଥିବା ଚିକିତ୍ସକଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ଇନର୍ ହୁଇଲ ଆନ୍ତର୍ଜାତିକ ଡିଷ୍ଟ୍ରିକ୍ଟ ପ୍ରସ୍ତାବିତ ପ୍ରକଳ୍ପ 'ଜୀବନ ଧାରା' ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଭାପତି ସୁପ୍ରୀତି ଦଲବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଚିକିତ୍ସାଳୟର ତିନିଜଣ ଚିକିତ୍ସକ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି, ଡାକ୍ତର ପିନାକୀ ମହାନ୍ତି ଓ ଡାକ୍ତର ରଞ୍ଜୁଲତା ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କ୍ଲବ୍ ପକ୍ଷରୁ ଚିକିତ୍ସାଳୟରେ ବହୁମୂଲ୍ୟ ଡାଇଲେସିସ ଚିକିତ୍ସା ଗ୍ରହଣ କରୁଥିବା ଦୁଇଜଣ ରୋଗୀଙ୍କୁ ଚିକିତ୍ସା ଖର୍ଚ୍ଚ ନିମନ୍ତେ ଆର୍ଥିକ ସହଯୋଗ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା କ୍ଲବ୍‌ର ସମସ୍ତ ସଦସ୍ୟାଙ୍କୁ ସମ୍ପାଦିକା ସଂଯୁକ୍ତା ଚାନ୍ଦ ଧନ୍ୟବାଦ ଜଣାଇଥିଲେ।

## ଓଟିଇଟି ପରୀକ୍ଷା କେନ୍ଦ୍ରରୁ ରାଇରଙ୍ଗପୁର ଓ କରଞ୍ଜିଆ ବାଦ୍ ନେଇ ଅସନ୍ତୋଷ

**ରାଇରଙ୍ଗପୁର,୩।୭ (ସମିସ):** ଆସନ୍ତା ୫ ତାରିଖ ଦିନ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପାଇଁ କେନ୍ଦ୍ର ନିର୍ଦ୍ଧାରିତ ହୋଇଛି। ସମସ୍ତ ଜିଲ୍ଲାର ପ୍ରମୁଖ ସହରସ୍ଥ ସରକାରୀ ବିଦ୍ୟାଳୟରେ ପରୀକ୍ଷା ହୋଇଥାଏ। ଏଥିପାଇଁ ପ୍ରତି ଜିଲ୍ଲାରେ ୧୦ରୁ ୨୦ଟି ପରୀକ୍ଷା କେନ୍ଦ୍ର ସମେତ ପ୍ରତ୍ୟେକ ଉପଖଣ୍ଡରେ ଥିବା ସରକାରୀ ବିଦ୍ୟାଳୟରେ ପରୀକ୍ଷା ହୋଇଆସୁଥିଲା। ଗତବର୍ଷ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦାରେ ୧୯ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଚଳିତ ବର୍ଷ ମଧ ୧୫ଟି ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି। ମୟୂରଭଞ୍ଜରେ ବିଗତ ସରକାର ବାମନଘାଟି ଓ ପାଞ୍ଚପୀଢ଼ ଉପଖଣ୍ଡର ରାଇରଙ୍ଗପୁର ସହର ସମେତ ବିଭିନ୍ନ ସ୍ଥାନରେ ଥିବା ଚାରି/ପାଞ୍ଚଟି କେନ୍ଦ୍ର କରିଥିଲେ। ମାତ୍ର ରାଜ୍ୟରେ ଦୁଇବର୍ଷ ହେବ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ରାଇରଙ୍ଗପୁର ଓ କରଞ୍ଜିଆ ସହରରେ ପରୀକ୍ଷା କେନ୍ଦ୍ର କରାଯାଉନାହିଁ। ଯଦ୍ୱାରା ଚଳିତ ବର୍ଷ ବାମନଘାଟି ଉପଖଣ୍ଡ ଜାମଦା, ତିରିଂ, ରାଇରଙ୍ଗପୁର, ବିଶୋଇ, ବହଳଦା, ବିଜାତଳା ଓ ବିଶୋଇ, ପାଞ୍ଚପୀଢ଼ ଉପଖଣ୍ଡର କରଞ୍ଜିଆ, ରରୁଆଁ, ଶୁକ୍ରୁଳି, ଯଶିପୁର ଓ ଠାକୁରମୁଣ୍ଡା ଅଞ୍ଚଳର ଓଟିଇଟି ପରୀକ୍ଷାର୍ଥୀ ଜିଲ୍ଲା ସଦର ମହକୁମା ବାରିପଦାକୁ ଯିବାପାଇଁ ଦୁଆରଶୁଣି ଘାଟିରେ ରାସ୍ତା ନିର୍ମାଣ ଓ ବର୍ଷାଜନିତ ସମସ୍ୟାର ସମ୍ମୁଖୀନ ହେବା ସ୍ୱାଭାବିକ। ଡବଲ ଇଞ୍ଜିନ ସରକାରଙ୍କ ଦ୍ୱାରା ଏଭଳି ଷଡଯନ୍ତ୍ର ଓ ଅବହେଳା କରାଯାଉଥିବାରୁ ବାମନଘାଟି ଓ ପାଞ୍ଚପୀଢ଼ ଉପଖଣ୍ଡର ସାମାଜିକ ସଂଗଠନ ରାମଦୋଲି ୟୁଥ ପାୱାର ଆସୋସିଏସନ ପକ୍ଷରୁ ସୁରେନ୍ଦ୍ର ମୁଣ୍ଡା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ରାଧାକୃଷ୍ଣ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ବଡ଼ସାହି,୩।୭ (ସମିସ):** ବଡ଼ସାହି ବ୍ଲକ୍ ଅଧୀନ ସିଂହଟିଆସ୍ଥ ରାଧାକୃଷ୍ଣ ଉଚ୍ଚବିଦ୍ୟାଳୟର ୭୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରିହର ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସଭାପତି ମନୋରଞ୍ଜନ ବଳ, ସମ୍ପାଦକ ସୁବୋଧ ଦଣ୍ଡପାଟ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କଳାକାର ଦଣ୍ଡପାଟ, ବଡ଼ସାହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ, ପୂର୍ବତନ ଶିକ୍ଷକ ନିଗମାନନ୍ଦ ମହାପାତ୍ର ଓ ଏସଏମସି ସଦସ୍ୟ ସୁବୋଧ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ୭୨ ବର୍ଷର ଇତିହାସକୁ ରୋମନ୍ଥନ କରିଥିଲେ। ଉତ୍ତମ ପରିବେଶ କିପରି ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଓ ତ୍ୟାଗ ମନୋବୃତ୍ତି ରଖିଲେ ପ୍ରତ୍ୟେକ ଛାତ୍ର ଜଣେ ଜଣେ ଭଲ ମଣିଷ ହୋଇପାରିବେ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ନିଜ ଜୀବନ ନିର୍ମାଣ କରିଥା'ନ୍ତି, ସେହି ବିଦ୍ୟାଳୟ ପ୍ରତି ସେମାନଙ୍କର ତ୍ୟାଗ, କର୍ତ୍ତବ୍ୟ ଓ ଚିର କୃତଜ୍ଞ ରହିବା ଉଚିତ ବୋଲି କହିଥିଲେ। ଶିକ୍ଷୟିତ୍ରୀ ମିନତୀ ଧଳ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ଅମିତା ପଲେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ତୃପ୍ତିମୟୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଠିକାଦାର ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**କରଞ୍ଜିଆ, ୩।୭ (ସମିସ):** ପାଞ୍ଚପିଢ଼ ଉପଖଣ୍ଡ କରଞ୍ଜିଆରେ ଶୁକ୍ରବାର ଠିକାଦାର ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଉପଖଣ୍ଡର ଠିକାଦାରଙ୍କ ଉପସ୍ଥିତିରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ହୋଇଥିଲା। ଆଜିର ଦିନରେ ସଫେଇ କର୍ମଚାରୀଙ୍କଠୁ ଆରମ୍ଭ କରି ଟଲି, ରିକ୍ସାବାଲା ବି ସଂଗଠିତ ନ୍ୟାୟ ଓ ହକ ପାଇଁ ସଂଘର୍ଷ କରୁଛନ୍ତି। ସେଥିପାଇଁ କରଞ୍ଜିଆ ଅଞ୍ଚଳର ଠିକାଦାର ସଂଗଠିତ ହୋଇ ଶୃଙ୍ଖଳିତ ଭାବେ କାମ କରିବା ପାଇଁ ଆଗଭର ହୋଇଛନ୍ତି। କରଞ୍ଜିଆ ଅଞ୍ଚଳରେ ଅନ୍ୟ ଉପଖଣ୍ଡ



ଓ ଜିଲ୍ଲାର ଠିକାଦାରଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲା। ଫଳରେ କରଞ୍ଜିଆ ଅଞ୍ଚଳର ଠିକାଦାର କାମ ନ ପାଇ ହାତ ବାନ୍ଧି ବସୁଥିଲେ। ଯେଉଁଥିପାଇଁ ଆଜିର ଠିକାଦାର ସଂଘର ଆରମ୍ଭ ହୋଇଛି। ଅନ୍ୟ ଉପଖଣ୍ଡ କିମ୍ବା ଅନ୍ୟ ଜିଲ୍ଲାର ଠିକାଦାରଙ୍କୁ କରଞ୍ଜିଆରେ କାମ କରାଇ ନ ଦେବାକୁ ନିଷ୍ପତ୍ତି ହୋଇଛି। ସଂଘର ସଭାପତି ପ୍ରମୋଦ ନାଏକଙ୍କ ଆବାହକତ୍ୱରେ କରଞ୍ଜିଆ ଉପଖଣ୍ଡର ପାଞ୍ଚଟି ବ୍ଲକର ସଭାପତି, ଠିକାଦାର ସମେତ ସେକ୍ରେଟାରୀ ବିମଳ ସେନାପତି, ଜେନେରାଲ ସେକ୍ରେଟାରୀ ବିପିନ ବିହାରୀ ମହାନ୍ତ, ଭାଇସ ପ୍ରେସିଡେଣ୍ଟ ବିକି ଅଲି, ଉପଦେଷ୍ଟା ବସନ୍ତ ପଇବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ ଦାବିରେ ମହିଳା କଂଗ୍ରେସର ଦସ୍ତଖତ ଅଭିଯାନ



**ବାରିପଦା, ୩।୭ (ସମିସ):** ପ୍ରଦେଶ ମହିଳା କଂଗ୍ରେସର ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ମହିଳା କଗ୍ରେସ ପକ୍ଷରୁ ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆ ସମ୍ମିଳନୀ କକ୍ଷରେ ମହିଳାଙ୍କ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବା ଓ ସେଥିରେ ଏସସି, ଏସଟି, ଓବିସି ମହିଳାଙ୍କୁ ସାମିଲ କରିବା ପାଇଁ ଏକ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଛି। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ସର୍ବଭାରତୀୟ ମହିଳା କଂଗ୍ରେସର ସମ୍ପାଦିକା ରୀତା ପଣ୍ଡା ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ତାଙ୍କ ସହ ପ୍ରଦେଶ ମହିଳା କଂଗ୍ରେସର ସମ୍ପାଦିକା ଜୟସ୍ମିତା ମହାନ୍ତି ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୂତନ ଭାବେ ମନୋନୀତ ହୋଇଥିବା ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ମହିଳା କଂଗ୍ରେସର କର୍ମକର୍ତ୍ତା ଓ ବ୍ଲକ୍, ଏନଏସି ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ଦିନରେ ସରକାର ମହିଳାଙ୍କ ପ୍ରତି କରୁଥିବା ଅବହେଳା ଓ ଅନ୍ୟାୟ ପ୍ରତିବାଦରେ ସମଗ୍ର ଜିଲ୍ଲାରେ ସ୍ୱର ଉତ୍ତୋଳନ କରିବା ପାଇଁ ଦସ୍ତଖତ ଅଭିଯାନକୁ ଅଧିକ କ୍ରିୟାଶୀଳ କରାଯିବାର ନିଷ୍ପତ୍ତି ନିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତ୍ରୀ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାପତି ରଞ୍ଜିତା ଯୋଶୀ, ମହିଳା କଂଗ୍ରେସର ଉପସଭାପତି ବୃନ୍ଦାବତୀ ମହାପାତ୍ର, ସୁଲୋଚନା ମୁର୍ମୁ, ସୋମବାରୀ ସରେନ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ସବିତା ନାୟକ, ସଂଯୁକ୍ତା ଧୁନକି, ହରପ୍ରିୟା ବାରିକ, ଯାହିଦା ଅହମଦ, ମୋନାଲିସା ସରେନ, ଛବିରାଣୀ ବାରିକ, ଇନ୍ଦୁମତି ମହାନ୍ତି, ପାୟଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ୟାମାଖୁଣ୍ଟାରେ କୃଷକ ଏକତା ପଦଯାତ୍ରା ୬ରେ

**ବାରିପଦା,୩।୭ (ସମିସ):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶ୍ୟାମାଖୁଣ୍ଟା ବ୍ଲକର ଶିରିଷବଣି ପଞ୍ଚାୟତରେ କୃଷକ ଏକତା ପଦଯାତ୍ରା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମିଛ ପ୍ରତିଶ୍ରୁତି ମଧ୍ୟରୁ ନିଶାମୁକ୍ତ ଓଡ଼ିଶା ଗଠନର ଆଶା ମଉଳି ଯାଉଥିବା ସମୟରେ ମୟୂରଭଞ୍ଜ ଜିଲ୍ଲାରୁ ନିଶାମୁକ୍ତ ଓଡ଼ିଶା ଆହ୍ୱାନ ସଂଗଠନ ତରଫରୁ ଦିଆଯାଇଛି। ଗତ ନିର୍ବାଚନୀ ପ୍ରଚାରରେ ସରକାର ୩୦୦ ୟୁନିଟ୍ ମାଗଣା ବିଜୁଳି, ୬୦ ବର୍ଷରୁ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଧାନ ମଣ୍ଡିରେ କଟ୍‌ନି ଛଟନୀ ବନ୍ଦ, ପ୍ରତ୍ୟେକ ଚାଷ ଜମିକୁ ଜଳସେଚନ, ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର, ବେକାରୀ ସମସ୍ୟା ପରି କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟ ଦୁଇ ବର୍ଷ ପୂର୍ତ୍ତି ମଧ୍ୟରେ କରିନାହାନ୍ତି। କୃଷକ ଏକତା ପଦଯାତ୍ରା ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆସନ୍ତା ୬ ତାରିଖ ସକାଳ ୧୦ ଘଟିକା ସମୟରେ ମଧୁବନ ପଡ଼ିଆରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହେବାକୁ ଥିବା କୃଷକ ଏକତା ପଦଯାତ୍ରାରେ ସମସ୍ତ ମାତୃଶକ୍ତି, କୃଷକ, ଯୁବକ ଓ ବୁଦ୍ଧିଜୀବୀଙ୍କୁ ଯୋଗ ଦେବାକୁ ଜିଲା ପ୍ରଭାରି ଚିନୁ ଦାଶ ନିବେଦନ କରିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରକାର ମଦ ବନ୍ଦ ସହିତ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ ନ କଲେ ଗାଁ ଗାଁରୁ ପ୍ରତିବାଦ କରାଯିବ ବୋଲି ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲାଇ ଚେତାବନୀ ଦେଇଛନ୍ତି। ଉକ୍ତ ସଭାରେ ସୁଗନ୍ଧା ସୋରେନ, ସରସ୍ୱତୀ ସିଂ, ଜେମାମଣୀ ସିଂ, ଶାନ୍ତିଲତା ସିଂ ଓ ମିଲୀ ସିଂ ଯୋଗ ଦେଇଥିଲେ।

## ମୟୂରଭଞ୍ଜରେ ଜନଗଣନାର ପ୍ରାକ୍ ପରୀକ୍ଷଣ ପ୍ରଶିକ୍ଷଣ



**ବାରିପଦା, ୩।୭ (ସମିସ):** ଜନଗଣନା-୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପ୍ରାକ୍ ପରୀକ୍ଷଣ ନିମନ୍ତେ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶାର ଯୁଗ୍ମ ନିର୍ଦ୍ଦେଶକ ଡ ଅଭୟ ନାରାୟଣ ନାୟକ, ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ ଦାସ, ସୁଜିତ ପ୍ରଧାନ ଓ ଉମାକାନ୍ତ ସାହୁ, ଠାକୁରମୁଣ୍ଡା ତହସିଲଦାର ତଥା ଚାର୍ଜ ଅଫିସର ସମ୍ବିତ କର, ମୟୂରଭଞ୍ଜର ଉପଜିଲ୍ଲା ଜନଗଣନା ଅଧିକାରୀ ମାନସୀ ତରାଇ ଓ ତିନିଜଣ ପରିସଂଖ୍ୟାନ ଅନୁସନ୍ଧାନକାରୀ (ଗ୍ରେଡ୍‌୨) ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଜନଗଣନା ନିର୍ଦ୍ଦେଶାଳୟର ଅଧିକାରୀଙ୍କ ସହ ଆଲୋଚନା କରି ଜନଗଣନା ପ୍ରାକ୍ ପରୀକ୍ଷଣର ପ୍ରସ୍ତୁତି ଓ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ। ଠାକୁରମୁଣ୍ଡା ଚାର୍ଜ ଅଧୀନରେ ୨୯ଟି ଗଣନା ବ୍ଲକ୍ ପ୍ରାକ୍ ପରୀକ୍ଷଣ ପାଇଁ ଚୟନ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ୬ ଜଣ ସୁପରଭାଇଜର ଓ ୩୧ ଜଣ ଗଣନାକାରୀ ଅଂଶଗ୍ରହଣ କରି ଜନସଂଖ୍ୟା ଗଣନା ପ୍ରାକ୍ ପରୀକ୍ଷଣର ଧାରଣା, ପ୍ରକ୍ରିୟା ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

### ଏମ୍‌ସିଏଏମ୍‌ରେ କିଟ୍ କେୟାର ସଚେତନତା କାର୍ଯ୍ୟକ୍ରମ

# ପ୍ରଯୁକ୍ତି ଓ ମାନବିକ ମୂଲ୍ୟବୋଧ ଉପରେ ବିଶେଷ ଗୁରୁତ୍ୱ

**ବାରିପଦା, ୩।୭ (ସମିସ)**

ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍)ରେ କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ 'କିଟ୍ କେୟାର' କାର୍ଯ୍ୟକ୍ରମ ଅଧୀନରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କନ୍ୟା କିରଣ, ନ୍ୟୁ ମାଇଣ୍ଡସ୍ ନ୍ୟୁ ଡ୍ରିମ୍ସ, ଆର୍ଟ ଅଫ୍ ଲିଭିଂ, ଏଜୁ୍ୟକେସନ୍ ଫର୍ ଅଲ୍ ଓ କିଟ୍ ନାନ୍‌ହି ପରୀ ଭଳି ପାଞ୍ଚଟି ମୌଳିକ କ୍ଷେତ୍ରକୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଅଧ୍ୟକ୍ଷତା କରି କହିଥିଲେ, ଶିକ୍ଷା କେବଳ ଡିଗ୍ରୀ ହାସଲରେ ସୀମିତ ନ ରହି ସମାଜରେ ମାନବିକ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱବୋଧ ଓ ନୈତିକତାର ବିକାଶ ଘଟାଇବା ଆବଶ୍ୟକ। ଏଭଳି ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନରେ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଡ ବନଜା ମହାନ୍ତି ଯୋଗଦେଇ ଆର୍ଟ ଅଫ୍ ଲିଭିଂ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଆଧୁନିକ ଜୀବନଶୈଳୀରେ ମାନସିକ ଶାନ୍ତି, ଆତ୍ମନିୟନ୍ତ୍ରଣ




ଓ ସକାରାତ୍ମକ ଚିନ୍ତାଧାରା ସୁସ୍ଥ ଜୀବନର ମୂଳ ଆଧାର। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ ପୁଷ୍ପା ପାତ୍ର କହିଥିଲେ, ପ୍ରଯୁକ୍ତିବିଦ୍ୟା ମଣିଷକୁ ବିଶ୍ୱ ସହିତ ସଂଯୋଗ କରୁଥିବାବେଳେ ଅନେକ କ୍ଷେତ୍ରରେ ମଣିଷରୁ ମଣିଷର ଆତ୍ମିକ ସମ୍ପର୍କକୁ ଦୁର୍ବଳ କରୁଛି। ତେଣୁ ପ୍ରଯୁକ୍ତିର ସଦୁପଯୋଗ ସହ ମାନବିକ ସମ୍ପର୍କକୁ ସୁଦୃଢ଼ ରଖିବା ସମୟର ଆହ୍ୱାନ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମ୍ପର୍କ ନିର୍ଦ୍ଦେଶକ ଡ ରାଜେନ୍ଦ୍ର ଦାସ କିଟ୍ କେୟାର କାର୍ଯ୍ୟକ୍ରମର ବିଭିନ୍ନ ସାମାଜିକ ଉଦ୍ୟମ ସମ୍ପର୍କରେ ସୂଚନା ଦେଇ ଏହା ସମାଜର ବଞ୍ଚିତ ବର୍ଗଙ୍କ ସଶକ୍ତିକରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ଯାନ୍ତ୍ରିକ ବିଭାଗ ନିର୍ଦ୍ଦେଶକ ଡ. ଚିନ୍ମୟ କୁମାର ପାଣିଗ୍ରାହୀ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତଙ୍କ ଚିନ୍ତାଧାରା ଓ ସମାଜସେବାର ଦୃଷ୍ଟିଭଙ୍ଗୀ ଉପରେ ଆଲୋକପାତ କରି କହିଥିଲେ, ଶିକ୍ଷା ହେଉଛି ସମାଜ ପରିବର୍ତ୍ତନର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିବା ରାଇରଙ୍ଗପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ ସୁନୀଲ କୁମାର ଜେନା କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)ର ସାମାଜିକ ପ୍ରଭାବ ଉପରେ ଆଲୋଚନା କରି କହିଥିଲେ ଯେ, ଏଆଇ ମାନବ ଜୀବନକୁ ସହଜ କରୁଥିବାବେଳେ ଏହାର ନୈତିକ ଓ ସାମାଜିକ ପ୍ରଭାବ ପ୍ରତି ମଧ ସଚେତନ ରହିବା ଆବଶ୍ୟକ। ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଇନ ବିଭାଗର ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ 'ଟେକ୍ନୋଲୋଜି ପୃଥିବୀକୁ ସଂଯୋଗ କରେ ହୃଦୟରେ ଶୂନ୍ୟତା ଭରେ' ଶୀର୍ଷକ ଉପରେ ଏକ ପ୍ରବନ୍ଧ ଲେଖା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଉମେଶ ଦତ୍ତ, ବାସନ୍ତୀ ସିଂ ଓ ମିହିର ପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥଲେ। ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକାଙ୍କ ସହ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଡାକ୍ତର ଆନ୍ଦୋଳନ; ୪୮ ଘଣ୍ଟା ପରେ ଶବ ବ୍ୟବଚ୍ଛେଦ

ଯୋଡ଼ା, ୩।୭ (ସମିସ): ଡାକ୍ତରମାନଙ୍କ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ ଏବେ ସ୍ୱାସ୍ଥ୍ୟସେବାକୁ ଗୁରୁତର ଭାବେ ପ୍ରଭାବିତ କଲାଣି। ଏହି ଆନ୍ଦୋଳନ ଶୁକ୍ରବାର ତିନି ଦିନରେ ପହଞ୍ଚିଥିବା ବେଳେ ସାଧାରଣ ଲୋକ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ପୁଲିସ ମାମଲା ସହ ଜଡ଼ିତ ଥିବା ଜଣେ ଶ୍ରମିକଙ୍କ ମୃତଦେହର ଶବ ବ୍ୟବଚ୍ଛେଦ ହୋଇ ନପାରିବା ଘଟଣାରେ ମୃତକଙ୍କ ପରିବାର ଲୋକ ଗଭୀର ଦୁଶ୍ଚିନ୍ତା ଓ ମାନସିକ ଯନ୍ତ୍ରଣାରେ ରହିଛନ୍ତି। ତେବେ, ୪୮ ଘଣ୍ଟା ପରେ ଉକ୍ତ ଶବ ବ୍ୟବଚ୍ଛେଦ ହୋଇଛି ଏବଂ ପରିବାର ବର୍ଗଙ୍କୁ କିଛି ମାତ୍ରରେ ଆଶ୍ୱସ୍ତି ମିଳିଛି।

ସୂଚନା ଅନୁସାରେ, ଗତ ବୁଧବାର ସୁନ୍ଦରଗଡ଼ ଜିଲ୍ଲା ମାଲଦା ସଂରକ୍ଷିତ ଜଙ୍ଗଲରେ ଚୋରା ମାଙ୍ଗାନିଜ ଖନନ ବେଳେ ମାଟି ଅତଡ଼ା ଖସି ପଡ଼ିବା ଘଟଣାରେ ଜଣେ ନାବାଳକ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ପୁଲିସ ମାମଲା ରୁଜୁ ହୋଇଥିବାରୁ ଶବ ବ୍ୟବଚ୍ଛେଦ ଅନିବାର୍ଯ୍ୟ ହୋଇପଡ଼ିଥିଲା। ତେବେ ଡାକ୍ତରମାନଙ୍କ ଆନ୍ଦୋଳନ କାରଣରୁ ଶବ ବ୍ୟବଚ୍ଛେଦ ହୋଇପାରି ନଥିବାରୁ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇପାରି ନଥିଲା। ତେବେ ମୃତଦେହ ଟାଟା ଷ୍ଟିଲ ଶବଗୃହରେ ରଖାଯାଇଛି। ପରିବାର ସଦସ୍ୟମାନେ ଯଥାଶୀଘ୍ର ଶବ ବ୍ୟବଚ୍ଛେଦ ସମ୍ପନ୍ନ କରି ମୃତଦେହ ହସ୍ତାନ୍ତର କରିବାକୁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗଙ୍କ ନିକଟରେ ଦାବି କରିଥିଲେ। ଏହାପରେ ମୃତ ନାବାଳକର ଶବ ବ୍ୟବଚ୍ଛେଦ ଶୁକ୍ରବାର ସନ୍ଧ୍ୟାରେ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି।

**ଓମ୍‌ସା ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ତୃତୀୟ ଦିନରେ**

# ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ରୋଗୀଶୂନ୍ୟ; ନର୍ସିଂହୋମ୍‌ରେ ହନ୍ତସନ୍ତ

ଆନନ୍ଦପୁର, ୩।୭ (ସମିସ)

ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦ ଦଫା ଦାବି ପୂରଣ ନେଇ ଡାକ୍ତରମାନଙ୍କ ଧର୍ମଘଟ ଆଜି ତୃତୀୟ ଦିନରେ ପହଞ୍ଚିଛି। ପ୍ରତିଦିନ ପ୍ରାୟ ୫ ଶହ ରୋଗୀ ନିର୍ଭର କରୁଥିବା ଏହି ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ବେଡ ଖାଲି ପଡିଛି। ଡାକ୍ତରମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ନର୍ସିଂହୋମରେ ରୋଗୀଙ୍କ ଭିଡ଼ ଲାଗିଥିବା ବେଳେ ସବୁ ବିଭାଗର ଡାକ୍ତର ନଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଥିବା ପରିଲକ୍ଷିତ ହୋଇଛି। ଆଜି ସକାଳୁ ଡାକ୍ତରମାନେ ଆନନ୍ଦପୁର ଡାକ୍ତରଖାନା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ନାରାବାଜି କରିଛନ୍ତି। ଡାକ୍ତର ସପନ କୁମାର ବେହେରା, ରବିନାରାୟଣ ସେନାପତି, ଅମର ବେହେରା, ଲକ୍ଷ୍ମୀଧର ନାୟକ, ଉତ୍ତମ ନାୟକ, ସୁବ୍ରତ ଚିନ୍ନାରା, ମନୋଜ ପଣ୍ଡା, ସନତ ଶୁଭମ୍ ମିଶ୍ର, ବଦ୍ରିପ୍ରସାଦ ରାୟ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନ ଯୋଗୁଁ ରୋଗୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଉପଖଣ୍ଡ ଡାକ୍ତରଖାନାରେ ଦୁଇଜଣ ଡିଏମଏଫ୍ ଓ ଦୁଇଜଣ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନେଇ ରୋଗୀସେବା ଚାଲିଛି। ବିଶେଷଜ୍ଞଙ୍କ ଆଉଟଡୋର, ୱାର୍ଡ ରାଉଣ୍ଡ ହୋଇପାରୁ ନଥିବାବେଳେ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ଆମ୍ବୁଲାନ୍ସ ଅଭାବରୁ ଅନେକ ଗୁରୁତର ରୋଗୀ ବିଳମ୍ବରେ କଟକ ଯାଉଥିବା ଜଣାପଡ଼ିଛି। ଦିନ ସାଢେ ଗୋଟାଏ ସମୟରେ ଆଉଟଡୋରରେ ଅଧୀକ୍ଷକ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ ରୋଗୀ ଦେଖିଥିଲେ। ଏହି ସମୟରେ ବାହାରେ ଅନେକ ରୋଗୀ ଚିକିତ୍ସାପାଇଁ ଧାଡ଼ି ଲଗାଇଥିଲେ। ଆନ୍ଦୋଳନ ଜାରି ରହିଲେ ଆଗକୁ ରୋଗୀସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେବ।



## ଆର୍‌ଆଇ ଓ ଅମିନଙ୍କୁ ଡିଜିଟାଲ୍ ଜନଗଣନା ପ୍ରଶିକ୍ଷଣ



ଚମ୍ପୁଆ, ୩।୭ (ସମିସ): ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଗାମୀ ଜନଗଣନାକୁ ଦୃଷ୍ଟିରେ ରଖି ଡିଜିଟାଲ୍ ସେନସସ୍ ହ୍ୟାଣ୍ଡବୁକ୍ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣରେ ଚମ୍ପୁଆ ଉପଖଣ୍ଡର ରେଭେନ୍ୟୁ ଇନ୍ସପେକ୍ଟର ଆରଆଇ ଓ ଅମିନମାନେ ଯୋଗଦେଇ ଡିଜିଟାଲ୍ ତଥ୍ୟ ସଂଗ୍ରହ ପ୍ରଣାଳୀ, ଆପ୍ ବ୍ୟବହାର ଓ ତଥ୍ୟର ସଠିକତା ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଚମ୍ପୁଆ ଉପଜିଲ୍ଲାପାଳ ତଥା ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଫିସର ଉମାକାନ୍ତ ପରିଡ଼ା ଡିଜିଟାଲ୍ ପଦ୍ଧତିରେ ନିର୍ଭୁଲ ଓ ସମୟୋପଯୋଗୀ ତଥ୍ୟ ସଂଗ୍ରହର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ସଠିକ୍ ତଥ୍ୟ ସଂଗ୍ରହ ହିଁ ଜନଗଣନାର ସଫଳତାର ମୂଳ ଆଧାର। ପ୍ରଶିକ୍ଷଣ ଶିବିରରେ ବଡବିଲ ତହସିଲଦାର ରାକେଶ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ପରିସଂଖ୍ୟାନ ଅନୁସନ୍ଧାନକାରୀ ବସନ୍ତ ସେନାପତି ଓ ଅକ୍ଷୟ ନାୟକ ପ୍ରଶିକ୍ଷକ ଭାବେ ଯୋଗଦେଇ ଡିଜିଟାଲ୍ ଆପ୍ ବ୍ୟବହାର, ତଥ୍ୟ ସଂଗ୍ରହ ପ୍ରକ୍ରିୟା ଏବଂ ତଥ୍ୟର ସଠିକତା ବଜାୟ ରଖିବା ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ଆରଆଇ ଓ ଅମିନମାନେ ଏହାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ପ୍ରକାଶ କରିଥିଲେ। ଆଗାମୀ ଜନଗଣନା କାର୍ଯ୍ୟକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବାରେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି।

## ଜୁଲାଇ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି ସୂଚୀ

କେନ୍ଦୁଝର, ୩।୭ (ସମିସ): ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ତତ୍ପର କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଜୁଲାଇ ମାସ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ। ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ଜୁଲାଇ ମାସର ଶୁଣାଣି ୬ ତାରିଖ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୧୩ ତାରିଖ ଚମ୍ପୁଆ ପଞ୍ଚାୟତସମିତି କାର୍ଯ୍ୟାଳୟ, ୨୦ ତାରିଖ ଘଷିପୁରା ପଞ୍ଚାୟତସମିତି କାର୍ଯ୍ୟାଳୟ, ୨୭ ତାରିଖ ଘଟଗାଁ ପଞ୍ଚାୟତସମିତି କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ଅନୁଷ୍ଠିତ ହେବ। ଜନସାଧାରଣଙ୍କ ସୁବିଧା ପାଇଁ ଏହି ଶିବିରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷ ଭାବେ ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ, ଶିବିରରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ ଜନଶୁଣାଣି ପୋର୍ଟାଲରେ ପଞ୍ଜୀକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ।

## ସୁଲଭ ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ

ତେଲକୋଇ, ୩।୭ (ସମିସ): କେନ୍ଦୁଝର ବନଖଣ୍ଡ ଅଧୀନ ତେଲକୋଇ ବନ ବିଭାଗ ପକ୍ଷରୁ ଶୁକ୍ରବାର ବନ ବିଭାଗ କାର୍ଯ୍ୟାଳୟ ନିକଟରେ ସୁଲଭ ଚାରା ବଣ୍ଟନ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ତେଲକୋଇ ସରପଞ୍ଚ ରଶ୍ମିତା ନାୟକ, ରେଞ୍ଜର ଅଶୋକ ମାଝୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ଚାରା ବଣ୍ଟନ କେନ୍ଦ୍ରରୁ ଅଞ୍ଚଳର ଲୋକମାନେ ୧ଟଙ୍କା ମୂଲ୍ୟରେ ବିଭିନ୍ନ ପ୍ରକାର ଗଛ କ୍ରୟ କରି ବୃକ୍ଷ ରୋପଣରେ ଅଗ୍ରଣୀ ହାସଲ କରିବା ପାଇଁ ପାଇଁ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ମାଝୀ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତେଲକୋଇ ବନାଞ୍ଚଳ ଅଧୀନରେ ବିଭିନ୍ନ ଫରେଷ୍ଟ ବିଟ୍ ଅଧୀନରେ ଚାରା ବଣ୍ଟନ କେନ୍ଦ୍ର ଖୋଲାଯିବ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଲବ, ଯୁବକ ସଂଘ ଓ ସାଧାରଣ ଜନତାଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ରହିଛି। ତେଲକୋଇ ସେକ୍ସନର ଫରେଷ୍ଟର ପୁଷ୍ପଲତା ମହାନ୍ତ, ଫରେଷ୍ଟ ଗାର୍ଡ ପ୍ରଭାତୀ ଦାସ, ପୂତୁଲୁ ନାଏକ, ତ୍ରିଲୋଚନ ଖଣ୍ଡା, ଶ୍ରୀତମ ବିଶ୍ୱାଳ, ପ୍ରଶାନ୍ତ ବେହେରା ସମେତ ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।



## ଭଣ୍ଡାରୀବନ୍ଧ ପୋଖରୀ ନିଲାମରେ ଚଞ୍ଚକତା

**ଦେଓଗାଁରେ ଉତ୍ତେଜନା**



ଆନନ୍ଦପୁର, ୩।୭ (ସମିସ): ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତରେ ଭଣ୍ଡାରୀବନ୍ଧ ପୋଖରୀ ନିଲାମରେ ଚଞ୍ଚକତା ଅଭିଯୋଗରେ ଗ୍ରାମରେ ଉତେଜନା ପ୍ରକାଶ ପାଇଛି। ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଭଣ୍ଡାରୀବନ୍ଧ ପୋଖରୀକୁ ପୂର୍ବ ବର୍ଷ ପ୍ରକାଶ କୁମାର ବଳ ନିଲାମ ପ୍ରକ୍ରିୟାରେ ସାମିଲ ହୋଇ ୨୫୭୦୦ ଟଙ୍କାରେ ନିଲାମ ନେଇଥିଲେ। ଚଳିତ ବର୍ଷ ଉକ୍ତ ପୋଖରୀ ନିଲାମ ସମ୍ପର୍କରେ ତାଙ୍କୁ କିମ୍ବା ଅନ୍ୟ ଇଚ୍ଛୁକ ବ୍ୟକ୍ତି ଓ ଗ୍ରାମବାସୀଙ୍କୁ କିଛି ଲିଖିତ କି ମୌଖିକ ସୂଚନା ଦିଆଯାଇନାହିଁ। ଉକ୍ତ ପୋଖରୀକୁ ଚଳିତବର୍ଷ କାହାରିକୁ ନଜଣାଇ କିପରି କାହାକୁ ୧୫୦୦୦ ଟଙ୍କାରେ ନିଲାମ ଦିଆଯାଇଛି ସେନେଇ ପ୍ରଶ୍ନ ଉଠିଛି। ସରକାରୀ ରାଜସ୍ୱ କ୍ଷତି ନଷ୍ଟ ହେଉଛି ବୋଲି ପ୍ରକାଶ ବଳ ଅଭିଯୋଗ କରିଛନ୍ତି। ଏ ବିଷୟରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଜି ସକାଳୁ ଜଣେ ବ୍ୟକ୍ତି ମାଛ ଧରିବାକୁ ଯାଇଥିବା ବେଳେ ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରିଥିଲେ। ଏହାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ମାଛ ଧରାଳି ମାଛଗୁଡିକ ପୋଖରୀରେ ଛାଡି ଦେଇଥିବା ଜଣାପଡ଼ିଛି।

## ଆଗଉଛି ଚମ୍ପୁଆ ଜଗନ୍ନାଥ ମନ୍ଦିର ଓ ମାମୁଘରର ବିକାଶ





**ଦେବୋତ୍ତର ବିଭାଗର ବ୍ୟାପକ ପଦକ୍ଷେପ**

ଚମ୍ପୁଆ, ୩।୭ (ସମିସ): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଘର ଭାବେ ପରିଚିତ ବଡନଇ ପଞ୍ଚାୟତର ପଳସା ଗ୍ରାମରେ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ଚଳିତବର୍ଷ ରଥଯାତ୍ରା ପୂର୍ବରୁ ଅଧିକାଂଶ କାର୍ଯ୍ୟ ଶେଷ କରିବାକୁ ଦେବୋତ୍ତର ବିଭାଗ ଲକ୍ଷ୍ୟ ରଖିଛି। ପଳସା ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ଜମିରେ ଆମ୍ବ ଗଛ ରୋପଣ, ଭବ୍ୟ କୀର୍ତ୍ତନ ମଣ୍ଡପ ନିର୍ମାଣ, ପାନୀୟଜଳ ପ୍ରକଳ୍ପ, ପୋଖରୀ ଖନନ ଭଳି ବିଭିନ୍ନ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ପ୍ରତିବର୍ଷ ରଥଯାତ୍ରା ସମୟରେ ଏହି ମାମୁଘରରୁ ମହାପ୍ରଭୁଙ୍କ ପାଇଁ ପାରମ୍ପରିକ 'ଭାର' ଚମ୍ପୁଆ ଜଗନ୍ନାଥ ମନ୍ଦିରକୁ ଆସିଥାଏ ଏବଂ ଗ୍ରାମର ପ୍ରାୟ ସମସ୍ତ ଲୋକ ଏହି ପରମ୍ପରାରେ ସାମିଲ ହୋଇଥାନ୍ତି। ଏହାସହିତ ଚମ୍ପୁଆ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣର ସୌନ୍ଦର୍ଯ୍ୟକରଣ ଓ ଭକ୍ତମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ପେଭର ବ୍ଲକ୍ ବିଛାଇବା, ନୂତନ ପାଚେରି ନିର୍ମାଣ, ବୋରିଂ ସ୍ଥାପନ ସମେତ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ କରାଯିବା ପାଇଁ ଦେବୋତ୍ତର ବିଭାଗ ଓ ମନ୍ଦିର ପରିଚାଳନା କମିଟି ମିଳିତ ଭାବେ ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ମନ୍ଦିର ପରିସର ଅଧିକ ସୁନ୍ଦର ହେବା ସହ ଭକ୍ତମାନଙ୍କ ପାଇଁ ଆବଶ୍ୟକ ସୁବିଧା ମଧ୍ୟ ବୃଦ୍ଧି ପାଇବ। ଚମ୍ପୁଆ ଉପଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଉମାକାନ୍ତ ପରିଡ଼ା କହିଛନ୍ତି, "ସବୁ ସେହି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛା। ତାଙ୍କ ଆଶୀର୍ବାଦରେ ଏହି ସମସ୍ତ ବିକାଶମୂଳକ କାର୍ଯ୍ୟ ସଫଳ ଭାବେ ଆଗେଇ ଚାଲିଛି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପ୍ରୟାସ ଜାରି ରହିଛି'। ସ୍ଥାନୀୟ ଲୋକଙ୍କ ମତରେ, ଏହି ପଦକ୍ଷେପ କେବଳ ମନ୍ଦିରର ଭିତ୍ତିଭୂମିର ବିକାଶ ନୁହେଁ, ବରଂ ଚମ୍ପୁଆର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ଅଧିକ ସୁଦୃଢ଼ କରିବ।

## ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ




କେନ୍ଦୁଝର, ୩।୭ (ସମିସ): ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନିଟ ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ପ୍ରଘଟ, ସ୍କୁଲ ବହିରେ ତ୍ରୁଟି ଓ ଯୁବକଙ୍କୁ ରୋଜଗାର ଦାବି ଆଦି ପ୍ରସଙ୍ଗ ନେଇ ଆଜି ସ୍ଥାନୀୟ କଂଗ୍ରେସ ଭବନରେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ କମିଟିର ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସୁନେଶ ଧୀରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ। ଦାବୀଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଯୁବ ନେତାମାନେ ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ସନତ ପାଢ଼ୀ ଓ ଜଗବୀର ଦିଶା, କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଆନନ୍ଦ ମାଝୀ, ଅମିତ କୁମାର ରାଉତ ଓ ମିଡ଼ିଆ ସଂଯୋଜକ ବ୍ୟାସଦେବ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ମାନସ ବେହେରା, ଅଭିଜିତ ବେହେରା, ବାବୁନ ରାଉତ, ବିଜୟ କୁମାର ମହାକୁଡ଼, ବ୍ରଜବନ୍ଧୁ ପ୍ରଧାନ, ବାଦଲ ସେଠୀ, ସୌରଭ ଭୂୟାଁ, ଦୀପକ ବେହେରା ଓ ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ଯୁବକ ମୃତ; ଡାକ୍ତରଖାନାରେ ଉତ୍ତେଜନା



ଚମ୍ପୁଆ, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ-ଯୋଡ଼ା ମୁଖ୍ୟରାସ୍ତାର ବ୍ଲକ୍ କାର୍ଯ୍ୟାଳୟ ନିକଟସ୍ଥ ଏମଆରଏଫ୍ ଟାୟାର ଦୋକାନ ପାଖରେ ଗୁରୁବାର ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଧୂଳି ଗ୍ରାମର ଜଗନ୍ନାଥ ନାଏକ (ବାଳିଆ, ୫୬ ବର୍ଷ)। ସୂଚନା ଅନୁଯାୟୀ, ସେ କାମ କରୁଥିବା ଦୋକାନ ଖୋଲିବାକୁ ରାସ୍ତା ପାରି ହୋଇ ଯାଉଥିବା ସମୟରେ ପଛପଟୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଚମ୍ପୁଆ ଡାକ୍ତରଖାନାକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ କେନ୍ଦ୍ରକରି ତଥା ଦୁର୍ଘଟଣା ଘଟାଇଥିବା ବାଇକ ଚାଳକକୁ ଗିରଫ ଦାବିରେ ଡାକ୍ତରଖାନା ପରିସରରେ ପରିବାର ଓ ଗ୍ରାମବାସୀଙ୍କ ଦ୍ୱାରା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଏସଡିପିଓ ରଶ୍ମିରଞ୍ଜନ ସାହୁ, ଆଇଆଇସି ସ୍ୱରୂପ ରଞ୍ଜନ ନାଏକ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଓ କାଉନ୍ସିଲର ଛତ୍ରପତି ନାଏକ ପହଞ୍ଚି ପ୍ରାୟ ଦୁଇ ଘଣ୍ଟା ଧରି ଆଲୋଚନା ଓ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏହାସହ ରେଡ୍‌କ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ତତ୍କାଳ ସହାୟତା ସ୍ୱରୂପ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

**ସଦର ଥାନା ପୋକ୍ସୋ ମାମଲା**

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

କେନ୍ଦୁଝର, ୩।୭ (ସମିସ): କେନ୍ଦୁଝର ସ୍ୱତନ୍ତ୍ର ପୋକ୍ସୋ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ଶୁକ୍ରବାର ଜଣେ ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ କରିଥିବା ଜଣାପଡିଛି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦୁଝର ସଦର ଥାନାଞ୍ଚଳର ଜଣେ ପୀଡ଼ିତା ଗତ ୨୯।୧୨।୨୦୨୪ରେ ଘରୁ ନିଖୋଜ ହୋଇଯିବାରୁ ତାଙ୍କ ମାଆ କେନ୍ଦୁଝର ସଦର ଥାନାରେ ଏତଲା ଦେଇଥିଲେ। ଏହି ସମୟରେ ପୀଡ଼ିତା ୧୬ ବର୍ଷ ବୟସର ହୋଇଥିଲେ। ଏହି ଏତଲାକୁ ଭିତ୍ତିକରି ସଦର ଥାନା ଆଇଆଇସି ଅମିତ ଭୂୟାଁ ସଦର ଥାନା ସବ୍‌ଇନ୍ସପେକ୍ଟର ସସ୍ମିତା ହାରୋଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ପୀଡିତାଙ୍କୁ ଝୁମ୍ପୁରାଠାରୁ ଉଦ୍ଧାର କରିଥିଲେ। ପୀଡିତାଙ୍କ ବୟାନ ଭିତ୍ତିରେ ଝୁମ୍ପୁରା ଗ୍ରାମର ଅଭିଯୁକ୍ତ ଶିବ ଲୋହାରକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିଲା। ଏଥିରେ ଅଭିଯୁକ୍ତଙ୍କ ବିରୋଧରେ ଅପହରଣ ଓ ଦୁଷ୍କର୍ମ ପରି ସଂଗୀନ ଦଫା ଲଗାଇ ଚାର୍ଜସିଟ୍ ଦାଖଲ କରିଥିଲା ସଦର ପୁଲିସ। ଏହି ମାମଲାଟି କୋର୍ଟରେ ବିଚାରାଧୀନ ଥିଲା ବେଳେ କେନ୍ଦୁଝର ଫାଷ୍ଟଟ୍ରାକ୍ (ପୋକ୍‌ସୋ) କୋର୍ଟ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ଶିବ ଲୋହାର(୩୫)କୁ ନାବାଳିକା ଅପହରଣ ପାଇଁ ୧୦ ବର୍ଷ, ନାବାଳିକା ଦୁଷ୍କର୍ମ ପାଇଁ ବିଏନ୍‌ଏସ୍/ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ବିଭିନ୍ନ ଦଫାରେ ୧୭ ହଜାର ଟଙ୍କାର ଜରିମାନା; ଅନାଦେୟ ୧ ବର୍ଷ ସଶ୍ରମ କାରାଦଣ୍ଡର ଆଦେଶ ଦେଇଛନ୍ତି। ଏଥିରେ ଅନ୍ୟ ଏକ ବିଷୟ ଜଣାପଡିଛି ଯେ ପୀଡ଼ିତାଙ୍କ ୩୪ ବର୍ଷ ବୟସ୍କା ମା'ଙ୍କୁ ମଧ୍ୟ ଏହି ଅଭିଯୁକ୍ତ ସଂପର୍କ ରଖି ତାଙ୍କ ସହ ଶାରିରୀକ ସଂପର୍କ ରଖିଥିଲା। ପୀଡିତା ନାବାଳିକାକୁ ପ୍ରଲୋଭନ ଦେଖାଇ ନେଇ ଏକ ଭଡ଼ା ଘରେ ରଖି ସଂପର୍କ ରଖି ପୀଡିତାକୁ ଗର୍ଭବତୀ କରାଇଥିଲା। ଶିବ ଲୋହାର ଆଇନଗତ ଅପରାଧ ସହ ନୈତିକ ଭାବେ ମଧ୍ୟ ମାଆ ଓ ଝିଅଙ୍କୁ ପ୍ରେମକରି ଏକ ସାଂଘାତିକ ଅପରାଧ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ (ଫାଷ୍ଟ ଟ୍ରାକ) ପୋକ୍ସ କୋର୍ଟର ସ୍ପେସାଲ ପିପି ପତିତ ପାବନ ନାଥ ପରିଚାଳନା କରୁଥିଲେ।

# ୬ରୁ ବୈତରଣୀ ସୁରକ୍ଷା ଅଭିଯାନ



- ଆନନ୍ଦପୁରରୁ ଲୋକଭବନ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ
- ନଦୀ ହତ୍ୟା ନେଇ ରାସ୍ତାରେ ବ୍ୟାପକ ଜନସଚେତନତା ସୃଷ୍ଟି ଲକ୍ଷ୍ୟ
- ବାଲି ଲୁଟ୍ ଓ ନଦୀ ସୁରକ୍ଷା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ

ଆନନ୍ଦପୁର ୩।୭ (ସମିସ): ବୈତରଣୀ ନଦୀର ହତ୍ୟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗ। ଫଳରେ ଏହାର ସୁରକ୍ଷା ପାଇଁ ଆସନ୍ତା ୬ ତାରିଖରୁ ପଦଯାତ୍ରା ଆରମ୍ଭ ହେବ। କେନ୍ଦୁଝର ଜିଲ୍ଲା ଆନନ୍ଦପୁରଠାରୁ ଭୁବନେଶ୍ୱର ଲୋକଭବନ ପର୍ଯ୍ୟନ୍ତ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ। ୯ ତାରିଖ ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚିବ। ସେହିଦିନ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବୈତରଣୀ ସୁରକ୍ଷା ପାଇଁ ହସ୍ତକ୍ଷେପ ଦାବି କରିବେ ପ୍ରତିନିଧିମଣ୍ଡଳୀ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ଆଜି ଏହି ସୂଚନା ଦେଇଛନ୍ତି।

କେନ୍ଦୁଝର ଜିଲ୍ଲା ଗୋନାସିକାରୁ ପ୍ରବାହିତ ବୈତରଣୀ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସମୃଦ୍ଧ କରିଛି। ବୈତରଣୀ ନଦୀ ହିଁ ସଭ୍ୟତାକୁ ଋଦ୍ଧିମନ୍ତ କରିଛି। ତେବେ ବୈତରଣୀ ନଦୀ ସମେତ ବିଭିନ୍ନ ନଦୀନାଳରୁ ବେଆଇନ ଭାବେ ପ୍ରତିଦିନ ବାଲି ଲୁଟ୍ ହେଉଛି। ଏହାର ପ୍ରଭାବ ନଦୀ ଉପରେ ପଡୁଛି। ବେଆଇନ ତଥା ବିନା ଲିଜରେ ଅବିଚାରିତ ଭାବେ ବାଲି ଉତ୍ତୋଳନ ଯୋଗୁଁ ନଦୀର ପ୍ରାକୃତିକ ଗତିପଥ ପରିବର୍ତ୍ତନ ହେଉଛି। ଫଳରେ ନଦୀକୂଳିଆ ଗାଁଲୋକେ ବର୍ଷାଦିନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମାଫିଆ-ପ୍ରଶାସନିକ କଳର କିଛି ବରିଷ୍ଠ ଅଧିକାରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାପାଳ, ଏସପି ଓ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଶ୍ରୀ ସାହୁ ଗତକାଲି ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହ ବୈତରଣୀ ସୁରକ୍ଷା ଯାତ୍ରା ସମ୍ପର୍କରେ ଆଲୋକପାତ କରିଛନ୍ତି। ବର୍ତ୍ତମାନ ମୌସୁମୀ ସମୟରେ ବାଲି ଉତ୍ତୋଳନ ବନ୍ଦ ଥିବାବେଳେ ମାସେ ହେବ କିପରି ନଦୀରୁ ବାଲି ଉଠୁଛି। ବାଲି ସିଣ୍ଡିକେଟରେ ବହୁ ପ୍ରଭାବଶାଳୀ ନେତା, ମାଫିଆ ଓ ପ୍ରଶାସନିକ ଅଧିକାରୀ ସାମିଲ ଅଛନ୍ତି। ହାଟଡିହି ତହସିଲର ସମଣା, ଗୋବିନ୍ଦପୁର, ଡ଼ିମିରିଆ, ବାହାରିପୁର, ଜମ୍ବରା, ହାବଳେଶ୍ୱର, ବଞ୍ଚୁ, ଅମୃତପୁର, ନୂଆଗାଁ, ଘଷିପୁରା ତହସିଲର ବୀରଗୋବିନ୍ଦପୁର, ତାଳଗାଁ, ଦରଡିପାଳ, କେଶଦୁରାପାଳ, କାଠପାଳ, ମଧୁକେଶରୀ, ବାତୋ, ଅତାସାହି ଏବଂ ଆନନ୍ଦପୁର ତହସିଲର କୁମଡ, ଅମାରଙ୍ଗ, ଟୁକୁଣା, କୋଡ଼ପଡ଼ା, ବୁଢ଼ୀକୁଦ, ଗୌଡଡିହା ବେଳବାହାଳିରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନ ହେଉଛି। ପ୍ରତିଦିନ ୫ ହଜାରରୁ ଅଧିକ ବଡ ବଡ ହାଇୱା ଯୋଗେ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରକୁ ବାଲି ଚୋରା ଚାଲାଣ ହେଉଛି। ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି ଅର୍ଥ ଉପାର୍ଜନ କରାଯାଉଥିବାରୁ ମାଫିଆଙ୍କ ବିରୋଧରେ ମନି ଲଣ୍ଡରିଂ ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। କିଛି ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ଫୋନ୍ କଲ୍ ଯାଞ୍ଚ କଲେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି। ଏହି ପଦଯାତ୍ରା ସମୟରେ ୬ ତାରିଖ ସନ୍ଧ୍ୟାରେ ପାଣିକୋଇଲି, ୭ ତାରିଖ ସନ୍ଧ୍ୟାରେ ଛତିଆ ଓ ୮ ତାରିଖ ସନ୍ଧ୍ୟାରେ ଫୁଲନଖରାଠାରେ ଏଲ୍‌ଇଡି ସ୍କ୍ରିନ ମଧ୍ୟରେ ନଦୀ ହତ୍ୟା ସମ୍ପର୍କିତ ସତ୍ୟ ଭିଡ଼ିଓ ପ୍ରଦର୍ଶିତ ହେବ ବୋଲି ଶ୍ରୀ ସାହୁ କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

## ଏଆଇର ଆତଙ୍କ

ନ୍ୟାୟିକ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପସ୍ଥିତି ଅଦୃଶ୍ୟ ହେଲେ ହେଁ ଭୟଙ୍କର ବୋଲି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଟିପ୍ପଣୀ ଦେଇଛନ୍ତି। କୌଣସି ମାମଲାର ଶୁଣାଣି ବେଳେ ଏଆଇ ସାହାରାରେ କରାଯାଉଥିବା ବିଭିନ୍ନ ରାୟର ଉଦ୍ଧୃତି କିଭଳି ବିଭ୍ରାନ୍ତିକର ଓ ତ୍ରୁଟିପୂର୍ଣ୍ଣ ତାହାର ଉଦାହରଣ ଭାବେ ବମ୍ବେ ଉଚ୍ଚ ନ୍ୟାୟାଳୟ ଦେଇଥିବା ଏକ ରାୟକୁ ସର୍ବୋଚ୍ଚ ନ୍ୟାୟାଳୟ ଗ୍ରହଣ କରିଛନ୍ତି। ଏଆଇର ପ୍ରୟୋଗ ବିଚାର ବ୍ୟବସ୍ଥାକୁ ସତ୍ୱର କରିପାରେ; କିନ୍ତୁ ପାଦେ ପାଦେ ଏହାର ବିପଦ ରହିଛି - ଏହି ମର୍ମରେ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିବା ସର୍ବାଦୌ ସମୟୋପଯୋଗୀ ଓ ଗ୍ରହଣୀୟ। ଏଆଇର ଏହି ସମ୍ଭାବ୍ୟ ବିପଦ କେବଳ ନ୍ୟାୟିକ ବା ବିଚାର ବ୍ୟବସ୍ଥାରେ ସୀମିତ ନାହିଁ। ଧୀରେ ଧୀରେ ଏହା ଜନଜୀବନ ଓ ପ୍ରକୃତି-ପରିବେଶକୁ ଗ୍ରାସିବାକୁ ଆରମ୍ଭ କଲାଣି - ଏ ସମ୍ପର୍କରେ ଯେତେ ଆଲୋଚନା ହେବା କଥା ତାହା ହେଉନାହିଁ।

ଏଆଇ କେବଳ ଏକ ଯାନ୍ତ୍ରିକ ପ୍ରକ୍ରିୟା; ଏହା ମାନବୀୟ ଚିନ୍ତା ଚେତନା, ବିଶେଷକରି ସୃଜନଶୀଳତାର ସ୍ଥାନ ନେଇପାରିବ ନାହିଁ ବୋଲି କିଛିଦିନ ପୂର୍ବରୁ ଯେଉଁ ଦମ୍ଭୋକ୍ତି ପ୍ରକାଶ ପାଉଥିଲା, ତାହା ଭୁଲ୍ ବୋଲି 'କମନ୍‌ୱେଲ୍‌ଥ ଲିଟେରାରି ପ୍ରାଇଜ୍' ବିବାଦ ସହିତ ନିମିଷକେ ଧୂଳିସାତ୍ ହୋଇଗଲା। ଗତ ମେ' ମାସରେ ଏହି ପୁରସ୍କାର ଜିତିଥିବା ତ୍ରିନିଦାଦ୍ ଲେଖକ ଜମିର ନାଜିରଙ୍କ ପୁସ୍ତକର କଥାବସ୍ତୁ ତାଙ୍କ ନିଜସ୍ୱ ସୃଜନ ନୁହେଁ, ବରଂ ଏଆଇ ଦ୍ୱାରା ପ୍ରସ୍ତୁତ ବୋଲି ଜଣାପଡ଼ିଲା ପରେ ପୁରସ୍କାର ପ୍ରତ୍ୟାହୃତ ହେଲା ସତ; କିନ୍ତୁ ଏହାପରେ ଅସଂଖ୍ୟ ସୃଜନକୃତିଗୁଡ଼ିକର ମୌଳିକତା ଉପରେ ଏକ ସନ୍ଦେହ ବିଜଡ଼ିତ ପ୍ରଶ୍ନଚିହ୍ନ ଛାଡ଼ିଦେଇ ଗଲା।

ଏହା ଅନସ୍ୱୀକାର୍ଯ୍ୟ ଯେ ଏଆଇ ଚାଟ୍‌ବଟ୍‌ର ବିକାଶ ପ୍ରକ୍ରିୟା ଯେତେ ତ୍ୱରାନ୍ୱିତ ହେଉଛି ଲେଖକ ସଂଖ୍ୟା ସେତେ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଚାଟ୍‌ବଟ୍‌କୁ କୌଣସି ନିର୍ଦ୍ଦେଶ ଦେବାର ମାତ୍ର କିଛିସମୟ ଭିତରେ ଏଆଇ କାହାଣୀଟିଏ ଲେଖି ସମର୍ପି ଦେଉଛି ଏବଂ ନିର୍ଦ୍ଦେଶକ ତାହାକୁ ନିଜ ନାମ ଦେଇ ପ୍ରକାଶ କରିବାରେ କୌଣସି କୁଣ୍ଠା ପ୍ରକାଶ କରୁନାହିଁ। ଏଭଳି ଦ୍ରୁତ କ୍ରମବର୍ଦ୍ଧିଷ୍ଣୁ ଲେଖକମାନଙ୍କ ଆବିର୍ଭାବ ପରେ ଏକ ଆନ୍ତର୍ଜାତିକ ପ୍ରକାଶନୀ ସଂସ୍ଥା ବାଧ ହୋଇ କିଛିମାସ ପାଇଁ ପ୍ରକାଶନ କାର୍ଯ୍ୟକୁ ସ୍ଥଗିତ ରଖିଥିଲା। କମନ୍‌ୱେଲ୍‌ଥ ଲିଟେରାରୀ ପ୍ରାଇଜ୍‌ରେ ଏଆଇର ପ୍ରାଦୁର୍ଭାବ ଧରାପଡ଼ିବା ପରେ ଆଉ କେତେକ ସ୍ୱନାମଧନ୍ୟ ପୁରସ୍କାର ପ୍ରଦାନକାରୀ ସଂସ୍ଥା ଲେଖକମାନଙ୍କ ପାଇଁ କଠୋର ସର୍ତ୍ତ ଜାରି କରିଛନ୍ତି ଏବଂ ତାହା ଏଆଇ ଦ୍ୱାରା ସମ୍ଭୂତ କି ନୁହେଁ ତାହା ନିଶ୍ଚିତ କରିବା ପାଇଁ ପରୀକ୍ଷଣ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଏହି ପରୀକ୍ଷଣ ବା ଯାଞ୍ଚ ପ୍ରକ୍ରିୟା କେତେ ତ୍ରୁଟିଶୂନ୍ୟ ତାହାକୁ ନେଇ ପୁଣି ଏକ ପ୍ରଶ୍ନ ଉଠିଛି। ଏଆଇ ଦ୍ୱାରା ହେବାକୁ ଥିବା ଏହି ପରୀକ୍ଷଣ ଯଦି ତ୍ରୁଟିପୂର୍ଣ୍ଣ ହୁଏ ତେବେ ଜଣେ ମୌଳିକ ଲେଖକ ଲାଞ୍ଛିତ ଓ ପୁରସ୍କାରରୁ ବଞ୍ଚିତ ହେବା ଅବଧାର୍ଯ୍ୟ। ତେଣୁ ଏହା ନୈତିକତା ପ୍ରସଙ୍ଗକୁ ଜନ୍ମ ଦେଇଛି।

ଏଆଇ ଦ୍ୱାରା ଆଉ ଯେଉଁକେତେକ ସାଂଘାତିକ ଚିନ୍ତାଜନକ ସମସ୍ୟା ମାନବ ସଭ୍ୟତାକୁ କବଳିତ କରିବାକୁ ଯାଉଛି ସେ ବିଷୟରେ କିଞ୍ଚିତ ଆଲୋଚନା କରାଯାଉ। ଏଆଇର ପ୍ରାଣକେନ୍ଦ୍ର ରୂପେ ବିଦିତ ଗୋଟିଏ ଗୋଟିଏ ଡାଟା ସେଣ୍ଟର ଯେତିକି ପରିମାଣର ପାଣି ଶୋଷି ନେବେ ତାହାର ପ୍ରଭାବରେ ଶହଶହ ଏକର ଜମି ଶୁଷ୍କମରୁରେ ପରିଣତ ହୋଇଯିବ। ଚାଷବାସ ଦୂରେ ଥାଉ ବୃକ୍ଷଲତା ମଧ୍ୟ ବଞ୍ଚିପାରିବେ ନାହିଁ। ଏହାଦ୍ୱାରା ପିଇବା ପାଣିର ଯେଉଁ ଉତ୍କଟ ସଙ୍କଟ ସୃଷ୍ଟି ହେବ ତାହା କିଛିଟା ଅନୁମାନ କରାଯାଇପାରେ। କିନ୍ତୁ ଡାଟା ସେଣ୍ଟର ଯୋଗୁଁ ସବୁଜ ବନାନୀ ନିଶ୍ଚିହ୍ନ ହେବା ଫଳରେ ଜଳବାୟୁର ବ୍ୟାପକ ଅସ୍ୱାଭାବିକତା ମାନବ ସଭ୍ୟତାକୁ କେଉଁସ୍ଥିତିକୁ ନେଇଯିବ ତାହା ଅକଳନୀୟ। ପରିସ୍ଥିତି ଏଭଳି ହେବ ଯେ ମଣିଷ ଯନ୍ତ୍ରଘେରରେ ରହିଥିବ ଅଥଚ ବଞ୍ଚିବା ପାଇଁ ଖାଦ୍ୟ କିମ୍ବା ପାଣି ନଥିବ। ଏ ସମ୍ପର୍କରେ ଯେ ଆମ ଦେଶର ବିଜ୍ଞ ନୀତି ନିର୍ଦ୍ଧାରକମାନେ ଅବଗତ ନ ଥିବେ ତାହା ନୁହେଁ। ଅଥଚ ନିକଟରେ ଅନୁଷ୍ଠିତ ଏଆଇ ଶିଖର ସମ୍ମିଳନୀରେ ଭାରତ ଏଆଇ ଡାଟା ସେଣ୍ଟର ହବ୍ ହେବା ପାଇଁ ଘୋଷଣା କରିଛି। ଅର୍ଥାତ୍ ଭାରତ କେବଳ ଏକ ଉପଭୋକ୍ତା ଦେଶ ହୋଇ ଯାବତୀୟ ଆନୁଷଙ୍ଗିକ ବିପଦ ବରଣ କରିବ ଏବଂ ଭାରତର ଏହି କେନ୍ଦ୍ରମାନଙ୍କୁ ଉପଯୋଗ କରି ବିକଶିତ ଦେଶମାନେ ସାରା ପୃଥିବୀରେ ରାଜତ୍ୱ କରିବେ।

ଯେଉଁ ସଫ୍ଟସ୍କିଲ୍(ମେଧାଶକ୍ତି)କୁ ନେଇ ଭାରତ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ବିଶ୍ୱବିଦିତ ହୋଇଥିଲା ତାହା ହିଁ ଏବେ ଏଆଇର ପ୍ରବଳ ଆହ୍ୱାନର ସମ୍ମୁଖୀନ ହେବାରେ ଲାଗିଛି। ଗୋଟିଏ ପ୍ରୋଗାମ୍‌ର କୋଡିଂ କରିବା ପାଇଁ ଆମ ଦେଶର ମେଧାବୀମାନେ ହାରାହାରି ଦୁଇମାସ ସମୟ ନେଉଥିବା ବେଳେ ତାହା ଏଆଇ ମାତ୍ର କିଛି ମିନିଟ୍ ମଧ୍ୟରେ ସମାପନ କରିଦେଉଛି। ତେଣୁ ଆଉ ମେଧାଶକ୍ତିର ଆବଶ୍ୟକ ହିଁ ନାହିଁ। ଏହି କାରଣରୁ ଲକ୍ଷ ଲକ୍ଷ ପ୍ରତିଭାଧାରୀ ଛଟେଇ ହେଉଛନ୍ତି। କମ୍ପାନୀମାନେ ନିଯୁକ୍ତିରେ ଅଭିଜ୍ଞତାକୁ ପରିହାର କରି ସୁଲଭତା ବା କମ୍ ଦରମାରେ କାମ କରିବାକୁ ଇଚ୍ଛୁକ ଥିବା ନବୀନ ପେସାଦାରମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି, ତାହା ମଧ୍ୟ ମାତ୍ର କିଛିବର୍ଷ ପାଇଁ। ସମସ୍ୟା କେବଳ ଏତିକିରେ ସରିଯାଇନାହିଁ। ଏଆଇର ପ୍ରଭାବରେ ଆଗାମୀ ଦିନରେ ବୃତ୍ତିଧାରୀ ଡାକ୍ତର, ଇଞ୍ଜିନିୟର, ଡ୍ରାଇଭର, ଝାଡୁଦାର ପର୍ଯ୍ୟନ୍ତ ବେକାର ହୋଇଯିବେ। କେବଳ ବଞ୍ଚିବା ପାଇଁ ଗଣ୍ଡେ ଖାଇବା ଯୋଗାଡ଼ କରିବା ମଧ୍ୟ ସେତେବେଳେ କଷ୍ଟକର ହୋଇଯିବ; କାରଣ ସେତେବେଳକୁ ଆଉ ଚାଷ ପାଇଁ ପାଣି ନ ଥିବ।

ଏବେ ସମୟ ଆସିଛି ମଣିଷ ଓ ଯନ୍ତ୍ର ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ। ନିଜକୁ ଡାଟା ସେଣ୍ଟର ହବ୍ ଘୋଷଣା କରି ଗର୍ବିତ ଅନୁଭବ କରୁଥିବା ଭାରତ ଏ ପର୍ଯ୍ୟନ୍ତ ଏଆଇର ପାର୍ଶ୍ୱପ୍ରତିକ୍ରିୟାରୁ ଭାରତବାସୀଙ୍କୁ ସୁରକ୍ଷା ଦେବା ପାଇଁ ଦୂରଦର୍ଶୀ ଯୋଜନା କିମ୍ବା ନୀତି ସ୍ପଷ୍ଟ କରିନାହିଁ। ଏହି ପୃଷ୍ଠଭୂମିର ଏଆଇର ରୂପ କିଭଳି ଭୟଙ୍କର ହେବାକୁ ଯାଉଛି ତାହା ଅନୁମେୟ।

## ମାଗଣା ଶିକ୍ଷା ବ୍ୟବସ୍ଥା

ବୃହସ୍ପତି ସାମଲ

କେଜିରୁ ପିଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦେୟମୁକ୍ତ ଶିକ୍ଷା ଅର୍ଥାତ୍ ମାଗଣା ପାଠପଢ଼ା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। କିନ୍ତୁ ବାସ୍ତବରେ ଏଭଳି ଘୋଷଣା କେତେଦୂର ସଫଳତାର ସହ କାର୍ଯ୍ୟକାରୀ ହେବ ସେସବୁ ଆଲୋଚନା କରିବା ପୂର୍ବରୁ କିଛି ସାଧାରଣ ମୌଳିକ ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ। ଓଡ଼ିଶାରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାଡ଼ିଦେଲେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଯେତେବେଳେ ଏଲକେଜି, ୟୁକେଜି ଭଳି ପାରମ୍ପରିକ କେଜି ବ୍ୟବସ୍ଥା ନାହିଁ, ସେତେବେଳେ 'କେଜିରୁ ପିଜି' ଶବ୍ଦ ପ୍ରୟୋଗର ଅର୍ଥ କ'ଣ? ଆର୍ଥିକ ଭାବେ ଦୁର୍ବଳ ପରିବାରର ଛାତ୍ରଛାତ୍ରୀମାନେ ପ୍ରକୃତରେ କେତେ ଉପକୃତ ହେବେ? ଅଧିକନ୍ତୁ, ସାମ୍ପ୍ରତିକ ପରିସ୍ଥିତିରେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ନିମ୍ନମାନର ଶିକ୍ଷାଦାନ ବ୍ୟବସ୍ଥା ଓ ପରିଚାଳନାରେ କ୍ଷୁବ୍ଧ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଘରୋଇ ଶିକ୍ଷାନୁଷ୍ଠାନରେ ଦାଖଲ କରିବାକୁ ଉଚିତ୍ ମନେକରୁଛନ୍ତି। ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡ଼ିଥିବା ସହ ପାଠାଗାର, ପରୀକ୍ଷାଗାର, ଖେଳ ପଡ଼ିଆ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ଅଭାବ ରହିଛି। ତେଣୁ କେବଳ ମାଗଣା ଶିକ୍ଷା ଘୋଷଣା କରିଦେଲେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ ହୋଇଯିବ କି?

ଏଭଳି ଅନେକ ପ୍ରଶ୍ନର ଉତ୍ତର ଖୋଜିବା ପୂର୍ବରୁ ନିକଟ ଅତୀତରେ ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥାର ଗଭୀର କ୍ଷତକୁ ସ୍ପଷ୍ଟ କରିଥିବା କନ୍ଧମାଳର ତୁମୁଡ଼ିବନ୍ଧ ବ୍ଲକ ଅଧୀନସ୍ଥ ସିମିଳିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେହି ଭୟଙ୍କର ଅବ୍ୟବସ୍ଥା କଥା ମନେ ପକେଇବା ଜରୁରୀ, ଯାହା ଶିଶୁ କଲ୍ୟାଣ ଯୋଜନାରେ ଦାୟିତ୍ୱବୋଧର ପତନ ଏବଂ ଶିକ୍ଷକମାନଙ୍କୁ ତାଙ୍କର ମୂଳ ଶିକ୍ଷାଦାନ କାର୍ଯ୍ୟରୁ ବିଚ୍ୟୁତ କରାଯାଉଥିବା ଏକ ପ୍ରତିଷ୍ଠାନଗତ ଅନ୍ୟାୟ ଭଳି ଦୁଇଟି ଗୁରୁତର ସତ୍ୟକୁ ନିର୍ମମ ଭାବରେ ସାମ୍ନାକୁ ଆଣିଛି। ମଧ୍ୟାହ୍ନ ଭୋଜନ ଯୋଜନାରେ ପିଲାମାନଙ୍କୁ କେବଳ ଲୁଣ ସହିତ ଭାତ ଦିଆଯାଇଥିବା ଖବର କୌଣସି ସଭ୍ୟ ସମାଜ ପାଇଁ ଲଜ୍ଜାଜନକ। ସୂଚନା ଅନୁସାରେ, ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କର ଘୋର ଅଭାବ, ଖାଲିପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକର ପୂରଣ କରିବାରେ ସରକାରଙ୍କ କାଳକ୍ଷେପଣ ନୀତି, ଆସୁଥିବା ଶିକ୍ଷକମାନଙ୍କୁ ବିଭିନ୍ନ ଅଣଶିକ୍ଷାଦାନ କାର୍ଯ୍ୟରେ ନିୟୋଜନ ଯୋଗୁଁ ବିଦ୍ୟାଳୟରେ ଶିକ୍ଷକଙ୍କ କୃତ୍ରିମ ଅନୁପସ୍ଥିତି, ପ୍ରଶାସନିକ ଅବହେଳା, ଗୋଟିଏ ପଟେ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ବିଶେଷ କର୍ମଚାରୀ ନିଯୁକ୍ତ ନଥିବା ଏବଂ ଅନ୍ୟ ପଟେ ସୀମିତ ଶିକ୍ଷକଙ୍କ ଉପରେ ନିର୍ଭରଶୀଳତା ଯୋଗୁଁ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଅନିୟମିତତା, ନିରୀକ୍ଷଣ ବ୍ୟବସ୍ଥାର ଦୁର୍ବଳତା ପରି ଗୁରୁତର ସମସ୍ୟା ସାମ୍ନାକୁ ଆସିଥିଲା। ଏହା କେବଳ ଗୋଟିଏ ବିଦ୍ୟାଳୟର ସମସ୍ୟା ନୁହେଁ, ବରଂ ଦୁର୍ଗମ ଓ ଆଦିବାସୀ ଅଞ୍ଚଳର ଶିକ୍ଷା ପରିଚାଳନାରେ ଥିବା ଗଠନାତ୍ମକ ତ୍ରୁଟିର ଏକ ଉଦାହରଣ ଭାବେ ଦେଖାଯାଉଛି। ସଂକ୍ଷେପରେ, ସିମିଳିପଦର ଘଟଣା ଏକ ସତର୍କ ଘଣ୍ଟି ଭାବରେ ସ୍ପଷ୍ଟ କରିଛି ଯେ କେବଳ ନୂଆ ଯୋଜନା ଘୋଷଣା କଲେ ଶିକ୍ଷାର ମାନ ବଢ଼ିବ ନାହିଁ; ବରଂ ବିଶେଷ ଯୋଜନା ପାଇଁ ବିଶେଷ କର୍ମଚାରୀ ନିଯୁକ୍ତି, ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ସହ ଶିକ୍ଷକଙ୍କ ଉତ୍ତରଦାୟିତ୍ୱ, ସ୍ଥାନୀୟ ସମୁଦାୟର ଭାଗୀଦାରୀ, ନିୟମିତ ନିରୀକ୍ଷଣ ଏବଂ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସରକାରୀ ବିଦ୍ୟାଳୟ ଉପରେ ଲୋକଙ୍କ ବିଶ୍ୱାସ ପୁନଃସ୍ଥାପିତ ହୋଇପାରିବ।

ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସବୁଠୁ ବଡ଼ ସଙ୍କଟ ଶିକ୍ଷକ ଅଭାବ। ଯେଉଁକେତେକ ଶିକ୍ଷକ ଉପସ୍ଥିତ ରହୁଛନ୍ତି ସେମାନଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜନ କରାଯାଉଛି। ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକମାନେ ପାଠ ପଢ଼ାଇବା ବ୍ୟତୀତ ନିର୍ବାଚନ, ଜନଗଣନା, ବିଭିନ୍ନ ସର୍ଭେ, ମଧ୍ୟାହ୍ନ ଭୋଜନ ପରିଚାଳନା, ଛାତ୍ରବୃତ୍ତି ବଣ୍ଟନ, ଅନଲାଇନ୍ ତଥ୍ୟ ଅପଲୋଡ୍, ସ୍ୱାସ୍ଥ୍ୟ ଓ ଟିକାକରଣ କାର୍ଯ୍ୟକ୍ରମ, ପରୀକ୍ଷା ପରିଚାଳନା ଏବଂ ବିଭିନ୍ନ ସରକାରୀ ସଚେତନତା ଅଭିଯାନରେ ନିୟୋଜିତ ଥିବା ବେଳେ ଅନେକ ବିଦ୍ୟାଳୟରେ ଜଣେ ଜଣେ ସହକାରୀ ଶିକ୍ଷକଙ୍କ ଉପରେ ସମଗ୍ର ବିଦ୍ୟାଳୟର ଶିକ୍ଷା ଓ ପ୍ରଶାସନିକ ଦାୟିତ୍ୱ ଲଦିଦେବା ଏକ ନିର୍ମମ ପ୍ରତିଷ୍ଠାନଗତ ବିଫଳତା। ଶିକ୍ଷକମାନେ କିରାଣୀ, ଗଣନାକାରୀ କିମ୍ବା ଯୋଜନା ପରିଚାଳକ ନୁହନ୍ତି; ସେମାନେ ଦେଶର ଭବିଷ୍ୟତ ଗଢ଼ନ୍ତି।

ଓଡ଼ିଶା ବିଧାନସଭାରେ ସରକାର ନିଜେ ସ୍ୱୀକାର କରିଛନ୍ତି ଯେ ରାଜ୍ୟର ୪୧, ୪୦୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୭, ୦୦୦ରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ରାଜ୍ୟରେ ୧, ୩୫, ୬୫୬ ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବୀ ଥିବା ସତ୍ତ୍ୱେ ଏତେସଂଖ୍ୟକ ପଦବୀ ଖାଲି ପଡ଼ିବା ଶିକ୍ଷା ବ୍ୟବସ୍ଥାର ପ୍ରଶାସନିକ ବିଫଳତାକୁ ପ୍ରମାଣ କରେ।

ଭାରତୀୟ ସଂବିଧାନର ଅନୁଚ୍ଛେଦ ୨୧ (କ) ଅନୁସାରେ ୬ରୁ ୧୪ ବର୍ଷ ବୟସର ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଦେବା ରାଷ୍ଟ୍ରର ସାମ୍ବିଧାନିକ ଦାୟିତ୍ୱ। ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ପ୍ରତ୍ୟେକ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା, ପର୍ଯ୍ୟାପ୍ତ ଶିକ୍ଷକ, ଭଲ ପରିବେଶ ଓ ମୌଳିକ ସୁବିଧା ଦେବା ଆବଶ୍ୟକ। କିନ୍ତୁ ଅନେକ ସ୍କୁଲରେ ଆଜି ବି ଶୌଚାଳୟ ଓ ପାନୀୟ ଜଳର ଅଭାବ, ଶ୍ରେଣୀକକ୍ଷ ଭଙ୍ଗାରୁଜା ଓ ଶିକ୍ଷକ ସଂଖ୍ୟା ଅତ୍ୟନ୍ତ କମ। ଅନେକ ପିଲା ପଞ୍ଚମ ଶ୍ରେଣୀକୁ ପହଞ୍ଚି ମଧ୍ୟ ଦ୍ୱିତୀୟଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ଏହା ଶିକ୍ଷାର ପରିମାଣ ଓ ଗୁଣବତ୍ତା ମଧ୍ୟରେ ଥିବା ଗଭୀର ଅନ୍ତରକୁ ଦର୍ଶାଏ। ନୂତନ ଶିକ୍ଷା ନୀତି ୨୦୨୦ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଜୋର ଦେଇଥିଲେ ମଧ୍ୟ ବାସ୍ତବରେ ଗ୍ରାମାଞ୍ଚଳରେ ମୌଳିକ ଶିକ୍ଷା ଅବସ୍ଥା ଅତ୍ୟନ୍ତ ଦୁର୍ବଳ। ଶିକ୍ଷାର ଅଧିକାର କାଗଜରେ ରହିଛି, କିନ୍ତୁ ଗୁଣାତ୍ମକ ଶିକ୍ଷା ଆଜିବି ଗରିବ ପିଲାଙ୍କ ପାଇଁ ଏକ ସ୍ୱପ୍ନ।

ପିଏମ୍ ପୋଷଣ ଯୋଜନା ଅଧୀନରେ ପ୍ରାଥମିକ ସ୍ତରରେ ପ୍ରତି ଛାତ୍ର ପିଛା ଦୈନିକ ୧୧.୧୫ ଟଙ୍କା ଓ ଉଚ୍ଚ ପ୍ରାଥମିକ ସ୍ତରରେ ୧୪.୭୪ ଟଙ୍କା ଖର୍ଚ୍ଚ ନିର୍ଦ୍ଧାରଣ କରାଯାଇଛି। ସପ୍ତାହକୁ ତିନୋଟି ଅଣ୍ଡା ଓ ଲଡୁ ଦେବାକୁ ମଧ୍ୟ ସରକାର ଘୋଷଣା କରିଛନ୍ତି। କିନ୍ତୁ ଯେତେବେଳେ ତୃଣମୂଳ ସ୍ତରରେ ଲୁଣ ଭାତ ପରିବେଷଣ ହେଉଛି, ସେତେବେଳେ ଏହି ବଜେଟ ଓ ଘୋଷଣାଗୁଡ଼ିକ କେଉଁଠିନା କେଉଁଠି ତା'ର ସତ୍ତା ହାରାଇଦେଉଛି। ଓଡ଼ିଶାରେ ବିଦ୍ୟାଳୟ ସଂଖ୍ୟା ଓ ଛାତ୍ର ନାମଲେଖାରେ ହ୍ରାସ ଘଟିଥିବା ତଥ୍ୟ ଗ୍ରାମାଞ୍ଚଳରେ ସରକାରୀ ଶିକ୍ଷା ପ୍ରତି ଆସ୍ଥା କମିବାର ଏକ ଗୁରୁତର ସଙ୍କେତ। ସତ୍ୟ ହେଉଛି ଆଜି ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥାରେ 'ପ୍ରଚାର' ଶିକ୍ଷାଠାରୁ ବଡ଼ ହୋଇଯାଇଛି। ସ୍କୁଲର ରଙ୍ଗ ବଦଳାଯାଉଛି, ଗେଟ୍ ନିର୍ମାଣ ହେଉଛି, ସେଲଫି ପଏଣ୍ଟ ତିଆରି ହେଉଛି; କିନ୍ତୁ ଭିତରେ ଶିକ୍ଷକ ନାହାନ୍ତି। ସ୍ମାର୍ଟ କ୍ଲାସରୁମ ଘୋଷଣା ହେଉଛି; କିନ୍ତୁ ଅନେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ସ୍ଥିର ନୁହେଁ। ଡିଜିଟାଲ ଶିକ୍ଷାର ପ୍ରଚାର ହେଉଛି; କିନ୍ତୁ ଅନେକ ଛାତ୍ରଙ୍କ ପାଖରେ ସ୍ମାର୍ଟଫୋନ ନାହିଁ। ଏହା ହେଉଛି ନୀତିଗତ ବିରୋଧାଭାସ। ସହରର ଶିଶୁ ଡିଜିଟାଲ ଲ୍ୟାବରେ ପଢୁଥିବା ବେଳେ ଗ୍ରାମାଞ୍ଚଳର ଶିଶୁ ଆଜି ବି ଶିକ୍ଷକ ଅପେକ୍ଷାରେ ବସିରହିଛି। ଓଡ଼ିଶାର ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ପରିସ୍ଥିତି ଆହୁରି ଦୟନୀୟ। କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ପରି ଜିଲ୍ଲାରେ ଅନେକ ସ୍କୁଲ ଏବେବି ଏକକ ଶିକ୍ଷକରେ ଚାଲୁଛି। ଏହା କେବଳ ପ୍ରଶାସନିକ ତ୍ରୁଟି ନୁହେଁ; ଏହା ସାମାଜିକ ଅସମାନତାର ଏକ ନୂତନ ରୂପ।

ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ଏକ ଗଠନାତ୍ମକ ସଂସ୍କାର ଆବଶ୍ୟକ। ପ୍ରଥମତଃ, ଶିକ୍ଷକମାନଙ୍କୁ ସମସ୍ତ ଅଣଶିକ୍ଷାଦାନ କାର୍ଯ୍ୟରୁ ସଂପୂର୍ଣ୍ଣ ମୁକ୍ତ କରି ଜନଗଣନା, ନିର୍ବାଚନ, ସର୍ଭେ, ଡାଟା ଏଣ୍ଟ୍ରି, ଯୋଜନା ନିରୀକ୍ଷଣ ଇତ୍ୟାଦି ପାଇଁ ଅଲଗା ପ୍ରଶାସନିକ କ୍ୟାଡର ଗଠନ ହେବା ଆବଶ୍ୟକ। ଦ୍ୱିତୀୟତଃ, ମଧ୍ୟାହ୍ନ ଭୋଜନ ଯୋଜନାର ନିରୀକ୍ଷଣ ପାଇଁ ସ୍ୱାଧୀନ ଓ ପେଶାଦାର ମନିଟରିଂ ବ୍ୟବସ୍ଥା ଗଠନ ସହ ପ୍ରତ୍ୟେକ ବ୍ଲକରେ ନିୟମିତ ଅକସ୍ମାତ ଯାଞ୍ଚ, ଖାଦ୍ୟର ଗୁଣବତ୍ତା ପରୀକ୍ଷା ଓ ସାମୁଦାୟିକ ନିରୀକ୍ଷଣ ଅନିବାର୍ଯ୍ୟ ହେବା ବାଞ୍ଛନୀୟ। ତୃତୀୟତଃ, କେବଳ ନିଯୁକ୍ତି ଘୋଷଣା ନକରି ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ସହ ଦୁର୍ଗମ ଅଞ୍ଚଳରେ ସ୍ଥାୟୀ ପୋଷ୍ଟିଂ ଓ ନିରୀକ୍ଷଣ ବ୍ୟବସ୍ଥା କଡ଼ାକଡ଼ି କରିବା ଆବଶ୍ୟକ। ଚତୁର୍ଥତଃ, ସରକାରୀ ସ୍କୁଲର ମୂଲ୍ୟାୟନ କେବଳ ଭବନର ରଙ୍ଗ କିମ୍ବା ଡିଜିଟାଲ ପୋର୍ଟାଲ ଆଧାରରେ ନୁହେଁ, ବରଂ ପିଲାମାନଙ୍କର ପ୍ରକୃତ ଶିକ୍ଷାଗତ କ୍ଷମତା, ପଢ଼ିବା ଦକ୍ଷତା, ଗଣିତ ଜ୍ଞାନ ଓ ଚିନ୍ତନଶକ୍ତି ଆଧାରରେ କରାଯିବା ଉଚିତ। ଲୋକେ ଦେଖୁଛନ୍ତି, ପିଲାମାନେ ଭୋଗୁଛନ୍ତି ଏବଂ ଭବିଷ୍ୟତ ଧୀରେ ଧୀରେ ଅନ୍ଧକାରକୁ ଠେଲି ହେଇଯାଉଛି।

ଏବେ ନିର୍ଣ୍ଣାୟକ ସମୟ ଉପନୀତ। ଶିକ୍ଷାକୁ ରାଜନୈତିକ ପ୍ରଚାରର ମାଧ୍ୟମ ନୁହେଁ, ରାଷ୍ଟ୍ର ଗଠନର ଆଧାର ଭାବେ ଦେଖାଯିବା ଦରକାର। ନଚେତ ଇତିହାସ କ୍ଷମା କରିବ ନାହିଁ। ଶିକ୍ଷା କେବଳ ମାଗଣା ହେଲେ ହେବ ନାହିଁ, ତାହା ଗୁଣାତ୍ମକ, ସୁଲଭ ଏବଂ ସର୍ବସମାବେଶୀ ହେବା ଜରୁରୀ। ଆଶା କରାଯାଏ, ପୂର୍ବ ସରକାର ଉପରେ ପ୍ରତ୍ୟେକ କଥାରେ ଦୋଷ ନ ଲଦି, ସରକାର ଶିକ୍ଷାର ଭିତ୍ତିଭୂମି ଓ ମାନବ ସମ୍ବଳ ସୁଦୃଢ଼ କରିବା ଦିଗରେ ସମାନ ଗୁରୁତ୍ୱ ଦେବେ।

ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬୯

## ଯାନ୍ତ୍ରିକରଣରେ ହିଁ କୃଷିର ସମୃଦ୍ଧି

ଡ. ପ୍ରେରଣା ପ୍ରିୟଦର୍ଶିନୀ

ନିକଟ ଅତୀତରେ ଆମ ଦେଶ ପୃଥିବୀର ସର୍ବାଧିକ ଚାଉଳ ଉତ୍ପାଦନକାରୀ ରାଷ୍ଟ୍ରର ମାନ୍ୟତା ପାଇଛି, ବହୁ ରାଷ୍ଟ୍ରକୁ ଚାଉଳ ରପ୍ତାନି କରିଛି। କେବଳ ଚାଉଳ ନୁହେଁ ଗହମ, ପନିପରିବା, ଫଳ, ଦୁଗ୍ଧ, ମାଛ, ଅଣ୍ଡା ଉତ୍ପାଦନରେ ଉତ୍କର୍ଷ ପ୍ରତିପାଦନ କରିଛି। ଖାଦ୍ୟ ଶସ୍ୟ ଉତ୍ପାଦନରେ ଏକଦା ନିର୍ଭରଶୀଳ ଭାରତକୁ ସ୍ୱାବଲମ୍ବୀ କରାଇବାରେ କୃଷି ଯାନ୍ତ୍ରିକରଣର କିଛି କମ୍ ଭୂମିକା ନାହିଁ। ନୂତନ ପ୍ରକାରର ଯନ୍ତ୍ରର ବ୍ୟବହାର ବିନା ଚିରନ୍ତନ କୃଷି, ଖାଦ୍ୟ ନିରାପତ୍ତା ଏକ ଦିବାସ୍ୱପ୍ନ କୁହାଯାଇପାରେ। ଅପରପକ୍ଷରେ ଭାରତୀୟ କୃଷିରେ ଯାନ୍ତ୍ରିକରଣର ପରିମାଣ ବିକଶିତ ରାଷ୍ଟ୍ରଙ୍କ ତୁଳନାରେ ବହୁତ କମ।

ସମ୍ପ୍ରତି ଭାରତୀୟ କୃଷି ଏକ ଦୋଛକିରେ ଛିଡ଼ା ହୋଇଛି। ଗୋଟିଏ ପାର୍ଶ୍ୱରେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଥିବା ବେଳେ କୃଷି କ୍ଷେତ୍ର ପ୍ରତି ବିମୁଖତା ଏହି କ୍ଷେତ୍ରରେ ବିନିଯୋଗ ଶ୍ରମ ଶକ୍ତିର ଆବଶ୍ୟକତା ପ୍ରତି ଏକ ସମସ୍ୟା ସୃଷ୍ଟି କରିଛି। ଭାରତୀୟ ଚାଷୀଙ୍କର ହାରାହାରି ଆୟୁଷ ପଚାଶ ବର୍ଷ। ଯୁବ ଚାଷୀ ଚାଷ କାମ ପ୍ରତି ବିମୁଖ। ସେମାନେ ଗାଁ ଛାଡ଼ି ସହରାଭିମୁଖୀ। ଅଣକୃଷି କାର୍ଯ୍ୟରେ ରୋଜଗାର ଅଧିକ, ଅପେକ୍ଷାକୃତ ନିଶ୍ଚିତ ଆୟ, ସାମାଜିକ ପ୍ରତିଷ୍ଠା ଏବଂ କମ କଷ୍ଟଦାୟୀ। ସେଥିପାଇଁ ଏବେ କୃଷି ସବୁଠାରୁ କଷ୍ଟଦାୟକ ଜୀବିକା ବୋଲି ଧାରଣା ସୃଷ୍ଟି ହୋଇଛି। ଏହି ପୃଷ୍ଠଭୂମିରେ ଯାନ୍ତ୍ରିକ କୃଷି ଆହୁରି ଅଧିକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଯାଇଛି।

ଫସଲ ଉତ୍ପାଦନର ବିଭିନ୍ନ ପର୍ଯ୍ୟାୟରେ ନିୟୋଜିତ ଶ୍ରମ ଶକ୍ତିର ଆବଶ୍ୟକତାକୁ ଏଡ଼ାଇବା ପାଇଁ ଯନ୍ତ୍ରର ବ୍ୟବହାର ଜରୁରୀ। ବହୁ କଷ୍ଟଦାୟୀ କାମରେ ମହିଳାମାନଙ୍କ ସମ୍ପୃକ୍ତି ପୁରୁଷମାନଙ୍କଠାରୁ ବହୁ ଆଗରେ। ଏକ ଗବେଷଣାରୁ ଜଣାଯାଏ ଯେ ଜଣେ ମହିଳା ଏକ ଏକର ଧାନ ରୋଇବା ପାଇଁ ଏକ ଲକ୍ଷରୁ ଅଧିକ ଥର ଅଣ୍ଟା ନୁଆଇଁ ଥାଏ। ସେହିପରି ଘାସ ବାଛିବା, ଧାନ କାଟିବା ଆଦି କଷ୍ଟଦାୟକ କାର୍ଯ୍ୟ ମହିଳାମାନେ ହିଁ କରିଥା'ନ୍ତି। ଅମଳ ପରବର୍ତ୍ତୀ ଯତ୍ନ ଓ ପରିଚାଳନାର ଦାୟିତ୍ୱ ତ ପ୍ରାୟ ମହିଳାମାନଙ୍କର। ସେବା ଓ ଶିଳ୍ପକୁ ପ୍ରାଧାନ୍ୟ ଦେଇ ଚାଲିଥିବା ଅର୍ଥନୀତି ଅନୁସାରେ ଏବେ ଚାଷ କାମରେ ମହିଳାଙ୍କ ସମ୍ପୃକ୍ତି ଦିନକୁ ଦିନ ବଢ଼ି ଚାଲିଛି। ବିଭିନ୍ନ ସାମାଜିକ ବର୍ଗୀକରଣ ଅନୁସାରେ ସ୍ୱଳ୍ପ ଆୟକାରୀ ଗୋଷ୍ଠୀ, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗମାନଙ୍କ ଦାୟିତ୍ୱ ଆହୁରି ଅଧିକ। ତେଣୁ କୃଷିକ୍ଷେତ୍ରରେ ଯନ୍ତ୍ର ବ୍ୟବହାର ନ ହେବାର ଅଧିକ କଷ୍ଟ ଏହି ଶ୍ରେଣୀର ଲୋକମାନେ ହିଁ ପାଉଛନ୍ତି।

ଯନ୍ତ୍ରର ବ୍ୟବହାର ନ ହେଲେ କୃଷି କାର୍ଯ୍ୟ ଧିମେଇ ଯାଏ। ଚାରା ପକେଇବାଠାରୁ ଆରମ୍ଭ କରି ଅମଳ କରିବା କ୍ଷେତ୍ରରେ ସବୁଠି ଯନ୍ତ୍ର ବ୍ୟବହାର ନ ହେଲେ କେବଳ ଯେ କାମ ଅଧିକ ସମୟ ନିଏ ତାହା ନୁହେଁ, ଖର୍ଚ୍ଚ ଅଧିକ ହୁଏ ଏବଂ ଅମଳ ପରବର୍ତ୍ତୀ ନଷ୍ଟ ମଧ୍ୟ ଅଧିକ ହୁଏ। ଫସଲ କୃଷି ଏକ ଜଳବାୟୁ ସମ୍ବେଦନଶୀଳ ଜୀବିକା। ଆଜିକାଲିର ଜଳବାୟୁ ଅବସ୍ଥା ଯେମିତି ହେଲାଣି ସେଥିରେ ଯନ୍ତ୍ରର ବ୍ୟବହାରକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଏକକାଳୀନ ବର୍ଷା, ତା'ପରେ ସ୍ୱଳ୍ପ ବୃଷ୍ଟି, ଏମିତି ଅବସ୍ଥାରେ ଆବଶ୍ୟକୀୟ ମାନବ ସମ୍ବଳର ଅଭାବକୁ କେବଳ ଧାନ ରୁଆ ଯନ୍ତ୍ର, ଅମଳ କରିବା ଯନ୍ତ୍ର, ଉଡ଼େଇବା ଯନ୍ତ୍ର, ପ୍ୟାକିଂ କରାଇବା ଯନ୍ତ୍ର ଆଦି ପୂରଣ କରିପାରିବ। ଯନ୍ତ୍ରର ସମୟ ଅନୁସାରେ ବ୍ୟବହାର କୃଷିକ୍ଷେତ୍ରରେ ଅମଳ ବଢ଼ାଇବାକୁ ଉପଯୋଗୀ ସାବ୍ୟସ୍ତ ହୋଇପାରିବ।

ଯାନ୍ତ୍ରିକ କୃଷିର ମୁଖ୍ୟ ସମସ୍ୟାଟି ହେଉଛି ଭାରତୀୟ କୃଷକମାନଙ୍କ ମଧ୍ୟରୁ ଛୟାଅଶୀ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଶ୍ରେଣୀର। ଓଡ଼ିଶାରେ ସେମାନଙ୍କ ସଂଖ୍ୟା ତେୟାନବେ ପ୍ରତିଶତ। ଛୋଟ ଛୋଟ, ଉଚାନୀଚା ଭୂମିରୂପ ଥିବା ଜମିରେ ବଡ଼ ବଡ଼ ଯନ୍ତ୍ରରେ କୃଷି କାର୍ଯ୍ୟ କରାଇବା ଖର୍ଚ୍ଚବହୁଳ ଓ ପ୍ରଯୁଜ୍ୟ ନୁହେଁ। ଏହା ହିଁ ଆମ ଓଡ଼ିଶା ପରି ରାଜ୍ୟରେ କୃଷି ଯାନ୍ତ୍ରିକରଣରେ ମୁଖ୍ୟ ସମସ୍ୟା। କୃଷିକ୍ଷେତ୍ରରେ ନିୟୋଜିତ ବିଭିନ୍ନ ଯାନ୍ତ୍ରିକ ଉପକରଣର ବିକ୍ରୟମୂଲ୍ୟ ଓ ଭଡ଼ା ମଧ୍ୟ କମ ନୁହେଁ। ଏହି ପରିପ୍ରେକ୍ଷୀରେ ଆମ ସରକାର ଗାଁ ମାନଙ୍କରେ କଷ୍ଟମ ହାୟାରିଂ ସେଣ୍ଟର କରାଇ ବା କୃଷକ ଉତ୍ପାଦକ ସଂଘ ମାଧ୍ୟମରେ ଯନ୍ତ୍ର ରଖି ତା'ର ବ୍ୟବହାରିତାକୁ ଆଦୃତ କରାଇବାକୁ ଚେଷ୍ଟା କରୁଛନ୍ତି। କୃଷି ଯାନ୍ତ୍ରିକରଣରେ କୃଷକମାନଙ୍କୁ ରିହାତି ପ୍ରଦାନ କରିବାରେ ଓଡ଼ିଶା ଆଗୁଆ। କୃଷକମାନଙ୍କୁ କଷ୍ଟମ ହାୟାରିଂ ସେଣ୍ଟର ପ୍ରତିଷ୍ଠା କରାଇବାରେ ସହଯୋଗ କରିବା, ରିହାତି ଯୋଗାଇବା, ଆବଶ୍ୟକ ପ୍ରଶିକ୍ଷଣ ଦେବା ପାଇଁ ସରକାରଙ୍କର କୃଷି ଯାନ୍ତ୍ରିକରଣ ବିଭାଗ କାମ କରୁଛି। 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ମଧ୍ୟ ଏହା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ଯାହାର ଫଳସ୍ୱରୂପ ଏବେ ପ୍ରତ୍ୟେକ ଗ୍ରାମରେ ଟ୍ରାକ୍ଟର, ପାୱାର ଟିଲର, ଅମଳ ଯନ୍ତ୍ର ପରି ବଡ଼ ଯନ୍ତ୍ର ସହ ବହୁ ଛୋଟ ଛୋଟ ଯନ୍ତ୍ର ରହୁଛି। ଏବେ ମଞ୍ଜି ବୁଣା ଯନ୍ତ୍ର, ଘାସ ବଛା ଯନ୍ତ୍ର, ପାଛୁଡ଼ିବା ଯନ୍ତ୍ର, ବର୍ଗୀକରଣ ଯନ୍ତ୍ର ମିଳିଲାଣି। ଏହାବ୍ୟତୀତ ସରକାର ସୌର ଶକ୍ତି ବିନିଯୋଗୀ ଯନ୍ତ୍ରକୁ ପ୍ରୋତ୍ସାହିତ କଲେଣି।

ସରକାର ଜଳ ଦ୍ରବୀଭୂତ ଚାରା ଓ ଔଷଧ ସିଞ୍ଚନ ପାଇଁ ଡ୍ରୋନ୍ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ 'ଡ୍ରୋନ ଦିଦି' ଯୋଜନା ଆରମ୍ଭ କରିଛନ୍ତି। ଏହା ସମୟ ଓ ସମ୍ବଳର ଉଚିତ ବିନିଯୋଗ। ଡିଜିଟାଲ କୃଷି, ସେନ୍ସର ଲଗାଇ ଜଳସେଚନ, ରୋବଟ ମାଧ୍ୟମରେ କଷ୍ଟ କାମ ସାଧନ, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗରେ ଅନୁପ୍ରାଣିତ କୃଷି ଭବିଷ୍ୟତର କୃଷିକୁ ଆହୁରି ଯନ୍ତ୍ରାଭିମୁଖୀ, ସହଜ ଓ ସରଳ କରିବ। ଏହା ବିକଶିତ ଭାରତ ୨୦୪୭ ଯୋଜନା ପାଇଁ ବେଶ ଫଳପ୍ରଦ ହେବ।

(ସହକାରୀ କୃଷି ଯନ୍ତ୍ରୀ, ଜଳଛାୟା ବିଭାଗ)
ଖୋର୍ଦ୍ଧା, ମୋ: ୬୩୭୦୨୪୫୬୨୬

## ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନଲୀଳା

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଚନ୍ଦନ ସୁବୁଦ୍ଧି

*(ପୂର୍ବପ୍ରକାଶିତ ଉତ୍ତାରୁ...)*

ମନ୍ଦିର ଲୁଣ୍ଠନ କରି ସେ ଓଡ଼ିଆମାନଙ୍କ ହୃଦୟର କୋମଳ ତନ୍ତ୍ରୀକୁ ଖିନ୍‌ଭିନ କରି ଛିଡ଼େଇବା ପାଇଁ ମୁହାଁଇ ଥିଲା ଚିଲିକାର ହାତୀପଡ଼ା ଆଡ଼େ। କେଉଁଠାରୁ ଖବର ପାଇ ସେ ସନ୍ଧାନ କରିଥିଲା ଦାରୁବ୍ରହ୍ମଙ୍କ ପାତାଳି ସ୍ଥାନ। ମାଟି ତଳୁ ଦିଅଁଙ୍କୁ ବାହାର କରି ହାତୀପିଠିରେ ଚମଡ଼ା ଦଉଡ଼ିରେ ବାନ୍ଧି ବୋହିନେଲା ଧାନ ଓଳିଆ ପରି। ପ୍ରତିବାଦ-ପ୍ରତିରୋଧ-ଶୂନ୍ୟ ଜନତା ଦେଖୁଥିଲେ ନିଜ କଳାଶ୍ରୀମୁଖଙ୍କୁ ଶେଷଥର ପାଇଁ। ଏହାପରେ ସେ ବୋହିନେଲା ଦିଅଁମାନଙ୍କୁ ଗଙ୍ଗାନଦୀକୂଳକୁ। ସେଠାରେ ଅଗ୍ନିରେ ଦାହ କଲା ଚତୁର୍ଦ୍ଧାମୂର୍ତ୍ତିଙ୍କୁ। ପୋଡ଼ି ନପାରି ଶେଷରେ ଫିଙ୍ଗିଦେଲା ଗଙ୍ଗାନଦୀ ଭିତରକୁ। କିଏ ବା ତାଙ୍କ ଅସ୍ତିତ୍ୱକୁ ଲିଭେଇ ପାରିଲାଣି? ଅଗ୍ନି ତାଙ୍କୁ ଦଗ୍ଧ କରିପାରେନା, ଜଳ ତାଙ୍କୁ ନିମଜ୍ଜିତ କରିପାରେନା, ସେ ନିଗୃହିତ ଓଡ଼ିଆର ଅପରାଜେୟ ଆତ୍ମା।...

...ନିଖିଳ ବିଶ୍ୱର ଅକ୍ଷୟ ଅବ୍ୟୟ ଆତ୍ମା ଜଗନ୍ନାଥ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ପଡ଼ି ରହିଲେ ଜାଳେଣି କାଠ ସଦୃଶ। ଏସବୁ ଦୃଶ୍ୟର ଏକମାତ୍ର ସାକ୍ଷୀ ଭାବେ ମହାପ୍ରଭୁଙ୍କ ପରମ ଭକ୍ତ ବିଶର ମହାନ୍ତି ଉଦ୍ଧାର କଲେ ବ୍ରହ୍ମଙ୍କୁ। ଅନୁରୋଧ କରି ମୃଦଙ୍ଗ ତିଆରି ପାଇଁ ଅପୋଡ଼ା ବିଗ୍ରହଙ୍କୁ ମାଗିଆଣିଲେ ଉପରୋକ୍ତ ବ୍ୟକ୍ତିଙ୍କଠାରୁ। କୋଟି ଓଡ଼ିଆଙ୍କ ପ୍ରାଣଶକ୍ତିର ପ୍ରେରଣା ଜଗନ୍ନାଥ ଆଶ୍ରୟ ନେଲେ ମୃଦଙ୍ଗ ଭିତରେ। କୋଟି ଓଡ଼ିଆଙ୍କ ହୃଦୟ ସ୍ପନ୍ଦନକୁ ମୃଦଙ୍ଗରେ ଧରି ଗୋଟିଏ ମାଛ ଧରା ଡଙ୍ଗା ସାହାଯ୍ୟରେ ବିଶର ମହାନ୍ତି ପହଁଚିଥିଲେ କୁଜଙ୍ଗ ଗଡ଼ରେ। ମହାବାହୁଙ୍କୁ କୁଜଙ୍ଗ ଜାବୁଡ଼ି ଧରିଲା ଦୀର୍ଘ ୮ ବର୍ଷ ପର୍ଯ୍ୟନ୍ତ। ଦାରୁର କମନୀୟ କଳେବର ତ୍ୟାଗ କରି ମହାବାହୁ ଆପଣେଇଥିଲେ ମୃଦଙ୍ଗ ଅବତାର। ସତରେ କିଏ ବା ତାଙ୍କ କଳେବରର ବାଖ୍ୟା କରିପାରିବ! ଯଜୁର୍ବେଦ କହେ 'ନ ତସ୍ୟ ପ୍ରତିମା ଅସ୍ତି'। ବୋଧେ ମୃଦଙ୍ଗର କଳେବର ସେହି ଉକ୍ତିକୁ ସାର୍ଥକ କରିଥିଲା।...

...ଭୟଙ୍କର ରାତିର ଅବସାନ ଘଟି ଉତ୍କଳ ଆକାଶରେ ସେଦିନ ନୂତନ ଭାନୁଦୋୟ ହୋଇଥିଲା ଯେଉଁଦିନ ଉତ୍କଳର ଗଜପତି ଭାବେ ଭୋଇ ବଂଶ କେଶରୀ ପ୍ରଥମ ରାମଚନ୍ଦ୍ର ଦେବ ଗଜପତି ଆସନ ଅଳଙ୍କୃତ କଲେ। ସ୍ୱପ୍ନାଦେଶ ପାଇ ବ୍ରହ୍ମଙ୍କ ସନ୍ଧାନ କଲେ। ବହୁ ଆଡ଼ମ୍ବର ସହ ଖୋର୍ଦ୍ଧାର ଗୋପାଳ ମନ୍ଦିରରେ ବ୍ରହ୍ମଙ୍କୁ ବିଜେ କରାଇଲେ। ସେଠାରେ ମହାପ୍ରଭୁଙ୍କ ନବକଳେବର କରି ମହାପ୍ରଭୁଙ୍କୁ ଶ୍ରୀବସ୍ତ୍ରଖଣ୍ଡଶାଳରେ ପୁନଃପ୍ରତିଷ୍ଠା କଲେ। ଆଜି ବି ଉତ୍କଳୀୟ ଇତିହାସ ରାମଚନ୍ଦ୍ର ଦେବଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି ସମ୍ବୋଧନ କରେ।



**ପୁରୁଷୋତ୍ତମ ଦେବ (ଦ୍ୱିତୀୟ):** ଦ୍ୱିତୀୟ ପୁରୁଷୋତ୍ତମ ଦେବଙ୍କ ଅଷ୍ଟମ ଅଙ୍କରେ ଖୁରୁମ (ମୋଗଲ ସୁବେଦାର) ଶ୍ରୀମନ୍ଦିର ଆକ୍ରମଣ ଯୋଜନା କଲା। ଖବର ପାଇ ଗଜପତି ପୁରୁଷୋତ୍ତମଦେବ ଦିଅଁମାନଙ୍କୁ ଚଉଦୋଳରେ ପୁରୀ ସନ୍ନିକଟ ବ୍ରହ୍ମଗିରି ଅଞ୍ଚଳର କପିଳେଶ୍ୱରପୁର ଶାସନ ଅନ୍ତର୍ଗତ ପଞ୍ଚମୁଖୀ ଗୋସାଣୀଙ୍କ ପୀଠରେ ଲୁଚେଇ ରଖିଲେ। କିଛିଦିନ ପରେ ଶ୍ରୀଜୀଉମାନେ ଫେରିଆସିଲେ। ଏହାଙ୍କ ୯ଅଙ୍କ (୧୬୦୭)ରେ ହାସୀମ ଖାଁ ଆକ୍ରମଣ କରିବାରୁ ଠାକୁରମାନଙ୍କୁ ପୁଣି ଖୋର୍ଦ୍ଧାର ଗୋପାଳ ମନ୍ଦିରକୁ ସ୍ଥାନାନ୍ତର କରାଯାଇଥିଲା। ପୁରୁଷୋତ୍ତମ ଦେବଙ୍କ ୧୨ଅଙ୍କ (୧୬୧୦) ରଥଯାତ୍ରା ସମୟରେ କେଶୋଦାସ ମାରୁ ଶ୍ରୀମନ୍ଦିର ଆକ୍ରମଣ କଲା। ସେସମୟରେ ପୁରୁଷୋତ୍ତମଦେବ ଶ୍ରୀକ୍ଷେତ୍ରରେ ନଥିଲେ। ଗଜପତିଙ୍କ ଅନୁପସ୍ଥିତି ତଥା ଶ୍ରୀମନ୍ଦିର ଖାଲି ଥିବା ଦେଖି ସେ ମନ୍ଦିର ଲୁଣ୍ଠନ କଲା। ପ୍ରାୟ ତିନି କୋଟି ଟଙ୍କାର ଅଳଙ୍କାର ଲୁଟିନେଲା। ଏହା ସହ ଆଉ ଏକ ବର୍ବର କାଣ୍ଡ ରଚିଲା। ହିନ୍ଦୁ ବିଦ୍ୱେଷ ନୀତି ରଖି ମହାପ୍ରଭୁଙ୍କ ତିନିରଥ ଜାଳିଦେଲା। ଦୀର୍ଘ ୮ ମାସ ଦିଅଁ ଦରବନ୍ଧାରେ ରହିଲେ। ଏହାପରେ ଶ୍ରୀମନ୍ଦିର ଚଉଦୋଳରେ ଫେରିଲେ। ପୁରୁଷୋତ୍ତମଦେବଙ୍କ ୧୭ଅଙ୍କରେ କଲ୍ୟାଣ ମଲ୍ଲ ଆକ୍ରମଣ କଲା। ଦିଅଁ ଚାପରେ ଯାଇ ଚିଲିକା ଗର୍ଭରେ ଥିବା ମହିଷାନାସି ଦ୍ୱୀପରେ ରହିଲେ। କଲ୍ୟାଣ ମଲ୍ଲ ପୁଣିଥରେ ଆକ୍ରମଣ କଲା। ଦିଅଁ ମହିଷାନାଶିରୁ ସିପିନାସି ହୋଇ ଗୁରୁବାଇ ଦ୍ୱୀପରେ ରହିଲେ। କିଛିଦିନ ଚାପରେ ରହିଲେ।

ପୁରୁଷୋତ୍ତମଦେବଙ୍କ ୨୧ଅଙ୍କରେ (୧୬୧୭) ମକରମ ଖାଁ ଶ୍ରୀକ୍ଷେତ୍ର ଆକ୍ରମଣ କଲା। ସାକ୍ଷୀଗୋପାଳ ମନ୍ଦିର ଭାଙ୍ଗିଲା। ସେବକମାନେ ମହାପ୍ରଭୁଙ୍କୁ ଗୁରୁବାଇ ଦ୍ୱୀପରୁ ନେଇ ବାଣପୁର ସୀମାରେ ଥିବା ଗବପଦର ଠାଇ ନଈରେ ଚାପ ଭିତରେ ଲୁଚେଇ ରଖିଲେ। ଷାଠିଏ ପଉଟି ଛପନ ଭୋଗୀ କାଳିଆ ସାଆନ୍ତେ ଚାପରେ ଶୀତଳ ଭୋଗ ଖାଇ ରହିଲେ। ପୁରୁଷୋତ୍ତମଦେବଙ୍କ ୨୩ଅଙ୍କରେ ମକରମ ଖାଁ କ୍ଷେତ୍ର ଛାଡ଼ି ଯିବାରୁ ଦିଅଁମାନେ ଦେଉଳକୁ ଫେରିଲେ। ପୁରୁଷୋତ୍ତମଦେବଙ୍କ ଶେଷ ସମୟ ଆଡ଼କୁ ତାଙ୍କ ୨୫ଅଙ୍କରେ ଅହମ୍ମଦ ବେଗ ଶ୍ରୀକ୍ଷେତ୍ର ଆକ୍ରମଣ କଲା। ରାଜା ପ୍ରତିରୋଧ ନ କରିପାରି ଖୋର୍ଦ୍ଧା ଛାଡି ଗଡ଼ମାଣିତ୍ରୀରେ ଆତ୍ମଗୋପନ କଲେ। ପୁଣିଥରେ ଗଜପତି ତଥା ଉତ୍କଳର ମାନ ରକ୍ଷା ପାଇଁ ମହାପ୍ରଭୁ ପୁରୋତ୍ତମ ଛାଡ଼ି ବାଣପୁର ଓ ରଣପୁର ସୀମାନ୍ତ ଅନ୍ଧାରି ଗଡ଼କୁ ବିଜେ କରିଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୮୫୩୪୫୪୪୯୩



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ‘ଦି ଲାନ୍‌ସେଟ୍’ରେ ସ୍ଥାନ ପାଇଲା କିଟ୍ ଗବେଷକଙ୍କ ନିବନ୍ଧ

ଭୁବନେଶ୍ୱର,୩।୭ (ସମିସ): କିଟ୍ ଗବେଷକମାନଙ୍କ ଦ୍ୱାରା ଲିଖିତ ଏକ ନିବନ୍ଧ ‘ଦି ଲାନସେଟ୍’ରେ ପ୍ରକାଶିତ ହୋଇଛି। ଏଥିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ସ୍ତନ କର୍କଟ ସ୍କ୍ରିନିଂ ମୂଲ୍ୟାଙ୍କନ କରିବା ସମୟରେ ବୟସ-ସମ୍ବନ୍ଧୀୟ ଟ୍ୟୁମର ଜୀବବିଜ୍ଞାନକୁ ବିଚାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଜୈବିକ ପାଥର୍କ୍ୟଗୁଡିକୁ ସାମିଲ କରିବା ଦ୍ୱାରା ଏଆଇ-ଆଧାରିତ ମାମୋଗ୍ରାଫି କାର୍ଯ୍ୟକ୍ରମଗୁଡିକର ମୂଲ୍ୟାଙ୍କନ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଏହା ଉପରେ ମତ ଦେଇ କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ନିର୍ଦ୍ଦେଶକ ଡ. ରମ୍ୟା ପିନ୍ନାମାନେନି, ଆସୋସିଏଟ୍ ପ୍ରଫେସର ଡ. ପ୍ରତାପ କୁମାର ଜେନା ଏବଂ ପିଏଚଡି ଗବେଷକ ସବ୍ୟସାଚୀ ଶୁକ୍ଳା କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାମୋଗ୍ରାଫି ଉପକରଣଗୁଡିକୁ କେବଳ ସେମାନଙ୍କର ବୈଷୟିକ କାର୍ଯ୍ୟଦକ୍ଷତା ଉପରେ ଆଧାର କରି ମୂଲ୍ୟାଙ୍କନ କରିବା ଉଚିତ୍ ନୁହେଁ, ବରଂ ସ୍ତନ କର୍କଟ ସ୍କ୍ରିନିଂର ପ୍ରଭାବଶାଳୀତା ସମ୍ପର୍କରେ ଅଧିକ ନିର୍ଭରଯୋଗ୍ୟ ପ୍ରମାଣ ପାଇଁ ବିଭିନ୍ନ ବୟସ ଗୋଷ୍ଠୀ ମଧ୍ୟରେ ଟ୍ୟୁମର ବୃଦ୍ଧିରେ ଥିବା ଜୈବିକ ପାଥର୍କ୍ୟକୁ ବିଚାର କରିବା ଆବଶ୍ୟକ। ସ୍ୱିଡେନରେ ହୋଇଥିବା ଏମ୍‌ଏଏସଏଆଇ ପରୀକ୍ଷଣ ନିଷ୍କର୍ଷ ଆଧାରରେ ସ୍ତନ କର୍କଟ ଚିହ୍ନଟରେ ଏଆଇର ପ୍ରଭାବ ମୂଲ୍ୟାଙ୍କନ କରୁଥିବା ବିଶ୍ୱର ସବର୍ବୃହତ ଅଧ୍ୟୟନ ମଧ୍ୟରୁ ଏହା ଅନ୍ୟତମ। ପରୀକ୍ଷଣରେ ଦର୍ଶାଯାଇଥିଲା ଯେ ଏଆଇ-ସହାୟତାପ୍ରାପ୍ତ ସ୍କ୍ରିନିଂ ଅଧିକ କର୍କଟ ଚିହ୍ନଟ କରିଛି ଏବଂ ରେଡିଓଲୋଜିଷ୍ଟମାନଙ୍କ ଦ୍ୱାରା ବ୍ୟବହୃତ ପାରମ୍ପରିକ ‘ଡବଲ-ରିଡିଂ’ ପଦ୍ଧତି ଅପେକ୍ଷା ଭଲ ପ୍ରଦର୍ଶନ କରିଛି। ଡ. ପ୍ରତାପ ଜେନା ଉଲ୍ଲେଖ କରିଛନ୍ତି ଯେ ଏଆଇ ମୂଲ୍ୟାଙ୍କନ ଢାଞ୍ଚାରେ ଜୈବିକ କାରକଗୁଡିକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ପୂର୍ବାନୁମାନ ସଠିକତା ବୃଦ୍ଧି ପାଇପାରେ ଏବଂ ଏଆଇ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନରେ ତ୍ରୁଟି ହ୍ରାସ ପାଇପାରେ। ଏହାକୁ ଦୃଷ୍ଟିରେ ରଖି ଗବେଷକମାନେ ପରାମର୍ଶ ଦେଇଛନ୍ତି ଯେ ଏଆଇ-ସହାୟତାପ୍ରାପ୍ତ ମାମୋଗ୍ରାଫି ଉପରେ ଭବିଷ୍ୟତର ଅଧ୍ୟୟନରେ ଗାଣିତିକ ମଡେଲଗୁଡିକୁ ଅନ୍ତର୍ଭୁକ୍ତ କରିବା ଉଚିତ ଯାହା କର୍କଟ ପ୍ରଗତିରେ ବୟସ-ସମ୍ବନ୍ଧୀୟ ପରିବର୍ତ୍ତନ ଜଣାପଡିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାକିସ୍ତାନରେ ଖାଇକୁ...

ଉଦ୍ଧାର କରିଥିବା ବେଳେ ୮ ଜଣ ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଜୋବ୍ ଜରୁରୀକାଳୀନ ଚିକିତ୍ସା କେନ୍ଦ୍ରକୁ ପଠାଇଛନ୍ତି। ବର୍ତ୍ତମାନ ସେଠାରେ ମୃତଦେହ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଅନ୍ୟପକ୍ଷରେ, ବସ୍‌ଟି କେଉଁ ପରିସ୍ଥିତିରେ ଏବଂ କିଭଳି ଦୁର୍ଘଟଣାଗ୍ରସ୍ତ ହେଲା, ସେ ନେଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ତଦନ୍ତ ଆରମ୍ଭ କରାଯାଇଛି।

### ଓଡ଼ିଶା ହେବ...

ପ୍ରଶଂସା କରି କହିଥିଲେ ଯେ ଓଡ଼ିଶାରେ ଶକ୍ତି କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ସହଯୋଗ ଓ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଶକ୍ତି ନୀତି ବେଶ୍ ପ୍ରଶଂସନୀୟ। ଜାପାନ ପାଇଁ ସବୁଜ ଶକ୍ତି (ଗ୍ରୀନ୍ ଏନର୍ଜି) କ୍ଷେତ୍ରରେ ବୃହତ ପୁଞ୍ଜିନିବେଶ କରିବା ନିମନ୍ତେ ଓଡ଼ିଶା ଏକ ସର୍ବୋତ୍ତମ ଏବଂ ସୁଦୃଢ଼ ମାଧ୍ୟମ ସାଜିଛି ବୋଲି ସେ କହିଥିଲେ। ଏସିଏମଇ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡିରେକ୍ଟର ମନୋଜ କୁମାର ଉପାଧ୍ୟାୟ ଓଡ଼ିଶାର ଶିଳ୍ପାନୁକୂଳ ପରିବେଶକୁ ପୁଞ୍ଜିନିବେଶର ଶ୍ରେଷ୍ଠ ଗନ୍ତବ୍ୟସ୍ଥଳ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଜାପାନୀ ପ୍ରତିନିଧିମଣ୍ଡଳ ସମେତ ଟି.ଆର୍.ଏଲ୍. କ୍ରୋସାକି, ଟି.ୱାଇ.କେ. କର୍ପୋରେସନ୍, ଇଣ୍ଡୋ ନିସିନ୍, ଏ.ସି.ଏମ୍.ଇ. ଗ୍ରୁପ୍, ଆଇ.ଏଚ୍.ଆଇ. କର୍ପୋରେସନ୍ ଓ ମିତ୍‌ସୁବିଶିର ପ୍ରତିନିଧିବୃନ୍ଦ ଏବଂ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତୀୟ ଅର୍ଥ ନିଗମ ଓ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କର ପ୍ରତିନିଧିମାନେ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇଥିଲେ।

### ୧୨ ଜିଲ୍ଲାରେ...

କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି। ଅନ୍ୟପଟେ ଲଘୁଚାପ ପ୍ରଭାବରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଘଣ୍ଟା ପ୍ରତି ୪୦-୫୦ କିମି ବେଗରେ ପବନ ସହିତ ଝଡ଼ବର୍ଷା ହୋଇପାରେ ଏବଂ ପବନର ବେଗ ବଢ଼ି ଘଣ୍ଟା ପ୍ରତି ୬୦ କିଲୋମିଟର ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ୪ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

### ୧୦ ବରିଷ୍ଠ ଆଇଏଏସ୍...

ଜିଲ୍ଲାର ପର୍ଯ୍ୟବେକ୍ଷକ, ବଳବନ୍ତ ସିଂହଙ୍କୁ କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାର ଦାୟିତ୍ୱ ମିଳିଥିବା ବେଳେ ବି. ପରମେଶ୍ୱରନଙ୍କୁ ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ଦେବଗଡ଼, ସମ୍ବଲପୁର, ବରଗଡ଼ ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ଡି. ପ୍ରସନ୍ନ କୁମାର ରେଡ୍ଡୀଙ୍କୁ ଗଞ୍ଜାମ, ଗଜପତି, ରାୟଗଡ଼ା, ସୁଧାଂଶୁ ମୋହନ ସାମଲଙ୍କୁ କଟକ, ଢେଙ୍କାନାଳ, ଅନୁଗୋଳ, ରଶ୍ମିତା ପଣ୍ଡାଙ୍କୁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱର ମହମ୍ମଦ ସାଦିକ ଆଲମଙ୍କୁ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସଂଗ୍ରାମ କେଶରୀ ମହାପାତ୍ରଙ୍କୁ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଏହି ସମସ୍ତ ପର୍ଯ୍ୟବେକ୍ଷକ ଭୋଟର ତାଲିକା ସଂଶୋଧନ ଅବଧି ମଧ୍ୟରେ ଦାୟିତ୍ୱ ଦିଆଯାଇଥିବା ନିଜ ନିଜ ଜିଲ୍ଲାକୁ ଅତିକମ୍‌ରେ ୩ ଥର ଗସ୍ତ କରି ସ୍ଥିତି ସମୀକ୍ଷା କରିବେ। ପର୍ଯ୍ୟବେକ୍ଷକମାନେ କେବଳ ଜିଲ୍ଲା ମୁଖ୍ୟାଳୟ ମଧ୍ୟରେ ନିଜର ଗସ୍ତକୁ ସୀମିତ ନ ରଖି, ବିଭିନ୍ନ ବିଧାନସଭାମଣ୍ଡଳୀର ମତଦାନ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବେ। ଗସ୍ତ ସମୟରେ ସେମାନେ ସେହି ଅଞ୍ଚଳର ସାଂସଦ, ବିଧାୟକ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ କରିବେ। ବୈଠକରେ ସେମାନଙ୍କର ଅଭିଯୋଗ ଓ ସମସ୍ୟା ଶୁଣିବା ସହ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ସହଯୋଗ ଲୋଡ଼ିବେ। ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ସମସ୍ୟା ବା ଅଭିଯୋଗ ପାଇଁ ସାଧାରଣ ଜନତାଙ୍କୁ ମଧ୍ୟ ପର୍ଯ୍ୟବେକ୍ଷକଙ୍କୁ ସାକ୍ଷାତ କରିବାର ସୁଯୋଗ ଦିଆଯିବ। ଯେଉଁ ବିଧାନସଭା ମଣ୍ଡଳୀଗୁଡ଼ିକରେ ଭୋଟରଙ୍କ ନାମ ବାଦ୍ ପଡ଼ିବା କିମ୍ବା ନୂଆ ନାମ ସଂଯୋଗ ହେବାର ହାର ଜିଲ୍ଲାର ହାରାହାରି ତୁଳନାରେ ୧ ପ୍ରତିଶତରୁ ଅଧିକ ଥିବ କିମ୍ବା କୌଣସି ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀରେ ଏହା ୩ ପ୍ରତିଶତରୁ ଅଧିକ ଥିବ, ସେଠାରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟ ଓ କାରଣକୁ ପର୍ଯ୍ୟବେକ୍ଷକମାନେ ବ୍ୟକ୍ତିଗତ ଭାବେ ଯାଞ୍ଚ କରିବେ। କ୍ଷେତ୍ର ପରିଦର୍ଶନ ଏବଂ ସମୀକ୍ଷା ପରେ ସମସ୍ତ ପର୍ଯ୍ୟବେକ୍ଷକ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଏକ ବିସ୍ତୃତ ରିପୋର୍ଟ ପଠାଇବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

### ସନ୍ଦେହ ଘେରରେ...

ସମ୍ପର୍କୀୟ ମଧ୍ୟ ସାମିଲ ଅଛନ୍ତି। ଚାକିରି କରାଇଦେବା ବଦଳରେ ସେ ମୋଟା ଅଙ୍କର କମିସନ ନେଉଥିବା ଏବଂ ଟ୍ରଷ୍ଟି ହେବା ପରେ ତାଙ୍କ ସମ୍ପତ୍ତିରେ ବେଆଇନ ବୃଦ୍ଧି ଘଟିଥିବା ଅଭିଯୋଗର ତଦନ୍ତ ଏବେ ଚାଲିଛି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସିସିଟିଭି କ୍ୟାମେରାରୁ ବଞ୍ଚିବା ପାଇଁ ଏମାନେ ସଂଘବଦ୍ଧ ଭାବେ ଟଙ୍କା ଲୁଚାଉଥିଲେ। ଅନିଲ ମିଶ୍ରଙ୍କ ସହ ନିବିଡ଼ ସମ୍ପର୍କ ଥିବାରୁ କେହି ସେମାନଙ୍କୁ ସନ୍ଦେହ କିମ୍ବା ଯାଞ୍ଚ କରୁନଥିଲେ।

ଇତିମଧ୍ୟରେ ଟ୍ରଷ୍ଟର ଗତ ୫ ବର୍ଷର ଆକାଉଣ୍ଟ ପୁନଃ ଯାଞ୍ଚ କରିବ ଏସଆଇଟି। ପ୍ରାଥମିକ ତଦନ୍ତରୁ ବଡ଼ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପୁନଃଯାଞ୍ଚ ପ୍ରକ୍ରିୟାରେ ମନ୍ଦିର ନିର୍ମାଣ ସମ୍ପର୍କିତ ସମସ୍ତ ଖର୍ଚ୍ଚ ସହିତ ଦାନ ଆକାରରେ ମିଳିଥିବା ସୁନା, ରୁପା ଏବଂ ଅଳଙ୍କାରଗୁଡ଼ିକର ପୁଙ୍ଖାନୁପୁଙ୍ଖ ହିସାବ କରାଯିବ। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ଜୁଲାଇ ୬ ତାରିଖରେ ବସିବାକୁ ଥିବା ଟ୍ରଷ୍ଟ ବୈଠକରେ ଏହି ଇସ୍ତଫା ପତ୍ର ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ପୁଲିସ ଏପର୍ଯ୍ୟନ୍ତ ବିଭିନ୍ନ ଅଭିଯୁକ୍ତଙ୍କଠାରୁ ପ୍ରଚୁର ମାତ୍ରାରେ ଟଙ୍କା ଏବଂ ସାମଗ୍ରୀ ଓ ବିପୁଳ ପରିମାଣର ନଗଦ ଅର୍ଥ ସହ ବିଦେଶୀ ମୁଦ୍ରା ଜବତ କରିଛି। ଅବିନାଶ ଶୁକ୍ଳାଠାରୁ ୨୦.୩୯ ଲକ୍ଷ, କରୁଣେଶ ପାଣ୍ଡେଠାରୁ ୧୮.୦୭ ଲକ୍ଷ, ଅନୁକଳ୍ପ ମିଶ୍ରଠାରୁ ୧୬.୮୨ ଲକ୍ଷ ଏବଂ ଲବକୁଶ ମିଶ୍ରଠାରୁ ୧୪.୨୫ ଲକ୍ଷ ଟଙ୍କା ଜବତ ହୋଇଛି। ଏହା ସହିତ ୧୧ ଗ୍ରାମ ସୁନା, ୩୭୫ ଗ୍ରାମ ରୁପା ଏବଂ ୧, ୧୨୧ ଆମେରିକୀୟ ଡଲାର ମଧ୍ୟ ମିଳିଛି। ଏପରିକି ଅଭିଯୁକ୍ତ ରହୁଥିବା ସ୍ଥାନରୁ ଏକ ନକଲି ଦାନ ବାକ୍ସ ଏବଂ ଅନଲାଇନ୍ ପେମେଣ୍ଟ କରିବା ପାଇଁ ବାରକୋଡ୍ ମଧ୍ୟ ଜବତ କରାଯାଇଛି।

### ଦାନ ଚୋରି ‘ଅତ୍ୟନ୍ତ ଯନ୍ତ୍ରଣାଦାୟକ’: ଆରଏସ୍‌ଏସ୍

ରାମ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଚୋରି ଓ ଆତ୍ମସାତ ଘଟଣାକୁ ନେଇ ଆରଏସ୍‌ଏସ୍ ପ୍ରଥମ ଥର ପାଇଁ ନିଜର ପ୍ରତିକ୍ରିୟା ପ୍ରକାଶ କରିଛି। ଆରଏସଏସର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସବାଲେ ଏହି ଘଟଣାକୁ ‘ଅତ୍ୟନ୍ତ ଦୁଃଖଦାୟକ ଓ କଷ୍ଟଦାୟକ’ ବୋଲି କହିବା ସହ ମନ୍ଦିର ପ୍ରଶାସନରେ ସ୍ୱଚ୍ଛତା ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ‘ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ’କୁ ଏହି ସମସ୍ୟାକୁ ଏକ ସ୍ୱତନ୍ତ୍ର ଏବଂ ଗମ୍ଭୀର ମାମଲା ଭାବେ ଗ୍ରହଣ କରିବାକୁ କୁହାଯାଇଛି। ମନ୍ଦିର ପରିଚାଳନା ଓ ଆର୍ଥିକ ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ସୁଧାରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବାକୁ ସଂଘ ଅପିଲ୍ କରିଛି, ଯାହାଦ୍ୱାରା କୋଟି କୋଟି ଭକ୍ତଙ୍କ ବିଶ୍ୱାସ ଅକ୍ଷୁର୍ଣ୍ଣ ରହିବ।

### ଅସ୍ମିତାକୁ ‘ପଖାଳ’...

ଓଡ଼ିଆ ନାହାନ୍ତି। ମୁଖାର୍ଜୀ, ଗିଲ୍, ବଥିଜା, ଜୈନ, ଯୋଶୀ, ଦେ, ହରିଦାଶ, ଶିରୱାଇକର, ଡ଼ୁଙ୍ଗରିକର ଆଦି ସାଙ୍ଗିଆ କୌଣସି ଓଡ଼ିଆଙ୍କର ହୋଇଥିବା ସମ୍ଭବତଃ କେହି ଜାଣି ନଥିବେ। ତେଣୁ ଏମାନେ ପଖାଳ ଦିବସରେ କ’ଣ କରୁଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଅନ୍ୟ ରାଜ୍ୟରୁ ସେଫ୍, ଫୁଡ୍ ବ୍ଲଗରମାନଙ୍କୁ ଓଡ଼ିଶା ଆଣିବା ପାଇଁ ବିମାନ ଟିକେଟ ବାବଦରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ବିଭିନ୍ନ ହୋଟେଲରେ ସେମାନଙ୍କ ଆଖି ଖୋସି ହେବା ପରି ରହଣି ବ୍ୟୟକୁ ପର୍ଯ୍ୟଟନ ବିଭାଗ ବହନ କଲା। ବିଭାଗୀୟ ସଚିବ ଏମାନଙ୍କୁ ନିମନ୍ତ୍ରଣ ଦାୟିତ୍ୱ ନେଇଥିବା କୁହାଯାଉଥିବାରୁ ଏମାନଙ୍କ ଦ୍ୱାରା ସାଧାରଣ ଓଡ଼ିଆ କି ପ୍ରକାର ଲାଭବାନ ହୋଇଛନ୍ତି, ତାହା ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି।

### ବ୍ୟାଙ୍କ ଆଗରେ...

କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିବାରୁ ସେ ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଶାଖା ପରିଚାଳକ ତାଙ୍କ ଘରକୁ ଯାଇ ଚାରିଟି ବ୍ଲାଙ୍କ ଚେକ୍ ନେଇଥିଲେ। ଅଧିକ ଟ୍ରାଞ୍ଜାକ୍ସନ କଲେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁଣି ଋଣ ଦିଆଯିବ ବୋଲି ପ୍ରଲୋଭନ ଦେଇ ପରବର୍ତ୍ତୀ ସମୟରେ ତାଙ୍କୁ ହଇରାଣ କରାଯାଉଛି। ଦୀର୍ଘଦିନ ଧରି ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଶେଷରେ ଶୁକ୍ରବାର ସକାଳେ ସେ ବିଷ ବୋତଲ ଧରି ବ୍ୟାଙ୍କ ସମ୍ମୁଖରେ ପହଞ୍ଚି ଶାଖା ପରିଚାଳକଙ୍କୁ ଅଟକାଇ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଘଟଣାସ୍ଥଳରେ ତାଳସାରୀ ସାମୁଦ୍ରିକ ଥାନା ପୁଲିସ ଓ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1006, dated 30.06.2026, I, DEEPIKA MAJHI, Daughter of - Padman Majhi, permanent resident of Village - Udayapur, PO - Tentulikhunti, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from DEEPA MAJHI to DEEPIKA MAJHI. Henceforth, I shall be known as **DEEPIKA MAJHI** for all purposes.

**Sd/- Deepika Majhi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 999, dated 29.06.2026, I, SABITA CHANDAL, Daughter of - Laxminath Chandal, permanent resident of Village - Baragaon, PO - Bhatigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed my name from SABITA TANTI to SABITA CHANDAL. Henceforth, I shall be known as **SABITA CHANDAL** for all purposes.

**Sd/- Sabita Chandal**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1021, dated 02.07.2026, I, DIPANJALI XAXA, Daughter of - Binod Xaxa, permanent resident of Village - Bandadhipa, PO - Hutupani, PS - Talsara, Dist - Sundargarh, Odisha, Pin - 779074, declare that I have changed my name from MEERA XAXA to DIPANJALI XAXA. Henceforth, I shall be known as **DIPANJALI XAXA** for all purposes.

**Sd/- Dipanjali Xaxa**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 693, dated 29.06.2026, I, DRAUPADI MAJHI, Daughter of - Kodi Majhi, permanent resident of Village - Chatrabar, PO - Papadahandi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from DURPUTA MAJHI to DRAUPADI MAJHI. Henceforth, I shall be known as **DRAUPADI MAJHI** for all purposes.

**Sd/- Draupadi Majhi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1016, dated 02.07.2026, I, KAMALI HARIJAN, Wife of- Kamalu Harijan, permanent resident of Village- Chamuriaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha,Pin - 764059, declare that I have changed my name from RAMA HARIJAN to KAMALI HARIJAN. Henceforth, I shall be known as **KAMALI HARIJAN** for all purposes.

**Sd/- Kamali Harijan**

**AFFIDAVIT**

By virtue of an affidavit sworn before the Executive Magistrate Jaleswar, Baleswar, Odisha vide Sl. no. 2986 dated 03/07/2026, I Sujay Kumar Patra, S/o- Ananta Patra, At. Jhadeswarpur, P.O./P.S. Jaleswar, Dist. Balasore, Odisha, declare that my father's name is recorded as "Ananta Patra" in my Aadhaar Card No. 826981397247. That in my BSE, Odisha Certificate (Roll No. 239CA0194), my father's name is recorded as "Ananta Kumar Patra". That "Ananta Patra" and "Ananta Kumar Patra" are one and the same person. Henceforth, he will be known as **Ananta patra** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1002, dated 30-06-2026, I, TRILOCHAN BAGH, S/o - Brajamohan Bagh, permanent resident of Village - Chandahandi, Dist - Nabarangpur, PO - Saradhapur, PS - Chandahandi, Dist - Nabarangpur, Odisha, Pin - 764077, declare that I have changed the name of my Daughter from MAMATA BAGH to MOHINI BAG. Henceforth, she shall be known as **MOHINI BAG** for all purposes.

**Sd/- Trilochan Bagh**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1022, dated 02.07.2026, I, YASADA PUJARI, Daughter of - Sadasiba Nayak, permanent resident of Village - Silakaguda, PO - Mokiya, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from JASHODA NAYAK to YASADA PUJARI. Henceforth, I shall be known as **YASADA PUJARI** for all purposes.

**Sd/- Yasada Pujari**

**AFFIDAVIT**

By virtue of an affidavit sworn before 85, dated-03/11/25, I Sri Harihar Naik Address:-At-Purnachandrapur, Po-Bhairangisole,Ps- Morada, Mayurbhanj,Odisha, Pin-757018,Adhar Card no. 913582560332 declare that I have changed my daughter's name from KIRN NAIK (old name) to KIRAN NAIK (new name) Henceforth, she shall be known as **KIRAN NAIK** (new name) for all future purposes.

**LOST**

**I, Rankanath Sethy**, S/o.: Late Sukadev Sethy, resident of At/PO: Andhari, Dist.: Jajpur presently residing At: Qtr No.: E-23/06, Upper Police Colony, Tulasipur, PS: Bidanasi, Dist.: Cuttack presently serving as ASI of Police in office of the Supdt. of Police, CID CB, Cuttack, on date 18.05.2026, at about 08.15PM, hereby inform that while I was in Marketing in Deulasahi Market area Sale Deed No.: 1050/2002/1 of office of Registrar, Raghunathpur which was received from the owner Mrs. Aruna Mohanty, W/o: Bijay Kumar Mohanty, Vill: Tendakuda, PS: Patakura, Dist.: Kendrapara after purchase of the land, lost somewhere in Deulasahi Area. With my best effort it couldn't yet traceable. If anyone found, please contact- 8249225877.

**LOST**

ମୁଁ ବବିତା ବିଶ୍ୱାଳ, ସ୍ୱାମୀ- ୰ରଶ୍ମିରଞ୍ଜନ ବିଶ୍ୱାଳ, ଗ୍ରାମ- କାଶୀପୁର, ପୋ- ସୁଜନପୁର, ଥାନା- ଯାଜପୁର ସଦର, ଜିଲ୍ଲା- ଯାଜପୁର, ମୋର ସବୁ କାଗଜପତ୍ର ଧରି ଜେରକ୍ସ ଦୋକାନକୁ ଗଲାବେଳେ ବାଟରେ ମୋର କରିଥିବା କବଲା ଭିତରୁ ଗୋଟିଏ କବଲା ଯାହାର ନଂ- **10801100899** ତା- **15/07/2011** ର ହଜିବା ତାରିଖ- **01/06/2026** ରେ । ଯଦି କେହି ସହୃଦୟ ବ୍ୟକ୍ତି ମୋର ଏହି କବଲା ପାଇବେ ଉକ୍ତ ମୋବାଇଲ ନଂ- **9777779257** ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**ହଜିଛି**

ମୁଁ ସନ୍ତୋଷ କୁମାର ଦାଶ, ପିତା: ହୃଷିକେଶ ଦାଶ, ବୟସ ୪୬ ବର୍ଷ, ବାସସ୍ଥାନ ପ୍ଲଟ୍ ନଂ.: ୧୭୦୮/୩୦୩୪/୩୩୩୯, ନହରକଣ୍ଟା, ଥାନା: ପାହାଳ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା ଏତଦ୍‌ଦ୍ୱାରା ମୁଁ ସର୍ବସାଧାରଣଙ୍କୁ ଜଣାଇ ଦେଉଛି କି, ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୦୮୧୩୦୮୬୬୬ ଏବଂ ଆଇଡି ନଂ.: ୧୦୮୧୩୦୮୯୯୩, ତାରିଖ: ୧୮.୦୫.୨୦୧୩ ଯାହାକି ଶ୍ରୀ ପ୍ରଶାନ୍ତ କୁମାର ନାୟକ, ପିତା: ସୁଧାକର ନାୟକ ଏବଂ ଶ୍ରୀ ବ୍ରଜ ବିହାରୀ ନାୟକ, ପିତା: ଭ୍ରମରବର ନାୟକ ସେମାନଙ୍କର ଆଟର୍ଣ୍ଣି ହୋଲ୍ଡର, ମେସର୍ସ ଓମଶ୍ରୀ ଇନଫ୍ରାଟେକ୍ ପ୍ରା. ଲିମିଟେଡ୍, ଏହାର ପରିଚଳନା ନିର୍ଦ୍ଦେଶକ: ଶ୍ରୀ କେଶବ ଚନ୍ଦ୍ର ପ୍ରଧାନ, ପିତା: ୰ ଅନାଦି ଚରଣ ପ୍ରଧାନଙ୍କ ମାଧ୍ୟମରେ ଶ୍ରୀ ସର୍ବେଶ୍ୱର ରାଉତ, ପିତା: ଖଗେଶ୍ୱର ରାଉତଙ୍କ ସପକ୍ଷରେ ସମ୍ପାଦିତ ହୋଇଥିଲା। ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୦୮୧୫୦୦୫୧୦ ଏବଂ ଆଇଡି ନଂ.: ୧୦୮୧୫୦୦୦୪୫, ତାରିଖ: ୦୫.୦୧.୨୦୧୫ ଯାହାକି ଶ୍ରୀ ସର୍ବେଶ୍ୱର ରାଉତ, ପିତା: ଖଗେଶ୍ୱର ରାଉତଙ୍କ ମାଧ୍ୟମରେ ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ସପକ୍ଷରେ ସମ୍ପାଦିତ ହୋଇଥିଲା। ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ମ୍ୟୁଟେସନ ଆରଓଆରର ଜେରକ୍ସ କପି ଯାହାର ମୌଜା: ନହରକଣ୍ଟା, ଖାତା ନଂ.: ୬୦୯/୧୫୦୦, ପ୍ଲଟ୍ ନଂ.: ୧୭୦୮/୩୦୩୪/୩୩୩୯, କ୍ଷେତ୍ର: ଏକର୦.୦୧୩ ଡିସିମିଲି, ମ୍ୟୁଟେସନ୍ କେସ୍ ନଂ.: ୬୬୪୧/୨୦୧୫। ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ମ୍ୟୁଟେସନ ଆରଓଆରର ଜେରକ୍ସ କପି ଯାହାର ମୌଜା: ନହରକଣ୍ଟା, ଖାତା ନଂ.: ୬୦୯/୧୫୩୩, ପ୍ଲଟ୍ ନଂ.: ୧୭୦୯/୩୦୩୫/୩୪୦୧, କ୍ଷେତ୍ର: ଏକର୦.୦୧୩ ଡିସିମିଲି, ମ୍ୟୁଟେସନ୍ କେସ୍ ନଂ.: ୮୪୧୪/୨୦୧୬। ଯଦି କୌଣସି ବ୍ୟକ୍ତି ଉପରୋକ୍ତ କଥିତ ଦଲିଲ୍ ପାଇଥାଆନ୍ତି ଦୟାକରି ଆଡଭୋକେଟ ମନୋଜ ନାୟକ, ମୋ.:୮୭୬୩୮୩୩୧୨୭ରେ ଯୋଗାଯୋଗ କରନ୍ତୁ।

**LOST**

**I, Sri Bhubani Sahoo,** aged about 54 years, S/o: Late Shyamasundar Sahoo, At: Badabarsingh, Po: Ragadipada, Ps: Badamba, Dist.: Cuttack do hereby solemnly affirms that I want to inform you that on 25.06.2026 while I was going on a Motor Cycle from my Residence at 10.30 am to Xerox Shop, At: Badamba Square, I lost my bag with Original R.O.R. bearing Khata No.: 74/47, Plot No.: 126/776, Ac. 0.27 Dec. having Kissam: Gharabari in the name of Banambar Sahoo, S/o: Shyamsundar Sahoo & Khata No.: 74/15, Plot No.: 126/776, Ac. 0.27 dec of Mouza: Satagochhia in the name of Chandrasekhar Rout and Ramesh Rout, Sons of Dinabandhu Rout & Khata No.: 113/34, Plot No.: 302, Ac. 2.43 Dec. of Mouza: Kotapola in the name of Chandrasekhar Rout and Ramesh Rout, Sons of Dinabandhu Rout & Regd. Sale Deed No.: 1054, dtd. 28.04.1999 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout and Regd. Sale Deed No.: 691, dtd. 27.04.1994 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout & Regd. Sale Deed No.: 1666, dtd. 05.08.1992 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout who are my vendor's vendor of Regd. Sale Deed bearing Doc No. 10422000389, dtd.28.08.2020, in between my residence to Badamba Square and I could not trace out the same after through search which is under the jurisdiction of Badamba Police Station.If anyone found, please contact on 9437320041.

**AFFIDAVIT**

By virtue of an affidavit sworn before the Notary Public, Kodinga, on Dated 25-06-2026, I, Mr. Laxman Pujari, S/O-Phaguna Pujari, Village/PO/PS-Kosagumuda, Dist. Nabarangpur, PIN-764061, Odisha, declare that I have changed the name of my Son from Himangshu Pujari to Himansu Sekhar Pujari. Henceforth, He shall be known as **Himansu Sekhar Pujari** for all purposes.

**Laxman Pujari**

**NOTICE FOR LOSS OF DOCUMENTS**

Notice is hereby given from Alok Kumar Patra that, he has applied for loan to LIC HFL. But at present, his one of the vendor namely Manjulata Behera has lost the Original Link Documents i.e. **Sale Deed No.: 7046, Dtd.: 18/08/1986** & Original Mutation ROR of Khata No.: 432/845 of Mouza: Dumuduma, which were kept with her and in-spite of her best efforts, failed to trace the same. Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL At: Saheed Nagar, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication: LIC HFL, Saheed Nagar, Bhubaneswar, B. K. Pattanaik, Advocate,**

**Mob. No. 9337395558**

10001/331/2627

**ZILLA SWASTHYA SAMITI, KANDHAMALA**

***(Under National Health Mission)***

Office of the CDM & PHO-cum-District Mission Director, NHM, Kandhamal, Odisha – 762001

**Advt. No.:** 6634 **Date:** 03/07/2026

**Request for Proposal (RFP) for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District**

Zilla Swasthya Samiti (ZSS), Kandhamala invites proposals as per the prescribed RFP documents from eligible bidders for Techno Managerial Services to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District. The detailed terms & conditions, eligibility and selection criteria may be downloaded from the district website https://kandhamal.odisha.gov.in.The Interested bidders fulfilling the eligibility criteria may submit their proposals with paper cost, EMD and required documents as set forth in the RFP to the **CDM & PHO, Kandhamal, Phulbani, PIN–762001** through **Speed Post/Registered Post/Courier** on or before **30.07.2026 by 5:00 PM**. The envelope containing the proposal should be superscribed clearly as per the instructions mentioned in the RFP. The **Pre-Bid Discussion** will be held on **09.07.2026 at 11:00 AM**, and the **Technical Bid** will be opened on **31.07.2026 at 11:30 AM** in the office chamber of the **CDM & PHO, Kandhamala**. The undersigned reserves the right to reject any or all the proposals without assigning any reason thereof.

**Sd/- C.D.M. & P.H.O-cum-DMD, Kandhamala**

OIPR-10001/10015/1/26-27/0001

26001/27/2627

**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**OFFICE OF THE PROJECT ADMINISTRATOR,**
**INTEGRATED TRIBAL DEVELOPMENT AGENCY, JEYPORE**

**E-PROCUREMENT NOTICE**

**BID IDENTIFICATION No. PA ITDA (J)-01//2026-2027**
**No. 864 /2026. Dated, the 02 July, 2026.**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | | |
|---|---|---|
| 01 | Name of the work | Civil Works as mentioned in DTCN |
| 02 | No. of Works | 37 (Thirty Seven) Numbers only |
| 03 | Estimated Cost | ₹16.00 Lakhs to ₹42.00 Lakhs |
| 04 | Period of completion | 03 (Three) to 06 (Six) Calendar Months |
| 05 | Date & Time of Bidding | From **07/07/2026 at 12.00 hours** to **16/07/2026 up to 17.00 hours** |
| 06 | Last date & time for receipt of bids in portal | **16/07/2026 up to 17.00 hours** |
| 07 | Offline Documents Received through Speed Post/Registered Post | **08/07/2026 at 10.00 hours** to **17/07/2026 up to 14.00 hours** (Working Days Only) |
| 08 | Bids received online shall be opened on | **17/07/2026 at 14.00 hours** |
| 09 | Bid Received offline documents shall be opened & Transparency Lottery Draw | **20/07/2026 at 10.30 AM onwards**. Offline Document Open and Transparency Lottery Draw. |
| 10 | Name and address of the officer inviting Bid | **Project Administrator, I.T.D.A., Jeypore** |

**Further details can be seen from the www.tendersodisha.gov.in.**

**Project Administrator, I.T.D.A., Jeypore**

**OIPR-26001/26037/1/26-27/0001**

13001/1058/2627

**OFFICE OF THE GENERAL MANAGER,**
**WATCO DIVISION-II, BHUBANESWAR,**

Near Rajiv Bhawan, Unit-V, Bhubaneswar-751001, Odisha, India
**Telefax:** +91-674-2390322, **E-mail:** gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
Dtd. 02.07.2026

| | | |
|---|---|---|
| 01 | Nos of the work | 2 (Two) Nos |
| 02 | Estimate cost | Rs.18.58 lakhs & Rs.14.59 lakhs |
| 03 | Period of completion | 01 (One) Month |
| 04 | Class of contractor | D & C Class |
| 05 | Date & Time of availability of bid document in the portal | From **11.00 AM of Dt. 06.07.2026** to **5.00 PM of 20.07.2026** |
| 06 | Last date / time of receipt of bids in the portal | **5.00 PM of 20.07.2026** |
| 07 | Last date & time of seeking clarification | **5.00 PM of 10.07.2026** |
| 08 | Date & Time of opening of bids | **At 12.30 PM of 21.07.2026** |
| 09 | Name and Address of the Officer Inviting Bid | **General Manager, WATCO Division-II, BBSR** |

Further details can be seen from the e-Procurement portal: https://www.tendersorissa.gov.in/

**GENERAL MANAGER**
**WATCO DIVISION-II, BHUBANESWAR**

**OIPR-13001/13089/1/26-27/0004**

10001/329/2627

**Zilla Swasthya Samiti, Anugola**

**Office of the Chief District Medical & Public Health Officer cum District Mission Director, Anugola, 759122, Odisha**
**Mail ID:** dpmuang@ymail.com

**Walk-in-Interview for Recruitment of Medical Officer (Fulltime) and Empanelment of Part-Time Specialists**

**Advt. No.:** 1941 **Date:** 03/07/2026

Walk-in-interview for the post of **Medical Officer (Contractual)** in **UPHC Anugola** and empanelment of **Part-Time Specialists** *(O&G, Paediatrics, Medicine, Skin & VD, ENT, Eye, Psychiatric Specialist, Surgery Specialist, Nutritionist and Physiotherapist)* for **AMA Clinic** under **NUHM** for **UPHC Anugola & Talacher**. The above positions are purely temporary and also co-terminus with the scheme. The actual number of vacancies may differ at the time of engagement. Canvassing in any form will render the candidate disqualified for the position. Details of qualification, remuneration, job description, and application form can be downloaded from the district website: https://angul.odisha.gov.in.The interested candidates may attend the **Walk-in-Interview on 15.07.2026, 10:00 AM to 11:00 AM**. on the scheduled date registration. The candidates are requested to visit the district website regularl interval till completion of the recruitment process and the undersigned reserves the right to cancel any or all applications without assigning any reason or communication thereof.

**Sd/- CDM & PHO-cum-District Mission Director, Anugola**

**OIPR-10001/10142/1/26-27/0010**

32001/481/2627

Phone No. (0663)-2412791
E-mail : eemisbp@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**

**'e' Procurement Notice**

Bid Reference No. SE MID SBP 10 / 2026-27
eemisbp@yahoo.co.in
No. 3004 // MID // Date: 01.07.2026

| | | |
|---|---|---|
| 1 | Name of the works | Civil construction works. |
| 2 | No. of Works | 10 (Ten) Nos |
| 3 | Estimated cost | Various from approximately **Rs.53.86 lakh to Rs.81.88 lakh** for 10 Nos of work (**Rs.662.00 lakh**) |
| 4 | Tender paper cost | Referred to DTCN |
| 5 | Period of completion | Referred to DTCN |
| 6 | Date and Time of availability of bid documents in the portal | From **dt.06.07.2026 at 11.00 AM** to **dt.15.07.2026 up to 5.30 PM** |
| 7 | Last date / time of receipt of bids in the portal | **Dt.15.07.2026 up to 5.30 PM** |
| 8 | Date of opening of Technical Bid (Cover-I) | **Dt.17.07.2026 at 11.00 AM onwards** |
| 9 | Name and address of the OIT | **Superintending Engineer, Minor Irrigation Division, Sambalpur.** |
| 10 | ****Further details can be seen from the e-Procurement market place http://tendersodisha.gov.in** | |

**Superintending Engineer**
**M.I. Division, Sambalpur**

**OIPR-32001/32036/1/26-27/0009**

ସକାଳ
THE SAKALA



## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟିର ନବମ ବୈଠକ

# ସ୍ୱତନ୍ତ୍ର ଭାବେ ବୈଠକ ଦିବସ ସ୍ଥିର ପାଇଁ ସାଂସଦଙ୍କ ନିର୍ଦ୍ଦେଶ

### ଗୋକୁଳ ମିଶନ ଯୋଜନା ବିଫଳତା ପାଇଁ ଉଦ୍‌ବେଗ




ବାରିପଦା, ୩।୭(ସମିସ): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟିର ଦଶମ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ସାଂସଦ ତଥା ଜିଲ୍ଲା ଦିଶା କମିଟି ଅଧ୍ୟକ୍ଷ ନବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ନେତାଜୀ କ୍ଲବ ସଭାପତି ସଞ୍ଜିବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସାଂସଦ ଶ୍ରୀ ମାଝୀ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଯୋଜନା ସହାୟତାରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲାସ୍ତରୀୟ ବୈଠକ ଆଲୋଚନାରେ ଜିଲ୍ଲା ଦିଶା କମିଟିର ସମସ୍ତ ଲୋକପ୍ରତିନିଧି ସଭ୍ୟସଭ୍ୟା ଓ ସମ୍ପୃକ୍ତ ସରକାରୀ ଲାଇନ ବିଭାଗର ଅଧିକାରୀ ଯୋଗ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ ଭାବେ ଦିଶା ବୈଠକ ଜିଲ୍ଲା ପରିଷଦ ବୈଠକ ଦିନ ଅପରାହ୍ନରେ ଅନୁଷ୍ଠିତକୁ ସାଂସଦ ବିରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ୩୩ଟି ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ୩ମାସରେ ତା'ର ଅଗ୍ରଗତି, ସମୀକ୍ଷା ଓ ପ୍ରସ୍ତାବ ସମ୍ବନ୍ଧୀୟ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଅପରାହ୍ନରେ ଏକ ଘଣ୍ଟା ସମୟ ନ୍ୟାୟ ସଙ୍ଗତ ନୁହେଁ। ଏଣୁ ପରବର୍ତ୍ତୀ ବୈଠକ ସ୍ୱତନ୍ତ୍ର ଭାବେ ଦିବସ ବ୍ୟାପୀ ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଉକ୍ତ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ ପ୍ରସ୍ତାବ ଉପରେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ଅନୁପାଳନ ସମ୍ପର୍କିତ ସବିଶେଷ ସମୀକ୍ଷାମୂଳକ ଆଲୋଚନା କରାଯାଇ ବିବରଣୀକୁ ଦୃଢ଼ୀକରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଗ୍ରାମ୍ୟ ପାନୀୟଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ରାଷ୍ଟ୍ରୀୟ କୃଷି ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ ସରୋବର ଯୋଜନା, ଜଳ ସମ୍ପଦ ଅଧୀନରେ କେନାଲ, ପୋଲ, ନଦୀ ବନ୍ଧ, ପ୍ରାଣୀ ସମ୍ପଦ, ଗୋକୁଳ ମିଶନ, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଆୟୁଷ୍ମାନ ଜନଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋବାନ୍ଦନ ଯୋଜନା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ମା ଓ ଶିଶୁ ସୁରକ୍ଷା ଯୋଜନା, ଜାତୀୟ ଯକ୍ଷ୍ମା ରୋଗ ବିଲୋପ, ରାଷ୍ଟ୍ରୀୟ ବାଳ ସୁରକ୍ଷା, ସ୍ୱାସ୍ଥ୍ୟନାରୀ, ସଶକ୍ତ ପରିବାର ଜାତୀୟ ରାଜପଥ ଭିତ୍ତି ଭୂମି ବିକାଶ, ସମନ୍ୱିତ ଶିଶୁବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ରାଜପଥ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ଗୋକୁଳ ମିଶନ ଯୋଜନାରେ ମୟୂରଭଞ୍ଜ ଜିଲ୍ଲାକୁ ୩୪ ହଜାରରୁ ଊର୍ଦ୍ଧ୍ୱ ଉନ୍ନତ ପ୍ରଜାତିର ଗାଈ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଉଦ୍ୟମରେ ଗୁଜରାଟରୁ ଏହି ଗାଈ ଅଣାଯାଇ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ବର୍ତ୍ତମାନ ସେ ଗାଈଗୁଡ଼ିକ ୧/୨ ଲିଟର ଦୁଗ୍ଧ ଦେଉଥିବାରୁ ଘୋଡା ଛଅ'କୁ ଦାନା ନଅ ଟଙ୍କା ହୋଇଥିବା ସାଂସଦ ଅଭିଯୋଗ ଆଣିଥିଲେ। ତେବେ ପରିବେଶ ସହିତ ଖାପଖୁଆଇ ପାରୁଥିବା ଗାଈ କିଣିବାକୁ ଆର୍ଥିକ ଅନୁଦାନ ଚାଷୀଙ୍କୁ ପ୍ରଦାନ ପାଇଁ ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ ପ୍ରସ୍ତାବ ରଖିଥିଲେ। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ଅଧିକାରୀ, ଜନପ୍ରତିନିଧି, ଦିଶା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମାଜସେବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବନ ବିଭାଗ ପକ୍ଷରୁ ଚାରା ବିତରଣ କାର୍ଯ୍ୟକ୍ରମ



କପ୍ତିପଦା, ୩।୭(ସମିସ): କପ୍ତିପଦା ବନ ବିଭାଗ କାର୍ଯ୍ୟାଳୟରେ ଗଛ ଚାରା ବିତରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଫରେଷ୍ଟର ଲକ୍ଷ୍ମୀକାନ୍ତ ବେହେରା ଏହି ଚାରା ବିତରଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିଭାଗ ପକ୍ଷରୁ ବିଭିନ୍ନ କିସମର ଚାରା ବିତରଣ କରାଯିବ ବୋଲି କୁହାଯାଇଛି। ଏହି ଚାରା ବ୍ୟକ୍ତିଗତ ଭାବେ ନେଲେ ଚାରା ପ୍ରତି ୧ ଟଙ୍କା ମୂଲ୍ୟଦେବାକୁ ପଡୁଛି। ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଏହି ଚାରା ମାଗଣାରେ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ତେବେ ବ୍ୟକ୍ତିଗତ ଓ କାର୍ଯ୍ୟାଳୟ ପାଇଁ ୫୦ ହଜାର ଚାରା ପ୍ରସ୍ତୁତ କରାଯାଇଥିବାବେଳେ ଭିବି ଜି ରାମ୍ ଜି କାର୍ଯ୍ୟରେ ୫୦ ହଜାର ଚାରା ଲଗାଯିବ ବୋଲି ଧାର୍ଯ୍ୟ କରାଯାଇଛି। ତେବେ ପ୍ରତ୍ୟେକ ବ୍ୟକ୍ତି ନିଜ ବାଡିରେ ଏହି ଚାରା ରୋପଣ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସରକାରଙ୍କ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମଧ୍ୟ ଆହ୍ୱାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ଗାର୍ଡ ଲମ୍ବୋଧର ମହାନ୍ତ ଓ ଅନ୍ୟ କର୍ମଚାରୀ ଚାରା ବଣ୍ଟନରେ ସହଯୋଗ କରିଥିଲେ।

## ଜନ୍ମମାଟିରେ ଯବାନଙ୍କୁ ସ୍ୱାଗତ



ସାରସକଣା, ୩।୭(ସମିସ): ସୀମାରେ ଦେଶର ସୁରକ୍ଷା କରିବା ପରେ ନିଜ ଗାଁ କିମ୍ବା ସହରକୁ ଫେରିଥିବା ଯବାନଙ୍କୁ ସ୍ଥାନୀୟ ଲୋକ ଉଚ୍ଛ୍ୱସିତ ସ୍ୱାଗତ କରିଛନ୍ତି। ୪୧ ବର୍ଷର ଗୌରବମୟ ଦେଶସେବା ପରେ ନିଜ ଜନ୍ମମାଟିକୁ ଫେରିଛନ୍ତି ସିଆରପିଏଫ୍ ଇନ୍ସପେକ୍ଟର ଜଗଦୀଶ ପଣ୍ଡା। ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ପାଣ୍ଡରା ଗ୍ରାମର ଜଗଦୀଶଙ୍କୁ ସ୍ୱାଗତ କରାଯାଇଛି। ଦେଶର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ସାହସ ଓ ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କରି ଅବସର ନେବା ପରେ ସେ ଜନ୍ମଭୂମିକୁ ଫେରିଛନ୍ତି। ୧୯୮୫ରେ ସିଆରପିଏଫ୍‌ରେ ଯୋଗଦେଇଥିବା ଜଗଦୀଶ ପଣ୍ଡା ପ୍ରାୟ ୪୧ ବର୍ଷ ଧରି ଦେଶସେବାରେ ନିୟୋଜିତ ଥିଲେ। ଜମ୍ମୁ-କାଶ୍ମୀର, ଉତ୍ତର-ପୂର୍ବ ରାଜ୍ୟ ସମେତ କାମ୍ବୋଡିଆ ଓ ଶ୍ରୀଲଙ୍କାର ଆନ୍ତର୍ଜାତିକ ମିଶନରେ ମଧ୍ୟ ସେ ଦେଶର ପ୍ରତିନିଧିତ୍ୱ କରିଥିଲେ। ତାଙ୍କୁ ଝାରପୋଖରିଆ ଓଭରବ୍ରିଜରୁ ପାଣ୍ଡରା ଗ୍ରାମ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ବାବା ପାଣ୍ଡବେଶ୍ୱରଙ୍କ ଦର୍ଶନ ଓ ବୃକ୍ଷରୋପଣ କରି ସେ ସମାଜ ପ୍ରତି ନିଜର ପ୍ରତିବଦ୍ଧତାର ବାର୍ତ୍ତା ଦେଇଥିଲେ।

## ଭଦୁବେଡା ହାଇସ୍କୁଲରେ ବୃକ୍ଷରୋପଣ

ମହୁଲଡିହା, ୩।୭(ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର ଭଦୁବେଡା ହାଇସ୍କୁଲ ପରିସରରେ ସଚେତନତା ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପିଲାମାନଙ୍କୁ ପରିବେଶ ପ୍ରହରୀ ସାଜିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ଛୋଟ ବେଳୁ ଆମେ ଯାହା ସଂକଳ୍ପ ନିଅନ୍ତି ତାହା ଜୀବନବ୍ୟାପୀ ସହାୟତା କରିଥାଏ ବୋଲି କହିଥିଲେ। ପାଠ ପଢ଼ିବା ସହିତ ନିଜ ପରିବାରରେ ନିଜ ଆବଶ୍ୟକତା ପାଇଁ ଛୋଟ ଜଙ୍ଗଲଟିଏ ସୃଷ୍ଟି କରିପାରିଲେ ତାହା ପରିବେଶ ସୁରକ୍ଷା ପାଇଁ ବଡ଼ ଅବଦାନ ହେବ ବୋଲି କହିଥିଲେ। ସ୍କୁଲ ପରିସରରେ ଲାଗିବାକୁ ଥିବା ଗଛ ପିଲାମାନେ ଭାଗ କରି ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ ଯୋଗଦେଇ ପ୍ରତ୍ୟେକ ବର୍ଷ ପିଲାମାନେ ନିଜେ ଦୁଇଟି ଗଛ ଲଗାଇ ବଞ୍ଚାଇ ରଖିବାକୁ ପରାମର୍ଶ ଦେଇଥିଲେ। କବି ପଦ୍ମଲୋଚନ ନନ୍ଦ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ବୁଦ୍ଧଦେବ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବନରକ୍ଷୀ ମନୋଜ ବେହେରା, ସବିନା ବେହେରା, ଶିକ୍ଷକ ବିନୋଦ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫକୀରମୋହନ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ




କପ୍ତିପଦା, ୩।୭ (ସମିସ): ମାଙ୍କଡପଡ଼ା ପଞ୍ଚାୟତ ଅନ୍ତର୍ଗତ ଫକୀରମୋହନ ଉଚ୍ଚବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଶକ୍ତି ଗ୍ରୁପର ସଂଯୋଜକ ନାରାୟଣ ବେହେରା ବିଦ୍ୟୁତର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନାମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସାମାନ୍ୟ ଅସାବଧାନତା ଯୋଗୁଁ ଅନେକ ସମୟରେ ଅନେକ ଧନଜୀବନ ହାନୀ ହେବା ସହିତ ପର୍ଯ୍ୟାପ୍ତ ପରିମାଣର ସମ୍ପତ୍ତି ପୋଡି ପାଉଁଶ ହୋଇଯାଉଛି। ଶିକ୍ଷକ ଶରତ ଚନ୍ଦ୍ର ନାୟକ ଓ ଅଭିମନ୍ୟୁ ସାହୁ ବିଦ୍ୟୁତ୍ ବ୍ୟବହାରର ସଠିକ ପଦ୍ଧତି ସମ୍ପର୍କରେ ସଚେତନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସଚେତନ ରାଲି କରାଯାଇଥିଲା। ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସୁରକ୍ଷିତ ବିଦ୍ୟୁତ ସମ୍ପର୍କରେ ଶପଥ ପାଠ କରିଥିଲେ।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ନେଇ ଏସ୍‌ୟୁସିଆଇସି ପକ୍ଷରୁ ବିକ୍ଷୋଭ




କପ୍ତିପଦା, ୩।୭(ସମିସ): ସରକାରଙ୍କ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଓ ନୂତନ ଭାଷାନୀତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଚଳିତ ବର୍ଷ ପୁରୁଣା ବହିରେ ପାଠ ପଢ଼ାଯିବାକୁ ନେଇ କପ୍ତିପଦା ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇସି ପକ୍ଷରୁ ଗଣବିକ୍ଷୋଭ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ବିକୃତ ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତିହାର, ଚଳିତ ବର୍ଷ ପୁରୁଣା ବହିରେ ପଢ଼ାଇବା ପାଇଁ ପଦକ୍ଷେପ ଓ ବୈଜ୍ଞାନିକ ଭାଷା ଶିକ୍ଷାନୀତିକୁ ତୁରନ୍ତ ପ୍ରତ୍ୟାହାର, ଆସନ୍ତା ଶିକ୍ଷାବର୍ଷ ପାଇଁ ଅବିଳମ୍ବେ ଗଣତାନ୍ତ୍ରିକ ପ୍ରଦ୍ଧତିରେ ବିଷୟଭିତ୍ତିକ ବିଶେଷଜ୍ଞଙ୍କୁ ନେଇ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଣ ଇତିଦ୍ୟା, ଚଳିତ ଶିକ୍ଷାବର୍ଷ ପାଇଁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକର ତ୍ରୁଟିଗୁଡ଼ିକୁ ସରକାର ଶିକାର କରିଥିଲେ ମଧ୍ୟ ସେଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରୁ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ୍ ସୃଷ୍ଟି ହେଉଛି। ସେହିପରି ଏନ୍‌ଇପି ୨୦୨୦ ଆଧାରରେ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ନାମରେ ସରକାର ତରବରିଆ ଭାବେ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ ଏଆଇ ଦ୍ୱାରା ଓଡ଼ିଆରେ ଅନୁବାଦ କରିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସେହିପରି ସରକାର ୬ଷ୍ଠରୁ ତ୍ରିଭାଷୀ ନୀତି ଲାଗୁ କରିବା ପାଇଁ ସମସ୍ତ ସ୍କୁଲଗୁଡ଼ିକୁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହା ଆହୁରୀ ଉଦ୍‌ବେଗଜନକ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଓଡ଼ିଆ ଓ ଇଂରାଜୀ ଭାଷା ଶିକ୍ଷାକୁ ସମ୍ପୂର୍ଣ୍ଣ ଇଚ୍ଛାଧୀନ କରିଥିବାରୁ ତାହାକୁ ମଧ୍ୟ ବିରୋଧ କରାଯାଇଛି। ସରକାରଙ୍କ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ବସିଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

● ପଟୁଆ ପ୍ରାଥମିକ ବିଦ୍ୟାଳୟ

## ବିପଦସଂକୁଳ ଛାତ ତଳେ ପଢୁଛନ୍ତି ୩୩ ଛାତ୍ରଛାତ୍ରୀ

କୁଆମରା ୩।୭(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ପଟୁଆ ପ୍ରାଥମିକ ବିଦ୍ୟାଳୟର ଛାତ ଓ ଶ୍ରେଣୀ ଗୃହ ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ବିପଦପୂର୍ଣ୍ଣ ଗୃହରେ ୩୩ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଏହା ଅଭିଭାବକଙ୍କ ଚିନ୍ତାର କାରଣ ହୋଇଛି। ଏ ନେଇ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ୧୯୭୨ରେ ପ୍ରତିଷ୍ଠିତ ଉକ୍ତ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଛି। ଚଳିତ ଶିକ୍ଷାବର୍ଷରେ ୩୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ବୟସ ବଢ଼ିବା ସହିତ ସମସ୍ୟା ବଢ଼ିବାରେ ଲାଗିଛି। ୧୯୯୮ରେ କଳାପଟା ଅଭିଯାନରେ ନିର୍ମିତ ଶ୍ରେଣୀ ଗୃହ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଉପର ଛାତ ଦବିଯିବା ସହ ଘରର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଛାତରୁ



କଂକ୍ରିଟ ଖଣ୍ଡ ଖସୁଛି। କାନ୍ଥ ଫାଟରେ ସରୀସୃପ ବାସ କଲେଣି। ସେହିପରି ବର୍ଷାଦିନେ ପାଣି ନିଷ୍କାସନ ହୋଇ ନ ପାରି ନାନା ସମସ୍ୟା ଦେଖାଦେଉଛି। ବିଦ୍ୟାଳୟ ସମ୍ମୁଖରେ ଦୁଇ ତିନିଦିନ ଧରି ବର୍ଷା ଜଳ ଜମି ରହୁଛି। ଫଳରେ ପିଲାଙ୍କ ପାଇଁ ତାହା ବିପଦ ଆଣିପାରେ। ବିଦ୍ୟାଳୟ ପାଚେରି ମଧ୍ୟ ଅସମ୍ପୂର୍ଣ୍ଣ ରହିଛି। ଫଳରେ ପରିବେଶ ନଷ୍ଟ ହେଉଛି। ପ୍ରଧାନଶିକ୍ଷକ ସଞ୍ଜିତ କୁମାର ଦେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ପୁରୁଣା ଗୃହ ମରାମତି ସହ ନୂତନ ଗୃହ ନିର୍ମାଣ କରିବାକୁ ପରିଚାଳନା କମିଟି ପକ୍ଷରୁ ଦାବି ହେଉଛି।

## ଠାକୁରମୁଣ୍ଡା ଥାନା ପକ୍ଷରୁ ନିଶାମୁକ୍ତ ଅଭିଯାନ



ଠାକୁରମୁଣ୍ଡା, ୩।୭(ସମିସ): ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ଆରମ୍ଭ କରାଯାଇଛି। ଏ ପରିପ୍ରେକ୍ଷୀରେ ଠାକୁରମୁଣ୍ଡା ଥାନା ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ନିଶାମୁକ୍ତ ଅଭିଯାନ ଆରମ୍ଭ କରାଯାଇଛି। ନିଶା ସେବନ କରିବା ଦ୍ୱାରା ଯୁବପିଢି ବିପଥଗାମୀ ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଏହାର କୁପ୍ରଭାବ ପଡୁଥିବାରୁ ସମାଜର ସମସ୍ତ ବର୍ଗଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ଥାନା ଅଧୀନରେ ଥିବା ସମାଜସେବୀ, ସାମ୍ବାଦିକ, ବରିଷ୍ଠ ନାଗରିକ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସାହାଯ୍ୟ ଆବଶ୍ୟକ ଉପରେ ମତ ରଖିଥିଲେ। ଏଥିରେ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଏସଆଇ ରିତାରାଣୀ ଦାସ, ଏଏସଆଇ ଅମରେଶ ବାରିକ, ଅବକାରୀ ଥାନା ଏଏସଆଇ ଲକ୍ଷଣ ନାୟକଙ୍କ ସମେତ ଥାନାର ଅନ୍ୟ କର୍ମଚାରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଶା ବିରୋଧରେ ସଚେତନତା ସୃଷ୍ଟି କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ।

## ଡମ୍ଫର ଧକ୍କାରେ ଜଣେ ମୃତ; ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



ଉଦଳା, ୩।୭ (ସମିସ): କପ୍ତିପଦାରୁ ଉଦଳା ରାସ୍ତା କାମ ଚାଲିଥିବାବେଳେ ମେଟାଲ ନେଇ ଆସିଥିବା ଡମ୍ଫର ପଛାଉଥିବାବେଳେ ଜଣେ ବ୍ୟକ୍ତିଙ୍କ ଉପରେ ଚଢ଼ାଇ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ବାଉଁଶପାଳ ଛକ ନିକଟରେ ଏଭଳି ଅଘଟଣ ଘଟିଛି। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ତେବେ ପ୍ରତିଶ୍ରୁତି ମିଳିବା ପରେ ଅବରୋଧ ହଟିଥିବା ଜଣାପଡ଼ିଛି।

ଜାଲଦା ଗ୍ରାମର ଗୋକୁଳାନନ୍ଦ ମଲ୍ଲିକ ବାଉଁଶପାଳ ସ୍କୁଲ ସାମ୍ନାରେ ଶୋଇଥିଲେ। ରାସ୍ତା କାମ ପାଇଁ ମେଟାଲ ନେଇ ଆସିଥିବା ଏକ ଡମ୍ଫର ବେପରୁଆ ଭାବେ ମେଟାଲ ଢାଳି ପଛାଇ ଥିଲା। ଡମ୍ଫର ପଛାଇବା ସମୟରେ ସ୍କୁଲ ଆଗରେ ଶୋଇଥିବା ଗୋକୁଳାନନ୍ଦଙ୍କ ଉପରେ ଚଢ଼ିଯାଇଥିଲା। ଡମ୍ଫର। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଫଳରେ ଉଦଳା-ବାଲେଶ୍ୱର ରାଜ୍ୟ ରାଜପଥ ଅବରୋଧ ହେବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଉଦଳା ପୁଲିସ ଓ ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଉତ୍ତ୍ୟକ୍ତ ଲୋକେ ଜିଦିରେ ଅଟଳ ରହିଥିଲେ। ଶେଷରେ ମୃତକଙ୍କ ପରିବାରକୁ କିଛି ସହାୟତା ରାଶି ପ୍ରଦାନ କରାଯିବା ସହିତ ଆଗକୁ ଇନ୍ସ୍ୟୁରାନ୍ସ ରାଶି ପ୍ରଦାନ କରାଯିବା ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା।

● ଖେଳ ପଡ଼ିଆ ଉନ୍ନତି ନାମରେ ଅନିୟମିତତା ଅଭିଯୋଗ

## ତଦନ୍ତ ଦାବିରେ ମାସାଆର୍ମୀର ସ୍ମାରକପତ୍ର

ବାରିପଦା, ୩।୭(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ଖାନୁଆ ପଞ୍ଚାୟତର ଝାଡ଼େଶ୍ୱର ବିଦ୍ୟାପୀଠ ଖେଳ ପଡ଼ିଆର ଉନ୍ନତି ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରାୟ ୯୮ ହଜାର ଟଙ୍କାର ସାମଗ୍ରୀ ବିଲ୍ ମନରେଗା ଯୋଜନାରୁ ଚଳିତ ବର୍ଷ ମେ ମାସ ୨୮ ତାରିଖ ଉଠାଯାଇଥିବାବେଳେ ପ୍ରକୃତରେ ସେହି ସ୍ଥାନରେ କୌଣସି କାମ ହୋଇ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଗୁରୁତର ସହ ଉଠାଇ ମାସାଆର୍ମୀ ପକ୍ଷରୁ ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, କାମ ହୋଇ ନ ଥିଲେ ମଧ୍ୟ ମିଥ୍ୟା ବିଲ୍ ପ୍ରସ୍ତୁତ କରି ଏମଏସ ଓଡ଼ିଶା କଞ୍ଜୁମର୍ସ କୋ-ଅପରେଟିଭ୍ ଫେଡେରେସନ୍ ଲିମିଟେଡ୍ ନାମକ ଭେଣ୍ଡରଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯାଇଥିବା ଅଭିଯୋଗ ରହିଛି। ଏହି ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରି ବଡ଼ସାହି ବ୍ଲକର ବିଭାଗୀୟ ଯନ୍ତ୍ରୀ କିମ୍ବା ବାରିପଦା ଆଇଟିଡିଏର ସମ୍ପୃକ୍ତ ଯନ୍ତ୍ରୀ, କିଏ ଏହି ବିଲ୍ ପ୍ରସ୍ତୁତ କରିଛନ୍ତି, ତାହା ଚିହ୍ନଟ କରିବା ସହ ସମ୍ପୃକ୍ତ ଅଧିକାରୀ ଓ ଭେଣ୍ଡରଙ୍କ ବିରୋଧରେ ଆଇନଗତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସରକାରୀ ଅର୍ଥର ସ୍ୱଚ୍ଛ ବ୍ୟବହାର ଓ ବିକାଶମୂଳକ କାର୍ଯ୍ୟରେ ଦୁର୍ନୀତି ରୋକିବା ପାଇଁ ଏହି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ। ଦୋଷୀ ସାବ୍ୟସ୍ତ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବା ଉଚିତ ବୋଲି ସଂଗଠନ ଦାବି କରିଛି। ଜିଲ୍ଲା ପ୍ରଶାସନ ଏହି ଅଭିଯୋଗକୁ ଗୁରୁତର ସହ ବିଚାର କରି ନିରପେକ୍ଷ ତଦନ୍ତ କରିବେ ଓ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସଂଗଠନ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କପ୍ତିପଦା, ୩।୭(ସମିସ): ନୂଆସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ସର୍ବେଶ୍ୱର ବିଶ୍ୱାଳ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସାଧାରଣ ପ୍ରକୋଷ୍ଠରେ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଶଙ୍କର୍ଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରାୟ ସମସ୍ତ ଶିକ୍ଷକ କର୍ମଚାରୀ ଯୋଗଦେଇ ଶ୍ରୀ ବିଶ୍ୱାଳଙ୍କ ସ୍ମୃତି ରୋମନ୍ଥନ କରିଥିବାବେଳେ ଶ୍ରୀ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଧ୍ୟାପକ ମନମୋହନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅଧ୍ୟାପକ ବିଜୟ ନାୟକ, ଅଧ୍ୟାପକ ନିରଞ୍ଜନ ମହାନ୍ତି, ଅଧ୍ୟାପକ ଡ. ଶ୍ରୀହରି ପଣ୍ଡା, ଅଧ୍ୟାପକ ସନ୍ତୋଷ ମହାନ୍ତି ଯୋଗ ଦେଇଥିଲେ। ଡ. ପଣ୍ଡା ନିଜ ବକ୍ତବ୍ୟରେ ଅନିଶ୍ଚିତ ଭାବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଦୀର୍ଘ ୩୧ ବର୍ଷ ସେବା ଯୋଗାଇ ବିନା ପେନସନରେ ବିଦାୟ ନେଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ପ୍ରଭାସିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରରୁଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ନାହାନ୍ତି ଆବଶ୍ୟକ ଡାକ୍ତର, ସେବା ବିପର୍ଯ୍ୟସ୍ତ




ଶୁକ୍ଳି, ୩।୭(ସମିସ): ମୟୂରଭଞ୍ଜ ତଥା ଓଡ଼ିଶାର ଉପାନ୍ତ ଆଦିବାସୀ ବହୁଳ ଅଞ୍ଚଳ ରରୁଆଁର ସ୍ୱାସ୍ଥ୍ୟସେବାକୁ ସବୁ ସମୟରେ ଅଣଦେଖା କରାଯାଉଛି। ୧୯୫୮ରେ ନିର୍ମାଣ କରାଯାଇଥିବା ରରୁଆଁ ପିଏଚସି ସିଏଚସିରେ ପରିଣତ ହୋଇଥିଲେ ମଧ୍ୟ ଏଠାରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦିଗରେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଅଞ୍ଚଳବାସୀଙ୍କୁ ହତାଶ କରୁଛି। ଏହି ସିଏଚସି ଅଧୀନରେ ଭଞ୍ଜକିଆ, ଯାମୁନ୍ତି ଓ ଘାଗରବେଡାର ୩ଟି ପିଏଚ୍‌ସି ରହିଛି। ରରୁଆଁ ବ୍ଲକର ୧୨ଟି ପଞ୍ଚାୟତ ସହିତ ପଡୋଶୀ ଝାଡ଼ଖଣ୍ଡର ରୋଗୀ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ପାଖାପାଖି ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଏହି ଡାକ୍ତରଖାନାରେ ଏବେ ମାତ୍ର ଦୁଇଜଣ ଏମବିବିଏସ ଡାକ୍ତର ଅଛନ୍ତି। ଏହି ଦୁଇ ଡାକ୍ତରଙ୍କୁ ନେଇ ଡାକ୍ତରଖାନା କିପରି ଚଳିବ, ତାହା ବିଭାଗୀୟ ଅଧିକାରୀ ଭାବୁନାହାନ୍ତି। ନିକଟରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ବାରିପଦାକୁ ଡେପୁଟେସନ କରି ନେଇଗଲେ। ପୂର୍ବରୁ ସ୍ତ୍ରୀ ରୋଗ ସ୍ପେଶାଲିଷ୍ଟଙ୍କର ମଧ୍ୟ ଏଠାରୁ ବଦଳି ହୋଇଛି। ପରେ ମେଡ଼ିସିନ ସ୍ପେଶାଲିଷ୍ଟଙ୍କୁ ମଧ୍ୟ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଡେପୁଟେସନ କରି ନେଇଗଲେ। କେବଳ ଗୁରୁବାର ଦିନ ସେ ଗୋଟିଏ ଦିନ ଏଠାକୁ ଆସି ରୋଗୀ ଦେଖିବେ, ରୋଗ କେବେ ହେବ ତାହା କହି ହେବନାହିଁ। ଗରିବ ଲୋକଙ୍କୁ କ'ଣ ସପ୍ତାହର ଗୋଟିଏ ଦିନ ଜଗିବାକୁ ପଡ଼ିବ। ରାତିରେ ମଧ୍ୟ ଅନେକ ରୋଗୀ ଆସୁଛନ୍ତି, ରାତି ଡ୍ୟୁଟି କରି ପୁଣି ସକାଳୁ ଡ୍ୟୁଟି କିପରି କରିବେ। ମେଟାରନିଟି ୱାର୍ଡରେ ମାତ୍ର ଦୁଇଜଣ ଦିଦି ରହିଛନ୍ତି। ବାରଘଣ୍ଟିଆ ଡ୍ୟୁଟି କରିବ। ଜଣେ ଛୁଟିରେ ଗଲେ ଚବିଶ ଘଣ୍ଟିଆ ଡ୍ୟୁଟି କରିବାର ଦୃଷ୍ଟାନ୍ତ ପୂର୍ବରୁ ରହିଛି।

ସେହିପରି ଏକ୍ସରେ ମେସିନ ନାହିଁ। ରେଡ଼ିଓଗ୍ରାଫର ନିଯୁକ୍ତି ହୋଇଛନ୍ତି। ତାଙ୍କର କିଛି କାମ ନାହିଁ। ଦେଖାଯାଉଛି ରରୁଆଁରେ ସାତ ବର୍ଷରୁ ଅଧିକ ଥିବା ଡାକ୍ତରଙ୍କୁ ବଦଳି ନ କରି ସ୍ପେଶାଲିଷ୍ଟଙ୍କୁ ମାତ୍ର ଅଳ୍ପ ଦିନରେ ଡେପୁଟେସନ କରି କାହିଁକି ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶୂନ୍ୟ କରି ଏହି ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରୁଛନ୍ତି, ତାହା ସାଧାରଣରେ ଚର୍ଚ୍ଚା ର ବିଷୟ ହୋଇଛି। ସରକାର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଡାକ୍ତର ନିଯୁକ୍ତି କଲେ। ମାତ୍ର ବିଭାଗୀୟ ଅଧିକାରୀ କାହିଁକି ଏ ଅଞ୍ଚଳ ପ୍ରତି ବିମୁଖ ତାହା ତଦନ୍ତ ହେବା ସଙ୍ଗେ ସଙ୍ଗେ ତିନିବର୍ଷରୁ ଅଧିକ ଥିବା ଡାକ୍ତର ଓ କିରାଣିଙ୍କୁ ମଧ୍ୟ ବଦଳି କରାଯିବା ଉଚିତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ୩ କର୍ମଚାରୀଙ୍କୁ ନେଇ ଚାଲିଛି ବାଲିଆପାଳ ତହସିଲ କାର୍ଯ୍ୟାଳୟ

କାଳିପଦା, ୩।୭ (ସମିସ): ତିନିଜଣ କର୍ମଚାରୀଙ୍କ ଦ୍ୱାରା ବାଲିଆପାଳ ତହସିଲରେ କାର୍ଯ୍ୟ ଚାଲିଛି। ଯାହାଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ବାଲିଆପାଳ ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖା ପକ୍ଷରୁ ତୁରନ୍ତ କର୍ମଚାରୀ ନିଯୁକ୍ତି ପାଇଁ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାଲିଆପାଳ ତହସିଲ କାର୍ଯ୍ୟାଳୟରେ ମୋଟ ୧୧ ଜଣ କର୍ମଚାରୀ ଆବଶ୍ୟକତା ଥିବାବେଳେ ଦୀର୍ଘ ଦିନ ଧରି ଅଭାବୀ କର୍ମଚାରୀରେ ତହସିଲ କାର୍ଯ୍ୟ ଚାଲି ଆସୁଥିଲା। ମାତ୍ର କିଛିଦିନ ହେବ କେବଳ ୩ ଜଣ କିରାଣିଙ୍କୁ ନେଇ ଅଫିସ କାର୍ଯ୍ୟ ଚାଲିଛି। ଏଠାରେ ଆୟ ପ୍ରମାଣ ପତ୍ର, ଜାତିଗତ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ, ଜମି କିଣା ବିକା ପଟ୍ଟା ଓ ବିଭିନ୍ନ ରାଜସ୍ୱ ମାମଲାର ଫାଇଲ ଦିନକୁ ଦିନ ବହୁ ପରିମାଣରେ ଜମା ହେଉଥିବାରୁ ସାଧାରଣ ଲୋକଙ୍କୁ ବାରମ୍ବାର ତହସିଲକୁ ଆସିବାକୁ ପଡୁଛି। ଏଥିପାଇଁ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ଆଇନ ବାଲିଆପାଳ ଶାଖା ପକ୍ଷରୁ ଗତ ବର୍ଷ ୩ ମଇ ୨୦୨୫ ମସିହାରେ ଡବ୍ଲ୍ୟୁ ପି (ସି)୧୯୩୮୮/୨୦୨୫ ମୂଳେ ଏକ ଜନ ସ୍ୱାର୍ଥ ମାମଲା ହାକୋର୍ଟରେ ରୁଜୁ ହୋଇଥିଲା। ତେବେ ତାହା ଆଜି ଯାଏ କୌଣସି ସମାଧାନ ହୋଇନାହିଁ। ସାଧାରଣ ଲୋକଙ୍କ ଅସୁବିଧାକୁ ଲକ୍ଷ୍ୟକରି ପୁଣିଥରେ ୩୦ ଜୁନ ମଙ୍ଗଳବାର ସଂଘ ପକ୍ଷରୁ ବାଲେଶ୍ୱର ଅତିରିକ୍ତ ଜିଲାପାଳ ଏବଂ ବୁଧବାର ବାଲିଆପାଳ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ତହସିଲରେ କର୍ମଚାରୀ ନିଯୁକ୍ତି ପାଇଁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ବୋଲି ସଙ୍ଘର ସଭାପତି ଅନୁଜ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୩।୭ (ସମିସ): ଆସନ୍ତା ୧୧ ତାରିଖରେ ପାଳନ ହେବାକୁ ଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟ ୨୮ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଚଳିତ ଜୁଲାଇ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ବହୁବିଧ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁଳପତି ପ୍ରସ୍ତାବିତ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିବା ସହ ବିଶ୍ୱବିଦ୍ୟାଳୟ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ସମସ୍ତ ସହଭାଗୀଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜୁଲାଇ ୬ ତାରିଖରେ ମିତ୍ରପୁର ନିକଟସ୍ଥ ମଛୁଆଠାରେ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ "ଉନ୍ନତ ଭାରତ ଅଭିଯାନ'ର ଶୁଭାରମ୍ଭ ସହ ବିଶ୍ୱବିଦ୍ୟାଳୟ ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏକ ରକ୍ତହୀନତା ପରୀକ୍ଷା ଶିବିର ଆୟୋଜିତ ହେବ। ଜୁଲାଇ ୭ରେ ଇଂରାଜୀ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତା ସହ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁଲାଇ ୮ରେ ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ସାଇକେଲ ଶୋଭାଯାତ୍ରା, ୯ରେ ପ୍ରାକ୍ତନ ଛାତ୍ରଛାତ୍ରୀ ସମ୍ମିଳନୀ ସହ ଭାଷା ବିକାଶ ଆନ୍ଦୋଳନ ଏବଂ ଶ୍ରୀମତୀ ସର୍ମାଜନୀ ଦାସ କଥାର ମିଳିତ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁଲାଇ ୧୦ରେ ଆନ୍ତଃବିଶ୍ୱବିଦ୍ୟାଳୟ କର୍ମଚାରୀ ଭଲିବଲ ପ୍ରତିଯୋଗିତା, ରକ୍ତଦାନ ଶିବିର ଏବଂ ଲୋକକଳା ଦଳଙ୍କ ଦ୍ୱାରା ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯିବ। ଜୁଲାଇ ୧୧ରେ ୨୮ତମ ପ୍ରତିଷ୍ଠା ଦିବସ ଉତ୍ସବ, ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଏବଂ ସାହିତ୍ୟ ଆସର ମାଧ୍ୟମରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯିବ।

# ପଣ୍ଡିତ ରବିନାରାୟଣ ରଥଶର୍ମାଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ

ଜଳେଶ୍ୱର,୩।୬ (ସମିସ): ସଂସ୍କୃତ ବିଶାରଦ,ରାଜ୍ୟପାଳ ପୁରସ୍କାର ପ୍ରାପ୍ତ,ସମାଜ ସୁଧାରକ,ମୁକ୍ତି ମଣ୍ଡପ ର ପ୍ରାକ୍ତନ ସଭ୍ୟ, ଅନୁଷ୍ଠାନ ପ୍ରେମୀ, ପ୍ରାକ୍ତନ ଅଦ୍ଧକ୍ଷ ତଥା ସୁବିଚାରକ ପଣ୍ଡିତ ରବିନାରାୟଣ ରଥ ଶର୍ମାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଶାଳିକୋଠା ସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ରେ ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ,ଗ୍ରାମାଞ୍ଚଳ ବରିଷ୍ଠ ନାଗରିକ ପରିଷଦ, ପରିବାର ବର୍ଗ ମିଳିତ ଆନୂକୂଲ୍ୟରେ ଆୟୋଜିତ ସଭାରେ ଗ୍ରାମ କମିଟି ସଭାପତି ଗଣେଶ ଚନ୍ଦ୍ର ପରିଡା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ବେଦ ପାଠ ଓ ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ପ୍ରାକ୍ତନ ଅଦ୍ଧକ୍ଷ ବିପିନ ବିହାରୀ ବିଶ୍ୱାଳ, ସାହିତ୍ୟିକ କାଳୀପଦ ପଣ୍ଡା, ସତିଶ ଚନ୍ଦ୍ର ପଣ୍ଡା, କମଳ କୁମାର ଚକ୍ରବର୍ତ୍ତୀ, ପଦ୍ମନାଭ ପ୍ରଧାନ, ପ୍ରାଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ, ଜଳେଶ୍ୱର ଷ୍ଟେସନ ସୁପରଟେଣ୍ଡେଣ୍ଟ ଚନ୍ଦନ କୁମାର ସିଂହ, ନିରଞ୍ଜନ ବେହେରା, ଭୃଗୁ ରାମ କରଶର୍ମା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ ସହିତ ସ୍ମୃତି ଚାରଣ କରିଥିଲେ। ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର ଉଦ୍ଦେଶ୍ୟ ଜ୍ଞାପନ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହକୁ ଅଧ୍ୟାପକ ସମର ବଲ୍ଲଭ ସାହୁ, ଅଧ୍ୟାପିକା ସୁଜାତା ଦାସ ,କର୍ମଚାରୀ, ପୂରାତନ ଶିକ୍ଷାର୍ଥୀ, ଗ୍ରାମବାସୀ ପ୍ରମୁଖ ପରିଚାଳନା କରିଥିଲେ।

# ହରିନାମ ଯଜ୍ଞ ଓ ଅନ୍ନ ମହୋତ୍ସବ

ଚନ୍ଦନେଶ୍ୱର, ୩।୭ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀ ପଞ୍ଚାୟତର ରଣସିଂହପୁର ଦକ୍ଷିଣ ହରିଜନସାହି କମିଟି ପକ୍ଷରୁ ହରିନାମ ଯଜ୍ଞ ଓ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ନ ମହୋତ୍ସବରେ ପ୍ରାୟ ତିନି ହଜାରରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଜାତି, ଧର୍ମ ଓ ବର୍ଗ ନିର୍ବିଶେଷରେ ସମସ୍ତେ ଏକାଠି ବସି ମହାପ୍ରସାଦ ସେବନ କରି ଭାଇଚାରା, ସମତା ଓ ସାମାଜିକ ସମନ୍ୱୟର ଅପୂର୍ବ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଆୟୋଜନକୁ ସଫଳ କରିବାରେ କମିଟିର ସଭାପତି ବଙ୍କିମ ମଲ୍ଲିକ, ସମ୍ପାଦକ ଅର୍ଜୁନ ପଟ୍ଟାୟତ, କୋଷାଧ୍ୟକ୍ଷ ନରସିଂହ ପଟ୍ଟାୟତଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ଲବ ବେହେରା, ତ୍ରିଲୋଚନ ଦାସ, ମହେନ୍ଦ୍ର ମଲ୍ଲିକ, ଶରତ ମଲ୍ଲିକ, ଜୟନ୍ତ ମଲ୍ଲିକ, ପଦ୍ମଲୋଚନ ପଟ୍ଟାୟତ, ଗୌରାଙ୍ଗ ମଲ୍ଲିକ, ହେମନ୍ତ ପଟ୍ଟାୟତ, ସୁବାସ ବେହେରା, ମୁରଲୀ ପଟ୍ଟାୟତ, ବିପିନ ବେହେରା, ପଞ୍ଚାନନ ପଟ୍ଟାୟତ ପ୍ରମୁଖଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା।

# ସୁବର୍ଣ୍ଣରେଖା ନଦୀର ତଟ ସୁରକ୍ଷା କ୍ଷେତ୍ରରେ ସରକାର ଉଦାସୀନ

ବାଲେଶ୍ୱର((ଉତ୍ତର),୩।୭ (ସମିସ)



ଚିରସ୍ରୋତା ସୁବର୍ଣ୍ଣରେଖା ନଦୀର ତଟ ସୁରକ୍ଷା କ୍ଷେତ୍ରରେ ସରକାର ଉଦାସୀନ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ନଦୀକୂଳ ବର୍ତ୍ତମାନ ଅସୁରକ୍ଷିତ ହୋଇପଡ଼ିଛି। ଏହି ସବୁ ବ୍ଲକ୍‌ର ୧୫ ଟି ଗାଁ ପ୍ରତି ସବୁଠାରୁ ଅଧିକ ବିପଦ ରହିଛି। ରାଜ୍ୟରେ ନୂଆ ସରକାର ଆସିବା ଦିନ ଠାରୁ ପଥର ବନ୍ଧ, ସ୍ପର ନିର୍ମାଣ ତ ଦୂରର କଥା ନଦୀ ବନ୍ଧରେ ମୁଠାଏ ମାଟି ମଧ ପଡ଼ିନାହିଁ। ପୂର୍ବ ବର୍ଷ ମାନଙ୍କରେ ଯେଭଳି ଏଫ୍‌ଡିଆର ପ୍ରକଳ୍ପ ମାଧ୍ୟମରେ ନଦୀ ବନ୍ଧ ମରାମତି ହେଉଥିଲା, ସେତିକି ମଧ ହେଉ ନାହିଁ। କେବଳ ଯୋଜନା ପ୍ରସ୍ତୁତି ରେ ସୀମିତ ରହିଛି। ଏପରି ସମୟରେ ଜଳସମ୍ପଦ ବିଭାଗ ୩୧ କୋଟି ଟଙ୍କାର ୪ଟି ତଟସୁରକ୍ଷା ପ୍ରକଳ୍ପର ଅନୁମୋଦନ ପାଇଁ ସରକାରଙ୍କ ପାଖକୁ ପଠାଇଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, ଭୋଗରାଇ ବ୍ଲକ୍‌ର ଦହମୁଣ୍ଡା, ମନୁନଗର, ଆରୁହାବୃତ୍ତି ଓ ରସୁଲପୁର ଗାଁ ନିକଟରେ ସୁବର୍ଣ୍ଣରେଖା କୂଳରୁ ଅତଡ଼ା ଖସୁଛି। ରାସ୍ତା, ବିଲବାଡ଼ି ଓ ଗଛଲତା ନଦୀଗର୍ଭକୁ ଚାଲିଯାଉଛି। ଫଳରେ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଛି। ଏହାକୁ ଆଖିଆଗରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ମନୁନଗର ଗାଁ ନିକଟରେ ଗୋଟିଏ ହାଇଲେବଲ୍ ସ୍ପର୍ ନିର୍ମାଣ ସହ ୨୦୦ ମିଟର ସ୍ଥାନରେ ଲଞ୍ଚିଂପେକିଂ ପାଇଁ ୫.୯୫ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଛି। ସେହିପରି ଦହମୁଣ୍ଡା ଓ ଆରୁହାବୃତ୍ତି ଗାଁ ନିକଟରେ ସୁବର୍ଣ୍ଣରେଖା ଅଶ୍ୱଖୁରାକୃତି ହୋଇଥିବାରୁ ଏଠାରେ ବନ୍ୟା ସମୟରେ ଭୟଙ୍କର ସ୍ଥିତି ଉପୁଜୁଛି। ୮, ୯, ୧୦ ଓ ୧୨ ନମ୍ବର ସ୍ପର୍ ଗତବର୍ଷ ବନ୍ୟାରେ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ନଦୀବନ୍ଧରେ ମଧ୍ୟ ଫାଟ ଦେଖାଦେଇଛି। ତେଣୁ ଉକ୍ତ ସ୍ପର୍‌ଗୁଡ଼ିକର ମରାମତି ସହ ପାଖାପାଖି ୪୫୦ ମିଟର ଅଞ୍ଚଳରେ ଲଞ୍ଚିଂପେକିଂ ପାଇଁ ଯଥାକ୍ରମେ ୯.୯୫ କୋଟି ଓ ୯.୯୮ କୋଟି ଟଙ୍କାର ଦୁଇଟି ଯୋଜନା ହୋଇଛି। ଅନ୍ୟପଟେ ରସୁଲପୁର ଗାଁ ସୁବର୍ଣ୍ଣରେଖାର ଆଁ ଭିତରେ ରହିଛି। ଗତବର୍ଷ ବନ୍ୟା ପରଠାରୁ ଗାଁ ନିକଟ ଉଲୁଡ଼ା-ଖଳାବାଡ଼ିଆ ଟିଆର୍‌ଇ (ଟେଷ୍ଟ ରିଲିଫ୍ ବନ୍ଧ) ନଦୀବନ୍ଧ ବିପଦସଙ୍କୁଳ ଅବସ୍ଥାରେ

## କେବଳ ଯୋଜନା ପ୍ରସ୍ତୁତିରେ ସୀମିତ

ଅଛି। ଏଠାରେ ୮୮୦ ମିଟର ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ୫.୨୪ କୋଟି ଟଙ୍କାର ଯୋଜନା ହୋଇଛି। ଉପରୋକ୍ତ ୪ଟି ଯାକ ଯୋଜନାକୁ ରାଜ୍ୟ ସରକାରଙ୍କ ଉଚ୍ଚବୈଷୟିକ ପରାମର୍ଶଦାତା କମିଟି ବା ଟିଏସିର ଅନୁମୋଦନ ପାଇଁ ବିଭାଗକୁ ପଠା ଯାଇଛି। ଉଲ୍ଲେଖଥାଉକି, ଜଳେଶ୍ୱର ବ୍ଲକ୍‌ର ସାନରାଉତପଡ଼ା, କୋଟସାହି, ମହମ୍ମଦନଗର ପାଟଣା ଏବଂ ଭୋଗରାଇ ବ୍ଲକ୍‌ର କୁମ୍ଭୀରଗଡ଼ି ନିକଟରେ ସୁବର୍ଣ୍ଣରେଖା ଗତିପଥ ପରିବର୍ତ୍ତନ କରୁଛି। ଫଳରେ ବହୁ ସ୍ଥଳଭାଗ ନଦୀଗର୍ଭରେ ଲୀନ ହୋଇଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରାଯାଉଛି। ଯାହାକୁ ଖୁବ୍‌ଶୀଘ୍ର ବିଭାଗୀୟ ଇଆଇସି ଅନୁମୋଦନ ପାଇଁ ପଠାଯିବ ବୋଲି ସୂଚନା ମିଳିଛି। ସେହିପରି ବାଲିଆପାଳ ବ୍ଲକ ବିଷ୍ଣୁପୁର, ଜାମକୁଣ୍ଡା ଇତ୍ୟାଦି ପଞ୍ଚାୟତର ବହୁ ଗ୍ରାମ ଏବେ ନଦୀର ଆଁ ଭିତରେ ରହିଛି। ଭୋଗରାଇର କୋହ୍ଲାଚଡ଼ ଓ ବାଉଁଶକଣା ଏବଂ ଜଳେଶ୍ୱରର ଜମାଲପୁର ନିକଟରେ ମଧ୍ୟ ନଦୀ କୂଳ ଲଙ୍ଘୁଛି। ଏସବୁ ସ୍ଥାନରେ ତଟସୁରକ୍ଷା ପାଇଁ ଯଥାକ୍ରମେ ୯୭, ୯୦ ଓ ୮୦ ଲକ୍ଷ ଟଙ୍କାର ୩ଟି ପ୍ରକଳ୍ପ ପାଇଁ ଟେଣ୍ଡର୍ ସରିଛି। ପ୍ରଶ୍ନ ଉଠୁଛି ଗତ ଦୁଇବର୍ଷ ଧରି ନଦୀରେ ବାରମ୍ବାର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ ଚଳିତ ବର୍ଷ ବର୍ଷାଋତୁ ଆରମ୍ଭ ପୂର୍ବରୁ କ୍ଷତିଗ୍ରସ୍ତ ନଦୀ ବନ୍ଧ, ସ୍ପର ର ଆଦୌ ମରାମତି ହୋଇନାହିଁ। ଯଦିଓ ଏବର୍ଷ ବିଳମ୍ବିତ ମୌସୁମୀ କାରଣରୁ ସେମିତି ବଡ଼ ଧରଣର ବର୍ଷା ହୋଇନାହିଁ କିନ୍ତୁ ଟେଣ୍ଡର ହୋଇ ସାରିଥିବା ପ୍ରକଳ୍ପର କାର୍ଯ୍ୟ ହେବା ସମ୍ଭବ ନୁହେଁ। ଯାହା ଫଳରେ ଯଦି ପୁଣି ବନ୍ୟା ଆସେ ତେବେ ଅବସ୍ଥା ଅସମ୍ଭାଳ ହୋଇଯିବ ବୋଲି ପୂର୍ବାନୁମାନ କରାଯାଉଛି।

# ଲାୟନ୍ସ କ୍ଲବ ଅଫ୍ ମିତ୍ରପୁର ଦ୍ୱାରା ସଫଳ ଚକ୍ଷୁଦାନ

ବାଲେଶ୍ୱର, ୩।୭ (ସମିସ): ନୂଆପାଢ଼ୀ ଅଞ୍ଚଳର ସ୍ୱର୍ଗତ ସରସ୍ୱତୀ ପରିଡାଙ୍କ ଚକ୍ଷୁଦାନ ସଫଳତାର ସହ ସମ୍ପନ୍ନ ହୋଇଛି। ଲାୟନ୍ସ କ୍ଲବ ଅଫ ମିତ୍ରପୁରର ପ୍ରଚେଷ୍ଟାରେ ଏହି ମହତ କାର୍ଯ୍ୟ ସମ୍ଭବ ହୋଇପାରିଛି। ନୂଆପାଢ଼ୀ ଗ୍ରାମର ହରିହର ପରିଡାଙ୍କ ପତ୍ନୀ ସରସ୍ୱତୀ ପରିଡା ଦୀର୍ଘଦିନ ଧରି ପକ୍ଷାଘାତ ଓ ଅନ୍ୟାନ୍ୟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ଗତକାଲି ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକେ ଚକ୍ଷୁଦାନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ସୂଚନା ପାଇବା ମାତ୍ରେ ଲାୟନ୍ସ କ୍ଲବ ମିତ୍ରପୁରର ସଭାପତି ଡା. ପ୍ରକାଶ କୁମାର ମହାପାତ୍ର ତୁରନ୍ତ "ମିଶନ ଚକ୍ଷୁଦାନ' ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେ କର୍ନିଆ ରିଟ୍ରାଇଭ ଟେକନିସିଆନ ସନ୍ଧ୍ୟାରାଣୀ ନାୟକଙ୍କ ସହ ଯୋଗାଯୋଗ କରିଥିଲେ। ଫଳରେ ସ୍ୱଳ୍ପ ସମୟ ମଧ୍ୟରେ ଚକ୍ଷୁଦାନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଚକ୍ଷୁଦାନ ପରେ କ୍ଲବର ସଦସ୍ୟ ଡା. ଜ୍ୟୋତି ରଞ୍ଜନ ପ୍ରଧାନ ଓ ଲା. ଗୋପାଳ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଚକ୍ଷୁଦାନର ପ୍ରମାଣପତ୍ରକୁ ମୃତକଙ୍କ ସ୍ୱାମୀ ଅବସରପ୍ରାପ୍ତ ଶିକ୍ଷକ ହରିହର



ପରିଡା ଏବଂ ତୃତୀୟ ପୁତ୍ର ତଥା ଲାୟନ୍ସ କ୍ଲବ ମିତ୍ରପୁରର ସଦସ୍ୟ ଲା. ଅଜିତ ପରିଡାଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱର୍ଗତ ସରସ୍ୱତୀ ପରିଡା ଜଣେ ଧର୍ମପରାୟଣା, ସ୍ନେହୀ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ଚାରି ପୁତ୍ରଙ୍କ ମଧ୍ୟରୁ ବଡ଼ପୁଅ ଡା. ଅଶୋକ ପରିଡା ପଶ୍ଚିମବଙ୍ଗ ଦୁର୍ଗାପୁରରେ ଜଣେ ସୁନାମଧନ୍ୟ ହୃଦରୋଗ ବିଶେଷଜ୍ଞ। ପରିବାରର ଏହି ମହାନ ନିଷ୍ପତ୍ତି ଓ ଲାୟନ୍ସ କ୍ଲବ ମିତ୍ରପୁରର ପଦକ୍ଷେପକୁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି।

# ମା' ମଙ୍ଗଳା ମନ୍ଦିରର ଦାନବାକ୍ସ ଲୁଟିନେଲେ ଦୁର୍ବୃତ୍ତ

ଜଳେଶ୍ୱର, ୩।୭ (ସମିସ): ଜଳେଶ୍ୱର ଅଞ୍ଚଳରେ ମନ୍ଦିର ଚୋରୀ ଦିନକୁ ଦିନ ବଢିବାରେ ଲାଗିଛି। ଯାହା ବିଭିନ୍ନ ହିନ୍ଦୁ ଧର୍ମାନୁଷ୍ଠାନ ଗୁଡିକ ପ୍ରତି ବିପଦ ସୃଷ୍ଟି କରିଛି। ଗତ କିଛିଦିନ ତଳେ ଗବରଘଟା ଅଞ୍ଚଳରେ ଦୁଇଟି ମନ୍ଦିରରେ ଥିବା ଦେବୀଙ୍କ ସମସ୍ତ ଅଳଙ୍କାର ଚୋରି ହୋଇଯାଇଥିବା ବେଳେ ଗତ ରାତ୍ରୀରେ ଜଳେଶ୍ୱର ସହରର ପୁରୁଣିଆ ବଜାରସ୍ଥିତ ମା' ମଙ୍ଗଳା ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଦାନ ବାକ୍ସକୁ ଉଠାଇ ନେଇଯାଇଥିବାର ଦେଖିବାକୁ ମିଳିଛି। ଆଜି ସକାଳେ ମନ୍ଦିରକୁ ଭକ୍ତମାନେ ଆସି ଦେଖିଥିଲେ ଯେ ମନ୍ଦିରର ପଛପଟ ଗେଟର ତାଲା ଭଙ୍ଗାଯାଇଛି। ମନ୍ଦିର ମଧ୍ୟରେ ଥିବା ଦାନ ବାକ୍ସ ନ ଥିବାର ଦେଖିବାକୁ ମିଳିଥିଲା। ଗ୍ରାମ ମୁଖ୍ୟ ଅନନ୍ତ କୁମାର ଦାସ, ସ୍ଥାନୀୟ କାଉନସିଲର ଗୋବିନ୍ଦ ଚନ୍ଦ୍ର ସାହୁ, ପୂର୍ଣ୍ଣେନ୍ଦୁ ନନ୍ଦୀ, ସନ୍ୟାସି ପରିଡା, ମନ୍ଦିରର ପୂଜକ ପ୍ରମୁଖଙ୍କ ସହିତ ବହୁ ଗ୍ରାମବାସୀ ଆସି ଉପସ୍ଥିତ ହେବା ସହିତ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଆସି ଘଟଣା ସମ୍ପର୍କରେ ତଦନ୍ତ କରିବା ସହତ ମନ୍ଦିରର କିଛି ଦୂରରେ ଥିବା ସରକାରୀ କମ୍ୟୁନିଟି ସେଣ୍ଟର ପଛରେ ଦାନ ବାକ୍ସଟି ଭଙ୍ଗାଯାଇଥିବା ଅବସ୍ଥାରେ ପଡିଥିବାର




ବେଳେ ରାସ୍ତା କଡରେ ମନ୍ଦିରର ତାଲାଟି ପଡିଥିବାର ଦେଖିବାକୁ ମିଳିଥିଲା। ମନ୍ଦିରର କିଛି ଦୂରରେ ଥିବା ଏକ ସିସି ଟିଭି ଚିତ୍ରରୁ ଜଣାଯାଇଛି ଯେ ରାତ୍ରୀ ୨ଟା ପରେ ଦୁଇଜଣ ଯୁବକ ମୁହଁରେ ଲୁଗା ବାନ୍ଧି ମନ୍ଦିର ପଟକୁ ଆସିବା ଓ କିଛି ସମୟ ପରେ ଫେରି ଯିବାର ଦୃଶ୍ୟ ରହିଛି। ପୁଲିସ ଘଟଣାର ଛାନଭିନ କରୁଥିବା ବେଳେ ଜଣେ ଯୁବକକୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ଜଣାଯାଇଛି। ଦାନ ବାକ୍ସରେ ୧୦ହଜାରରୁ ଅଧିକ ଦାନ ଅର୍ଥ ରହିଥିବା ଗ୍ରାମବାସୀ କହିଛନ୍ତି।

# ନୀଳଗିରି ଉପଖଣ୍ଡ ବାର୍ ଆସୋସିଏସନ୍ ତରଫରୁ ଶୋକସଭା

ନୀଳଗିରି, ୩।୭ (ସମିସ): ନୀଳଗିରି ଉପଖଣ୍ଡ ଓକିଲସଂଘ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଆଡଭୋକେଟ ଚିତ୍ତରଞ୍ଜନ ଚୌଧୁରୀଙ୍କ ତିରୋଧାନରେ ସଂଘର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋକସଭାରେ ସଂଘର ଉପସଭାପତି ଗୌରହରି ବେହେରା, ଯତୀନ୍ଦ୍ର ନାୟକ, ସମ୍ପାଦକ କିଶୋର କୁମାର ଦାସ, ସହ ସମ୍ପାଦକ ସୁରେଶଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଦାସ, ବିଘ୍ନେଶ୍ୱର ବାରିକ, ବରିଷ୍ଠ ଆଇନଜୀବୀ ନିଳୀମା ବାରିକ, ଜୟନ୍ତ ସ, ଶାନ୍ତିଲତା ମିଶ୍ର, ସାଗରିକା ଷଡ଼ଙ୍ଗୀ, ପ୍ରଶାନ୍ତ ମଲ୍ଲିକ, ବିକ୍ରମ ମାଝୀ, କାହ୍ନୁରଞ୍ଜନ ମାଝୀ, ତନୟ ପାତ୍ର, ତନୁସ୍ମିତା ମହାଲିକ, ପ୍ରତାପଦେବ ନାୟକ ପ୍ରମୁଖ ବହୁ ଆଇନଜୀବୀ ସ୍ୱର୍ଗତ ଚୌଧୁରୀଙ୍କ ଜୀବନୀ ଏବଂ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ।




# ରେଳ ଓଭରବ୍ରିଜ ତଳୁ ଜବରଦଖଲ ହଟାଇବାକୁ ଦାବି

ସୋର, ୩।୭ (ସମିସ): ସୋର ତହସିଲଦାରଙ୍କ ତରଫରୁ ଉଡ଼ନ୍ତା ରେଳ ଓଭରବ୍ରିଜ୍ ତଳେ ଜବର ଦଖଲ କରି ଦୋକାନ କରିଥିବା ବ୍ୟକ୍ତିମାନଙ୍କୁ ଦୁଇଦିନ ଭିତରେ ହଟିଯିବାକୁ ନୋଟିସ୍ ଜାରି କରାଯାଇଛି। ଏଥି ସହିତ ବ୍ରିଜ ତଳେ ବେଆଇନ ଭାବେ ପାର୍କିଂ କରୁଥିବା ଗାଡ଼ିଗୁଡ଼ିକ ହଟାଇବା ପାଇଁ ଆର୍‌ଟିଓଙ୍କୁ ଅବଗତ କରାଯାଇଛି। ଗତ କିଛିଦିନ ହେଲା କେତେକ ଉଠା ଦୋକାନୀ ସେମାନଙ୍କ ପସରା ମେଲାଇ ରାସ୍ତା ଅବରୋଧ କରୁଥିବା ଫଳରେ ଅଧିକାଂଶ ସମୟରେ ଟ୍ରଫିକ ଜାମ୍ ହେଉଥିବା କାରଣରୁ ଜନଶୁଣାଣିବେଳେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗତବର୍ଷ ଏହି ବ୍ରିଜ୍ ତଳେ ସମସ୍ତ ବ୍ୟବସାୟୀଙ୍କୁ ହଟାଇ ଦିଆଯାଇଥିଲେ ବି ପୁନଶ୍ଚ ଏହି ବ୍ୟବସାୟୀମାନେ ଅବରୋଧ କରିବାରେ ଲାଗିଛନ୍ତି। ଏଥି ସହିତ ବ୍ରିଜ୍‌ର ପୂର୍ବ ତରଫ ଗୋଶାଳା ପାଖରେ ବସୁଥିବା ପରିବା ବ୍ୟବସାୟୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ ନଥିବାରୁ ଷ୍ଟେସନକୁ ଲାଗିଥିବା ଏହି ରାସ୍ତା ସବୁ ସମୟରେ ଜାମ୍ ରହି ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି।

# ବୃଦ୍ଧ ପିତାମାତାଙ୍କୁ ଘରୁ ତଡ଼ିଦେଲେ ପୁଅବୋହୂ

ଜଳେଶ୍ୱର, ୩।୭ (ସମିସ): ସମ୍ପତ୍ତି ଲୋଭରେ ପକ୍ଷାଘାତ ପୀଡିତ ବୃଦ୍ଧ ପିତାଙ୍କୁ ଅତ୍ୟାଚାର ଓ ବୃଦ୍ଧ ମାତାଙ୍କୁ ଘରୁ ତଡିଦେଲେ ପୁଅ ବହୁ। ଜଳେଶ୍ୱର ବ୍ଲକ ଗୋବରଘାଟା ଗ୍ରାମର ଗଙ୍ଗାରାମ ପାଳ(୭୫) ଦୀର୍ଘ ଦିନଧରି ପକ୍ଷାଘାତ ରୋଗରେ ପିଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ମାନସିକ ସ୍ଥିତି ଠିକ ନ ଥିବାରୁ ତାଙ୍କର ନିଜର ସମ୍ପତ୍ତି ଓ ବ୍ୟାଙ୍କ ଖାତା ବୁଝାସୁଝା କରିବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଯାଇଛନ୍ତି। ଏହି ଅସହାୟତାର ସୁଯୋଗ ନେଇ ପରିବାରର ଦୁଇ ପୁଅ, ବହୁ ଓ ଦୁଇଜଣ ସାଇ ଭାଇ ମଧ ଚକ୍ରାନ୍ତ କରି ତାଙ୍କୁ ଓ ତାଙ୍କର ବୃଦ୍ଧା ସ୍ତ୍ରୀ ପୂର୍ଣ୍ଣିମା ପାଳ(୭୦)ଙ୍କୁ ନିର୍ଯାତନା ଦେବା ସହିତ ଖାଇବାକୁ ନଦେଇ ମାରିଦେବାକୁ ଚେଷ୍ଟା କରୁଛନ୍ତି ବୋଲି ବୃଦ୍ଧା ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏକ ଅନ୍ୟାୟ କାର୍ଯ୍ୟକୁ ବିରୋଧ କରିବାରୁ ବୃଦ୍ଧା ପୂର୍ଣ୍ଣିମାଙ୍କ ଗଳା ଚିପି ଶ୍ୱାସରୁଦ୍ଧ କରିବାକୁ ପରିବାର ଲୋକେ ଚେଷ୍ଟା କରିଥିଲେ ଏବଂ ମାଡ ମାରି ଘରୁ ବାହାର କରିଦେଇଥିଲେ। ନିର୍ଯ୍ୟାତିତ ପରେ ବୃଦ୍ଧା ପିତ୍ରାଳୟରେ ଆଶ୍ରୟ ନେଇଛନ୍ତି। ତାଙ୍କର ବୃଦ୍ଧା ସ୍ୱାମୀଙ୍କ ପାଖକୁ ଯିବାକୁ ଦେଉ ନଥିବା ବେଳେ ବୃଦ୍ଧାଙ୍କ ସ୍ୱାମୀଙ୍କ କୌଣସୀ ସେବା ଶୁଶ୍ରୁଷା ବା ଚିକିତ୍ସା କରାଯାଉନାହିଁ। ବୃଦ୍ଧଙ୍କ ଅକ୍ଷମତାର ସୁଯୋଗ ନେଇ ବଳପୂର୍ବକ ତାଙ୍କର ଟିପ ଚିହ୍ନ ନେଇ ବ୍ୟାଙ୍କରୁ ଟଙ୍କା ଉଠାଉବା ଜମିଜମା ହସ୍ତାନ୍ତର କରୁଥିବାର ଅଭିଯୋଗ କରି ବୃଦ୍ଧା ପୂର୍ଣ୍ଣିମା ପାଳ ଜିଲ୍ଲାପାଳ, ଏସ୍‌ପି ଓ ଜଳେଶ୍ୱର ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ସହିତ ନ୍ୟାୟ ଭିକ୍ଷା କରିଛନ୍ତି। ଏଥିନେଇ ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। ଅପରପକ୍ଷେ ବୃଦ୍ଧବୃଦ୍ଧାଙ୍କ ପୁଅ ମାନେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ସରକାରୀ ରାସ୍ତା ଅବରୋଧକୁ ନେଇ ପୌରପରିଷଦ ଓ ଥାନାରେ ଅଭିଯୋଗ

ଜଳେଶ୍ୱର, ୩।୭ (ସମିସ): ସରକାରୀ ଜାଗାକୁ ଅବରୋଧ କରିବା ସହିତ ନିଜସ୍ୱ ଜାଗା ଥିବା ଲୋକଙ୍କ ଉପରେ ଜୁଲୁମକୁ ନେଇ ଜଳେଶ୍ୱର ଥାନାରେ ଓ ପୌର କାର୍ଯ୍ୟନିବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଜଳେଶ୍ୱର ପୌରାଂଚଳ ସ୍ଥିତ ଅଲାଲପୁର ଗ୍ରାମର ମଧ ସ୍ଥଳରେ ଥିବା ଦାଣ୍ଡ ଗଡିଆ ଛକ ସରକାରୀ ରାସ୍ତାର ପ୍ଲଟ ନଂ ୪୩୮ ଉପରେ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଥିବା ଜନୈକ ବ୍ୟକ୍ତି ଘରର ପିଣ୍ଡା ଓ ପହାଚ ବନାଇ ରାସ୍ତା ଓ ଜଳନିଷ୍କାସନ ନାଳକୁ ଅବରୋଧ କରିଛନ୍ତି। ଫଳରେ ଉକ୍ତ ରାସ୍ତା ସଂକୁଚିତ ହେବା ସହିତ ଯାତାୟତ କରୁଥିବା ୧୬ନଂ ୱାର୍ଡ ଓ ୧୭ନଂ ୱାର୍ଡର ଅଧିବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ରାସ୍ତାର ଉତର ପାଶ୍ୱର୍ରେ ନିଜ ଜମି ମାଲିକାନାରେ ଥିବା ପ୍ଲଟ ନଂ ୪୮୫/୧୧୭୭ ସତୀଶ ଚନ୍ଦ୍ର ପରିଡାଙ୍କ ଜାଗାକୁ ଅବରୋଧ କରି ଗୃହ ଉପକରଣ ଯଥା ଚିପ୍ସ, ଇଟା, ବାଲି, ନନ୍ଦ ଇତ୍ୟାଦି ପକାଇ ରଖିଛନ୍ତି। ଉକ୍ତ ବ୍ୟକ୍ତି ଜାଗା ଜବରଦଖଲ କରିବା ସହିତ ବହୁ ସମୟରେ ସତୀଶ ଚନ୍ଦ୍ର ପରିଡାଙ୍କୁ ମାରଧର କରିବା ଧମକ ଚମକ ଦେଉଛନ୍ତି। ତେଣୁ ଏ ବିଷୟରେ ପୌର କାର୍ଯ୍ୟନିବାହୀ ଅଧିକାରୀଙ୍କୁ ପୌର ରାସ୍ତାର ଅବରୋଧ ଉଚ୍ଛେଦ କରାଇବା ପାଇଁ ଦାବି କରିବା ସହିତ ଥାନାରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଅଭିଯୋଗ କରିଥିବା ଜଣାଇଛନ୍ତି।

# ବଳଭଦ୍ର ବିଦ୍ୟାଭୂଷଣଙ୍କ ମନ୍ଦିରରେ ବ୍ରାହ୍ମଣ ସମ୍ମିଳନୀ

ରେମୁଣା, ୩।୭ (ସମିସ): ରେମୁଣାସ୍ଥିତ ଅଠାନ୍ତର ଗ୍ରାମରେ ମହାନ ଦାର୍ଶନିକ ବଳଦେବ ବିଦ୍ୟାଭୂଷଣଙ୍କ ସ୍ମୃତି ମନ୍ଦିରରେ ରେମୁଣା ବ୍ଲକ ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ଏକ ବ୍ରାହ୍ମଣ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନିକଟସ୍ଥ ନୀଳଗିରି, ଜଳେଶ୍ୱର, ବାଲେଶ୍ୱର ମ୍ୟୁନିସିପାଲିଟି ଆଦି ବ୍ଲକରୁ ମଧ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ମୁଖ୍ୟତଃ ଆଗାମୀ ୨୨ ତାରିଖରେ ବୁଧବାର ଇମାମି ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥଙ୍କ ଚେତନା ଆଧାରିତ ଏକ ଆଲୋଚନା ଚକ୍ର, ବ୍ରାହ୍ମଣ ସମ୍ମିଳନୀ, ବେଦସଭା ତଥା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବା ଉପଲକ୍ଷେ ସମବେତ ବ୍ରାହ୍ମଣମାନେ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ଆଲୋଚନା କରି ପ୍ରସ୍ତାବମାନ ଗୃହୀତ କରିଥିଲେ। ପଣ୍ଡିତ ହରିଶ୍ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ ଓ ସମ୍ପାଦକ ପ୍ରଦୀପ ମିଶ୍ର ଆଭିମୁଖ୍ୟ ପ୍ରଦାନ କରି ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଥିଲେ। ପଣ୍ଡିତ ସୁଧିର କୁମାର ପଣ୍ଡା ଶକ୍ତିଗଦ ପଣ୍ଡା, ରାଜ୍ୟ ବ୍ରାହ୍ମଣ ମହାସଂଘ ସଂଯୋଜକ ପଣ୍ଡିତ ଲୋକନାଥ ଧର, ଡାକ୍ତର ଗୌର ସାଧନ ମିଶ୍ର, ସରୋଜ କୁମାର ଷଡ଼ଙ୍ଗୀ, ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ ପ୍ରମୁଖ ବହୁ ବିଦ୍ୱାନ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପଣ୍ଡିତ ସର୍ବେଶ୍ୱର ପତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ କୁନ ପଣ୍ଡା, ସୁବ୍ରତ ଘୋଷାଲ, ହରିଶ୍ଚନ୍ଦ୍ର ପତି ତଥା ଅନ୍ୟ ସମସ୍ତ ସଦସ୍ୟ ବୃନ୍ଦ। ଆଗାମୀ ୨୨ ତାରିଖ ବୁଧବାର କାର୍ଯ୍ୟକ୍ରମରେ ପେପରମିଲ୍ ଜଗନ୍ନାଥ ମନ୍ଦିର କମିଟିର ସହଯୋଗ ନିମନ୍ତେ ଅଦ୍ୟ ବୈଠକ ଇମାମି ଜଗନ୍ନାଥ ମନ୍ଦିର କମିଟିକୁ ଅଶେଷ କୃତଜ୍ଞତା ଜଣାଇଥିଲେ।

# ଫକୀରମୋହନଙ୍କ ଜନ୍ମପୀଠକୁ ପଥପ୍ରଦର୍ଶକ ଫାଟକ ନିର୍ମାଣର ପୁନର୍ବିନ୍ୟାସ ଦାବି

ବାଲେଶ୍ୱର, ୩।୭ (ସମିସ)

କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ଜନ୍ମପୀଠ ମଲ୍ଲିକାଶପୁରସ୍ଥିତ ଶାନ୍ତିକାନନକୁ ପଥପ୍ରଦର୍ଶନ ପାଇଁ ବାଲେଶ୍ୱର ପୌରପାଳିକାର ପ୍ରସ୍ତାବିତ ପ୍ରବେଶ ଫାଟକର ପୁର୍ନବିନ୍ୟାସ ଦାବି କରି ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ଏହାର ନକଲ ଜିଲ୍ଲାପାଳ ଏବଂ ସଦର ବିଧାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଏହି ସ୍ମାରକପତ୍ର ଦେଇ ଫାଟକ ନିର୍ମାଣର ବର୍ତ୍ତମାନ ପରିକଳ୍ପନାକୁ ପୁନଃବିଚାର କରିବାକୁ ଅନୁରୋଧ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ସରକାର ଫକୀରମୋହନଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁରକୁ ଐତିହ୍ୟଗ୍ରାମ ଭାବେ ଘୋଷଣା କରି ପ୍ରାୟ ୧୫ କୋଟି ଟଙ୍କାର ବିକାଶ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏପରି ସମୟରେ ପୌରପାଳିକା ପକ୍ଷରୁ ଶାନ୍ତିକାନନ ମୁଖ୍ୟ ପ୍ରବେଶପଥରେ ନିର୍ମାଣ କରାଯିବାକୁ ଥିବା ଫାଟକ ପାଇଁ ଚୟନ କରାଯାଇଥିବା ସ୍ଥାନ ଅତ୍ୟନ୍ତ ସଂକୀର୍ଣ୍ଣ। ସେହି ସ୍ଥାନ ନିକଟରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଥିବାରୁ ବର୍ତ୍ତମାନର ନକ୍ସା ଅନୁସାରେ ଫାଟକ ନିର୍ମାଣ ହେଲେ ଦୈନନ୍ଦିନ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି। ସ୍ମାରକପତ୍ରରେ ଆହୁରି କୁହାଯାଇଛି ଯେ, ଫକୀରମୋହନ ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ, ସ୍ଥାନୀୟ ବାସିନ୍ଦା ଓ ଶାନ୍ତିକାନନକୁ ପରିଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକମାନେ ଏହି ରାସ୍ତା ବ୍ୟବହାର



କରୁଛନ୍ତି। ଫାଟକ ସଂକୀର୍ଣ୍ଣ ହେଲେ ବଡ଼ ଯାନବାହନ ଯିବାବେଳେ ଅନ୍ୟ ଗାଡ଼ି ଅଟକି ରହିବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ସ୍ମାରକପତ୍ରରେ ତିନୋଟି ପ୍ରମୁଖ ପ୍ରସ୍ତାବ ରଖାଯାଇଛି। ପ୍ରଥମତଃ, ଐତିହ୍ୟଗ୍ରାମର ଗାରିମାକୁ ଦୃଷ୍ଟିରେ ରଖି ଫାଟକର ଡିଜାଇନ୍ ଅନ୍ୟ ସାଧାରଣ ପ୍ରବେଶ ଫାଟକଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବା ସହ ଏଥିରେ ଫକୀରମୋହନଙ୍କ ଜୀବନ, ସାହିତ୍ୟ ଓ ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ ରହିବା ଉଚିତ। ଦ୍ୱିତୀୟତଃ, ଯାନବାହନ ଓ ପଥଚାରୀଙ୍କ ସୁବିଧା ପାଇଁ ଫାଟକର ପ୍ରସ୍ଥ ବଢ଼ାଇବାକୁ ଦାବି କରାଯାଇଛି। ତୃତୀୟତଃ, ଫାଟକର ସ୍ତମ୍ଭ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରି ଫାଟକକୁ ସୁରକ୍ଷିତ ଓ ପ୍ରଶସ୍ତ ଭାବେ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ଡ. ସୁବାସ ଚନ୍ଦ୍ର ପାତ୍ର କହିଛନ୍ତି ଯେ, କଥାସମ୍ରାଟ ଫକୀରମୋହନ ସେନାପତି କେବଳ ବାଲେଶ୍ୱର ନୁହେଁ, ସମଗ୍ର ଓଡ଼ିଆ ଜାତିର ଗୌରବ। ତେଣୁ ତାଙ୍କ ଜନ୍ମପୀଠକୁ ନିର୍ମାଣ ହେବାକୁ ଥିବା ପଥପ୍ରଦର୍ଶକ ଫାଟକ କେବଳ ଏକ ପ୍ରବେଶଦ୍ୱାର ନୁହେଁ, ବରଂ ତାଙ୍କ ଐତିହ୍ୟ, ସାହିତ୍ୟିକ ଅବଦାନ ଓ ବାଲେଶ୍ୱରର ସାଂସ୍କୃତିକ ପରିଚୟର ପ୍ରତୀକ ହେବା ଉଚିତ। ସେଥିପାଇଁ ପୌରପାଳିକା ପକ୍ଷରୁ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପ୍ରସ୍ତାବିତ ଫାଟକର ନକ୍ସା ଓ ସ୍ଥାନ ଚୟନର ପୁନଃବିଚାର କରିବାକୁ ସେ ଦାବି କରିଛନ୍ତି।

## କେନ୍ଦୁଝରରେ ଚାଞ୍ଚଲ୍ୟ

# ଗୁଣିଗାରେଡି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା



ସୋରେନ୍ ଓ ସ୍ତ୍ରୀ ଟୁନି ସୋରେନ୍ ଙ୍କର ଗଳିତ ମୃତଦେହ ଉଦ୍ଧାର ହୋଇଛି. ମୃତଦେହ ଉଦ୍ଧାର ପରେ ଏହି ମାମଲାରେ

କେନ୍ଦୁଝର, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ଦୈତାରୀ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି । ଗୁଣିଗାରେଡି ସନ୍ଦେହ ରେ ଦମ୍ପତିଙ୍କୁ ହତ୍ୟା ପରେ ଏକ କୂଅରେ ପକାଇ ଦିଆ ଯାଇଥିବା ସନ୍ଦେହ କରାଯାଉଛି । ଏକ ପରିତ୍ୟକ୍ତ କୂଅରୁ ଦମ୍ପତିଙ୍କର ଶବ ଉଦ୍ଧାର କରାଯାଇଛି । ଏହି ଘଟଣାରେ ସନ୍ଦେହ କରି ୫ଜଣଙ୍କୁ ଅଟକ ରଖିଛି ଦୈତାରୀ ଥାନା ପୋଲିସ । ସୂଚନା ଅନୁସାରେ ଗତ ମାସ ୨୫ ତାରିଖରୁ ନିଖୋଜ ଥିଲେ ଉକ୍ତ ଦମ୍ପତି । ଏଭଳି ଅବସ୍ଥାରେ ବଳିପର୍ବତ ହୁଲାବାହାଳୀ ଗାଁର ଏକ ପରିତ୍ୟକ୍ତ କୂଅରୁ ଖଗେଶ୍ୱର ମୁଖ୍ୟ ଆସାମୀ ଶିବ ମୁଣ୍ଡା ଏବଂ ଅନ୍ୟ ୪ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରିଛି ପୋଲିସ । ତଦନ୍ତ ଅଧିକ ବଢାଇବା ପାଇଁ ଘଟଣାର ସିନ୍ ରିକ୍ରିଏସନ କରିଛି ପୋଲିସ । ସୂଚନା ଯୋଗୀଏ ମୃତ ଖଗେଶ୍ୱର । ଗାଁରେ କାହାକୁ ଜ୍ୱର ହେଲେ ଝଡ଼ାଫୁଙ୍କା କରୁଥିଲେ । ଗତ ୨୦୧୯ ମସିହାରେ ଶିବ ମୁଣ୍ଡାର ଭଉଣୀର ଦେହ ଖରାପ ହେବାରୁ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ତାଙ୍କ ମୃତ୍ୟୁ ଘଟିବାରୁ ଖଗେଶ୍ୱର ଗୁଣି ଗାରେଡି କରି ତାଙ୍କ ଭଉଣୀକୁ ହତ୍ୟା କରିଥିବା ସନ୍ଦେହ କରୁଥିଲା ଶିବ ମୁଣ୍ଡା । ଗତ ମାସ ୨୫ ତାରିଖରେ ଶିବ ମୁଣ୍ଡା, ଅନ୍ୟ ମାନଙ୍କ ସହ ମିଶି ଉକ୍ତ ଦମ୍ପତିଙ୍କୁ ହତ୍ୟା କରି ମୃତ ଦେହରେ ପଥର ବାନ୍ଧି କୂଅରେ ପକାଇ ଦେଇଥିବା କୁହାଯାଉଛି । ଗୁଣି ଗାରେଡି ସନ୍ଦେହରେ ହତ୍ୟା ଦମ୍ପତିଙ୍କୁ ପରିତ୍ୟକ୍ତ କୂଅରୁ ଶବ ଉଦ୍ଧାର ହୋଇଛି । ଘଟଣାର ଅଧିକ ତଦନ୍ତ ନିମନ୍ତେ ୫ଜଣଙ୍କୁ ଅଟକ ରଖିଛି ଦୈତାରୀ ଥାନା ପୋଲିସ । ଗତ ମାସ ୨୫ ତାରିଖ ରୁ ନିଖୋଜ ଥିଲେ ଦମ୍ପତି । ପୋଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବାବେଳେ ଚୂଡାନ୍ତ ତଥ୍ୟ ମିଳିନାହିଁ । ଘଟଣାଟି ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳେଇ ଦେଇଛି

## ତେଜୁଛି ମଦ ବିରୋଧୀ ଅଭିଯାନ
# ଗାଁ ନିକଟରୁ ସରକାରୀ ମଦ ଦୋକାନ ସ୍ଥାନାନ୍ତର ଦାବିକଲେ ମହିଳା



ଚୁରୁମୁଣ୍ଡା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ବଡ଼ପାଟଣା ପଞ୍ଚାୟତ ସାଧୁପଡା ଗାଁ ନିକଟରେ ଶୁକ୍ରବାର ନୂତନ ଭାବେ ଖୋଲିଥିବା ସରକାରୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ଦାବି କରିଛନ୍ତି ମହିଳା । ଗ୍ରାମର ମହିଳାମାନେ ଏକଜୁଟ ହୋଇ ସାଧୁପଡା ବସଷ୍ଟାଣ୍ଡରୁ ବାହାରି କୋହ ଭରା କଣ୍ଠରେ ପାଟଣା ଥାନା, ତହସିଲଦାର ଅର୍ଜୁନ ନାୟକ, ବିଡିଓ ମାନସ ରଞ୍ଜନ ଭୋଇ ଏବଂ ଅବକାରୀ ଅଧୀକ୍ଷକଙ୍କୁ ଭେଟି ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି । ସାଧୁପଡା, ସାଆଁରାପଶି, ବଡ଼ପାଟଣା ଗ୍ରାମର ମହିଳାମାନେ ସାଧୁପଡାସ୍ଥିତ ବସଷ୍ଟାଣ୍ଡରୁ ବାହାରି ଗାଁ ନିକଟରେ ଥିବା ଠାକୁରାଣୀ ଶାଳ ନିକଟରୁ ମଦ ଦୋକାନକୁ ହଟାଇବାକୁ ଦାବି କରିଛନ୍ତି ।

ଗାଁ ନିକଟରେ ମଦ ଦୋକାନ ହେଲେ ଗ୍ରାମରେ ମଦୁଆ ସଂଖ୍ୟା ବଢିବା ସହ ଯୁବକମାନେ ପଥଭ୍ରଷ୍ଟ ହେବେ । ଅକାଳରେ ଲୋକଙ୍କ କିଡନୀ ଓ ଲିଭର ରୋଗରେ ମୃତ୍ୟୁ ବରଣ କଲେ ମହିଳାଙ୍କ ହାତରୁ ଶଙ୍ଖା ମୁଣ୍ଡରୁ ସିନ୍ଦୂର ଲିଭିଯିବା ସହ ଘରେ ଘରେ ବିଶୃଙ୍ଖଳା ସୃଷ୍ଟି ହେବ । ମହିଳାମାନେ ସୁରକ୍ଷିତ ଭାବରେ ଚଳପ୍ରଚଳ କରିପାରିବେ ନାହିଁ । ଖୁବଶୀଘ୍ର ତାଙ୍କ ଦାବିକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ଉକ୍ତ ମଦ ଦୋକାନ ସ୍ଥାନାନ୍ତର ନ କଲେ ଆଗାମୀ ଦିନରେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବେ ବୋଲି କହିଛନ୍ତି ।

## ବଳଦ ବୋଝେଇ ଗାଡ଼ି ଦୁର୍ଘଟଣା; ଜଣେ ମୃତ, ଚାଳକ ଗିରଫ

ଚୁରୁମୁଣ୍ଡା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ଦେଇଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ସାହାରପଡା ଦେଓ ନଦୀ ପୋଲ ଉପରେ ଗୁରୁବାର ରାତିରେ ବଳଦ ଚୋରା ଚାଲାଣ ହେଉଥିବା ବେଳେ ବାଛୁରି ବୋଝେଇ ବୋଲେରୋ ଏକ ଅଟୋ ସହ ମୁହାଁମୁହିଁ ଧକ୍କା ଦେଇଥିଲା । ବୋଲେରୋରେ ଥିବା ୫ ବାଛୁରିଙ୍କ ମଧ୍ୟରୁ ଗୋଟେର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଶୁକ୍ରବାର ପାଟଣା ପୁଲିସ ଗୋ ମାଫିଆ ତଥା ବୋଲେରୋ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଡ୍ରାଇଭର ହେଲେ ଘଟଗାଁ ଥାନା ସାନ୍ତରାପୁର ଗ୍ରାମର ଶିବାନନ୍ଦ ପାତ୍ର(୨୧) । ବୋଲେରୋରେ ଅତି ଦୟନୀୟ ଭାବରେ ଝେଙ୍କିକରି ଅଞ୍ଚଳରୁ ବାଛୁରିଗୁଡ଼ିକୁ କିଣି ଯଶିପୁରକୁ ନେଇଯାଉଥିବା ସମୟରେ କରଞ୍ଜିଆ ପଟରୁ ଆସୁଥିବା ଅଟୋକୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ୨ଟି ଯାକ ଗାଡ଼ି ପଲଟି ଯାଇଥିଲା । ଅଟୋରେ ଥିବା ୩ ଯାତ୍ରୀ ଗୁରୁତର ହୋଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି ।



ସେମାନଙ୍କ ମଧ୍ୟରୁ ଜଣେ ପ୍ରଧାନପଡ଼ା ଗାଁର ନରେନ୍ଦ୍ର ବେହେରାଙ୍କ ମୃତ୍ୟୁ ଘଟିଛି । ଏନେଇ ପାଟଣା ଥାନାରେ ମାମଲା ରୁଜୁ ହୋଇଥିବା ସାହାର ପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କହିଥିବା ବେଳେ ମୃତ ବାଛୁରିର ଶବ ବ୍ୟବଚ୍ଛେଦ କରାଯାଇ ଅନ୍ୟ ଅନ୍ୟତ୍ରକୁ ଗୋଶାଳାର ଛାଡିଥିବା କହିଛନ୍ତି ।

## ଆନନ୍ଦପୁର ମହାବିଦ୍ୟାଳୟକୁ ମିଳିଲା ୭.୨୦ ଲକ୍ଷ

ଆନନ୍ଦପୁର, ୩।୭ (ସମିସ): କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୭.୨୦ଲକ୍ଷ ଟଙ୍କାର ଅନୁଦାନ ମିଳିଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଅନୁଦାନରେ ଅଡିଟୋରିୟମ ଛାତ୍ରୀ ନିବାସ ଗାର୍ଲସ କମନରୁମ ବ୍ୟେକକମନ ରୁମ ଷ୍ଟାଫ କମନରୁମ ଓ ଟଏଲେଟ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି । ୧୯୬୪ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୬୧ ବର୍ଷ ଧରି ନିରନ୍ତର ଭାବେ ଗୁଣାତ୍ମକ ଶିକ୍ଷା ଦେଉଥିବାରୁ ବର୍ତ୍ତମାନ ଏହାର ଛାତ୍ରଛାତ୍ରୀ ସଂଖ୍ୟା ପ୍ରାୟ ୨୩ଶହରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଏବଂ ସର୍ବମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ଶତକଡ଼ା ୭୦ ପ୍ରତିଶତ ଛାତ୍ରୀ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି । ରାଜ୍ୟର ଏକ ସର୍ବପୁରାତନ ମହାବିଦ୍ୟାଳୟ ହୋଇଥିଲେ ବି ସରକାରୀ ମାନ୍ୟତା ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇନାହିଁ । କେନ୍ଦୁଝର ଜିଲ୍ଲାର ଏହି ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ ବିଭାଗ ଖୋଲିବାକୁ ବହୁବାର ଦାବି ହୋଇଥିଲେ ମଧ୍ୟ ତାହା ବିଭାଗୀୟ ଦପ୍ତରରେ ଚାପିହୋଇଯାଇଛି । ଏହାବ୍ୟତୀତ, ସମାଜ ବିଜ୍ଞାନ, ମନୋବିଜ୍ଞାନ ଓ ଶିକ୍ଷା ଭଳି ମହତ୍ତ୍ୱପୂର୍ଣ୍ଣ ବିଭାଗ ଖୋଲିବାର ଆବଶ୍ୟକତା ଥିଲେ ମଧ୍ୟ ଏଥିପ୍ରତି ଅଣଦେଖା କରାଯାଉଅଛି ।

## ଅସହାୟଙ୍କୁ ମିଳିଲା ସହାୟତା ରାଶି



ନାରଦପୁର, ୩।୭ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ପଞ୍ଚାୟତର ଆଙ୍କୁଲିଆ ଗ୍ରାମର ବାଲେଶ୍ୱର ମାଝୀ କିଛି ଦିନ ତଳେ ଦେହ ଅସୁସ୍ଥ କାରଣରୁ ମୃତ୍ୟୁ ହୋଇଥିବା ବେଳେ ଶୁଦ୍ଧିକ୍ରିୟା ପାଇଁ ତାଙ୍କ ପରିବାରଙ୍କୁ ଗ୍ରାମବାସୀ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି । ଉକ୍ତ ଗ୍ରାମର ମୃତ ବାଲେଶ୍ୱରଙ୍କ ପତ୍ନୀଙ୍କ ମଧ୍ୟ ୭ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିଲା । ବର୍ତ୍ତମାନ ତାଙ୍କ ପରିବାରରେ ବଡ ପୁଅ ଗୁପାନ ମାଝୀ (୧୫) ଓ ସାନ ପୁଅ ଜଙ୍ଗଲୀ ମାଝୀ (୧୨) ଦୁଇ ପୁତ୍ର ଅଛନ୍ତି । ଦୁଇ ପୁତ୍ର ଅସହାୟ ହୋଇ ପଡିଥିବା ବେଳେ ଶୁଦ୍ଧିକ୍ରିୟା ପାଇଁ ଗ୍ରାମ କମିଟିର ବାବୁଲାଲ ମହାନ୍ତଙ୍କ ତତ୍ତ୍ୱାବଧାନରେ ଶ୍ୟାମସୁନ୍ଦର ନାୟକ, ବନମାଳି ମାଝୀ, ଶ୍ରୀକାନ୍ତ ମାଝୀ, ଗୋବନ ମହାକୁଡ, ମହିଲାଲ ମହାନ୍ତ, ଉଦୟନାଥ ମାଝୀ, ଯଶବନ୍ତ ମହାନ୍ତ, ଦିନବନ୍ଧୁ ନାୟକ, ଗଣେଶ୍ୱର ମହାକୁଡ ପ୍ରମୁଖ ସହଯୋଗ କରିଥିଲେ ।

## ଭଞ୍ଜସେନାର ମଶାଲ ଶୋଭାଯାତ୍ରା

କଳାବାଡିଆ/ଗୋରୁମହିଷାଣୀ, ୩।୭ (ସମିସ): ବାଙ୍ଗିରିପୋଷି ଓ ଗୋରୁମହିଷାଣୀରେ ଭଞ୍ଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଛି । ବାଙ୍ଗିରିପୋଷି ବ୍ଲକ୍ର ମୁଖ୍ୟ ବଜାରରେ ଭଞ୍ଜସେନା ବ୍ଲକ୍ ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା ଆଦିବାସୀ ଶାଖା ସଭାପତି ବାକୁନ ହାଁସଦା, ଜିଲ୍ଲା ଉପାଧ୍ୟକ୍ଷା କନିକା ବୋଷ, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ଗିରି, ଜିଲ୍ଲା ଉପସଭାପତି ନିରୋଜନ ବାରିକ, ଜିଲ୍ଲା ଯୁବ ସହସମ୍ପାଦକ ସଂଜୀବ ଗିରି, ସାରସକଣା ବ୍ଲକ ସଭାପତି ହାଡ଼ିବନ୍ଧୁ ମହାନ୍ତ, ବାଙ୍ଗିରିପୋଷି ବ୍ଲକ ଉପସଭାପତି ମୃଣାଳ ଗିରି, ସନତ ମହାନ୍ତ, ବାପୁନ ନାୟକ, ପପୁ ମହାନ୍ତି, ମହାଦେବ ପାତ୍ର, ଅମିତ ପାତ୍ର ପ୍ରମୁଖଙ୍କ ସହିତ ସଂଗଠନର ଶତାଧିକ ଯୁବ ଛାତ୍ର ସଂଗଠକ ଓ ମହିଳା ସାମିଲ ଥିଲେ । ସେହିପରି ରାଇରଙ୍ଗପୁର ବ୍ଲକ୍ ଗୋରୁମହିଷାଣୀଠାରେ ଭଞ୍ଜସେନା ବ୍ଲକ୍ ସଭାପତି ଦୁଃଖୀ ବେସ୍ର ଓ ବ୍ଲକ ସାଧାରଣ ସମ୍ପାଦକ ରତନ ହେମ୍ବ୍ରମଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଙ୍କ ରମଜାନ୍ ବେଗ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଗୋବିନ୍ଦ ମୁର୍ମୁ, ଭଗବତ ହେମ୍ବ୍ରମ, ରମଜାନ ବେଗ, ମଧୁସୂଦନ ହେମ୍ବ୍ରମ, ଶ୍ରୀରାମ ମୁର୍ମୁ, ସାର୍ଥୁ ମୁର୍ମୁ, ଏମଡି ୱାରିସ, ଏମଡି ଜିସାତ, ଗୁଲାମ ମୁସ୍ତାପା, କୁଆଁର ମୁର୍ମୁ, ସିପଲ୍ ହାଁସଦା, ରାମ ମୁର୍ମୁ, ସାଲଖା ହାଁସଦା ପ୍ରମୁଖ ଯୋଗ ଦେଇଥିଲେ ।

## ହାଇୱା ଧକ୍କାରେ ୨ମୃତ: ୩ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର



ବାରିପଦା, ୩।୭ (ସମିସ): ଶୁକ୍ରବାର ସନ୍ଧ୍ୟାରେ ବାରିପଦା ସହରର ପାଲବଣି ବାଇପାସ ନିକଟରେ ଏକ ହାଇୱା ଧକ୍କାରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର ଆହତ ହୋଇଛନ୍ତି । ମୃତକ ୨ଶ୍ରମିକ ହେଲେ ଶୁନଗରିଆର ଏସକେ ଜଲାଉଦ୍ଦିନ ଓ ଗୌଡଡିହାର ମିହିର ମାଇତି । ଆହତମାନେ ହେଲେ ନ୍ୟୁଜ୍ ସେଭେନର ଲଳିତ ବାରିକ, ଅର୍ଗସର ହରେକୃଷ୍ଣ ପାତ୍ର ଓ କଳିଙ୍ଗ ଟିଭିର ରଜତ ପଟ୍ଟନାୟକ । ଏକ କାଠ ବୋଝେଇ ଭ୍ୟାନ ଜାତୀୟ ରାଜପଥରେ ଓଲଟିଥିବା ଖବର ପାଇ ତିନିଜଣ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ଦୁର୍ଘଟଣା ସ୍ଥଳରେ ଏକ ଡଷ୍ଟ ବୋଝେଇ ହାଇୱା ଓଭରବ୍ରିଜରୁ ତଳକୁ ଦ୍ରୁତ ଗତିରେ ମାଡିଆସି ଓଲଟିଥିବା ଭ୍ୟାନ ଉପରକୁ ମାଡିଯାଇ ଡିଭାଇଡର ଉପରକୁ ଚଢି ଓଲଟିଯାଇଥିଲା । ଫଳରେ କାଠ ଗୋଟାଉଥିବା ୨ଶ୍ରମିକ ଘଟଣାସ୍ଥଳରେ ଚାପି ହୋଇ ମୃତ୍ୟୁ ଘଟିଥିଲା । ତିନିଜଣ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସମେତ ଗୁରୁତର ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ସମସ୍ତଙ୍କୁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ଜଣଙ୍କର ହାତ ଓ କଲର ବୋନ ଭାଙ୍ଗି ଥିବା ବେଳେ ଅନ୍ୟ ଦୁଇଜଣଙ୍କ ମୁଣ୍ଡ ମାଡ ହୋଇଛି । ସମସ୍ତେ ଚିକିତ୍ସାଧୀନ ଅଛନ୍ତି । ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉଭୟ ପାର୍ଶ୍ୱ ରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଟାଉନ ପୁଲିସ ପହଞ୍ଚି ମୃତକଙ୍କ ଉଦ୍ଧାର କରି ଶବବ୍ୟବଚ୍ଛେଦ ପାଇଁ ପିଆରଏମ୍ ନେଇ ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ । ତେବେ ସମ୍ବେଦନଶୀଳ ସ୍ଥାନରେ ଗଡ଼ାପୋଲ ନହେବା ଓ ବିଦେଶୀ ମଦ ଦୋକାନ ପାଇଁ ପ୍ରତ୍ୟେହ ଦୁର୍ଘଟଣା ଘଟୁଥିବାରୁ ଉତ୍ତେଜନା ଦେଖାଦେଉଛି ।

# ଜନମତ ସଂଗ୍ରହ ଆଳରେ ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରଚଳନ ଚକ୍ରାନ୍ତ ବନ୍ଦ ଦାବି

ବାରିପଦା, ୩।୭ (ସମିସ): ଏସସିଇଆରଟି, ଓଡ଼ିଶା ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ଜାରି କରାଯାଇ ସର୍ବସାଧାରଣ ନିମନ୍ତେ ସୂଚନା ଦିଆଯାଇଛି ଯେ, ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟପୁସ୍ତକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏସସିଇଆରଟି ଓ ଓସେପା ୱେବସାଇଟରେ ଦିଆଯାଇଛି । ସେହି ପୁସ୍ତକ ସମ୍ବନ୍ଧରେ ସୁଚିନ୍ତିତ ମତାମତ ଜନସାଧାରଣ ସାତଦିନ ମଧ୍ୟରେ ଦେବେ । ଅଲଇଣ୍ଡିଆ ଡିଏସଓ ଓଡ଼ିଶା ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା ଓ ସମ୍ପାଦକ ଶିବାର୍ଥ ଓଥ ଏକ ପ୍ରେସ ବିବୃତି ଜାରି କରି ଏହି ବିଜ୍ଞପ୍ତିକୁ ଦୃଢ଼ ସମାଲୋଚନା କରି କହିଛନ୍ତି, ଜନମତ ସଂଗ୍ରହ ଆଳରେ ସରକାର ଅବୈଜ୍ଞାନିକ ଓ ଅଯୌକ୍ତିକ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଚକ୍ରାନ୍ତ କରୁଛନ୍ତି । ପ୍ରଥମତଃ ପାଠ୍ୟ ପୁସ୍ତକରେ ସଂଶୋଧନ କେବଳ କିଛି ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତ୍ତିକ କରାଯିବ, ସେଥିକି ନୁହେଁ ଆହୁରି ମଧ୍ୟ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ, ମୌଳିକ ଧାରଣାଭିତ୍ତିକ ବିଷୟବସ୍ତୁ ପାଠ୍ୟପୁସ୍ତକରେ ସ୍ଥାନ ପାଇବା ଆବଶ୍ୟକ । ଏହା ଏକ ସମୟସାପେକ୍ଷ କାର୍ଯ୍ୟ । ପୁଣି ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବହି ପଢ଼ି ୭ ଦିନ ମଧ୍ୟରେ ଏ ବିଷୟରେ ମତାମତ ଦେବା ବାସ୍ତବରେ କାହା ପକ୍ଷେ ସମ୍ଭବ ନୁହେଁ । ଦ୍ୱିତୀୟତଃ ଏହି ପାଠ୍ୟପୁସ୍ତକ ବିଭ୍ରାଟର ମୂଳ କାରଣ ହେଉଛି ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦ । ଯାହାର ଆଧାରରେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇଛି । ଏହି ଶିକ୍ଷାନୀତି ଅବିଳମ୍ବେ ବାତିଲ ହେବା ଜରୁରୀ । ଏହି ପ୍ରେସ ବିବୃତି ମାଧ୍ୟମରେ ସଂଗଠନ ପକ୍ଷରୁ ଦାବି କରାଯାଇଛି ଯେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇ ଚଳିତ ଶିକ୍ଷାବର୍ଷ ପାଇଁ ଗତବର୍ଷ ପାଠ୍ୟପୁସ୍ତକରେ ଶିକ୍ଷାଦାନ କରାଯାଉ । ପ୍ରଚଳିତ ପାଠ୍ୟପୁସ୍ତକରେ ତ୍ରୁଟି ସଂଶୋଧନ ନୁହେଁ, ନୂତନ ଭାବେ ପାଠ୍ୟପୁସ୍ତକ ପୁନର୍ଲିଖନ କରାଯାଉ । ସେଥିପାଇଁ ଆମ ରାଜ୍ୟଭିତ୍ତିକ ସିଲାବସ ପ୍ରସ୍ତୁତ କରାଯାଉ, ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତ୍ତିକ ସମ୍ପୂର୍ଣ୍ଣ ନିର୍ଭୁଲ ସହିତ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ, ମୌଳିକ ଧାରଣାଭିତ୍ତିକ ବିଷୟବସ୍ତୁ ଥାଇ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଉ । ବିଷୟଭିତ୍ତିକ ବିଶେଷଜ୍ଞଙ୍କୁ ନେଇ ଏକ ବୋର୍ଡ ଗଠନ କରାଯାଇ ସେହି ବୋର୍ଡକୁ ପାଠ୍ୟପୁସ୍ତକ ଲେଖିବାର ଦାୟିତ୍ୱ ଦିଆଯାଉ । ପୁସ୍ତକ ପ୍ରକାଶନ ପୂର୍ବରୁ ବୋର୍ଡର ସମସ୍ତ ସଭ୍ୟଙ୍କ ନାମ ଓ ସେମାନଙ୍କ ଦ୍ୱାରା ଲିଖିତ ପାଠ୍ୟପୁସ୍ତକକୁ ସାର୍ବଜନୀନ କରାଯାଉ ।

## ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ

ଚୁରୁମୁଣ୍ଡା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନ ବିଭାଗ ପକ୍ଷରୁ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟନ ହୋଇଛି । ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାରାବଣ୍ଟନ କେନ୍ଦ୍ରର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବରେ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ, ବନପାଳ ନିରଞ୍ଜନ ସେଠୀ ପ୍ରମୁଖ ଏକ ଟଙ୍କାରେ ସମସ୍ତଙ୍କୁ ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ କରାଯାଉଛି ବୋଲି ବନପାଳ କହିଛନ୍ତି । ବନରକ୍ଷୀ ଯାଜ୍ଞସେନୀ ଗୋଚ୍ଛାୟତ ପାରାଷ୍ଟାଫ ସହଯୋଗ କରିଥିଲେ ।

## ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

ଚୁରୁମୁଣ୍ଡା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବନ ବିଭାଗ ପକ୍ଷରୁ ଶୁକ୍ରବାର ସାହାରପଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାହାରପଡା ଅଧକ୍ଷ ନୃସିଂହ ପରିଡ଼ା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସାହାରପଡା ବନପାଳ ଶ୍ରୀମନ୍ତ ବେହେରାଙ୍କ ସହ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସାହାରପଡା ବନବିଭାଗ କର୍ମଚାରୀ ବୃକ୍ଷରୋପଣ କରିଥିଲେ ।

## ପିକଅପ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

କୁଆମରା, ୩।୭ (ସମିସ): ଖୁଣ୍ଟା ଥାନା ନବକିଶୋରପୁର ପୋଲ ନିକଟରେ ଆଜି ସକାଳେ ଏକ ପିକଅପ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ନବକିଶୋର ପୁର ଗ୍ରାମର ବାର୍ଷା ସୋରେନ (୬୨) । ସେ ପ୍ରତିଦିନ ଭଳି ଆଜି ସକାଳେ ଚାଲିବାକୁ ଆସି ଘରକୁ ଫେରୁଥିବାବେଳେ ଏକ ପିକଅପ୍ ତାଙ୍କୁ ଧକ୍କା ଦେଇଥିଲା । ବାର୍ଷା କିଛି ବାଟକୁ ଛିଟିକି ପଡ଼ିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଖୁଣ୍ଟା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାର୍ଷାଙ୍କ ପୁଅ ଦୁବରାଜଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ପିକଅପ୍କୁ ଜବତ କରି ତଦନ୍ତ ଚଳାଉଛି ।

## ଚୋରା କାଠ ବୋଝେଇ ଗାଡ଼ି ଜବତ

ବେତନଟୀ, ୩।୭ (ସମିସ): ବେତନଟୀ ଥାନା ତଥା ବେତନଟୀ ରେଞ୍ଜ ଅନ୍ତର୍ଗତ ଗଣ୍ଡିଗଧା କେନାଲ ରାସ୍ତାରେ ଗୁରୁବାର ସକାଳେ ବନ ବିଭାଗ ଏକ ଚୋରା କାଠ ବୋଝେଇ ଗାଡ଼ି ଜବତ କରିଛି । କାଠ ମାଫିଆ ବନ କର୍ମଚାରୀଙ୍କୁ ଦେଖି ଗାଡ଼ି ଛାଡ଼ି ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିଲେ । ଜବତ କରାଯାଇଥିବା କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବା ମୂଲ୍ୟବାନ କାଠ ଚୋରାଚାଲାଣ ହେଉଥିବା ଖବର ପାଇ ବେତନଟୀ ରେଞ୍ଜର ରେଞ୍ଜ ଅଧିକାରୀ ଧ୍ରୁବେନ୍ଦ୍ର ନାଏକଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣଚନ୍ଦ୍ରପୁର ବନପାଳ ପଦ୍ମାବତୀ ବେହେରା ସଦଳବଳରେ ଗଣ୍ଡିଗଧା କେନାଲ ରାସ୍ତାରେ ଆକସ୍ମିକ ଚଢ଼ଉ କରିଥିଲେ ।



ଚଢ଼ଉ ସମୟରେ କାଠ ବୋଝେଇ ଗାଡି ଧରାପଡ଼ିଥିଲା । ଗାଡ଼ି ଚାଳକ ଓ ସହଯୋଗୀ ତୁରନ୍ତ ଗାଡ଼ି ଛାଡ଼ି ନିକଟସ୍ଥ ଜଙ୍ଗଲ ଭିତରକୁ ପଳାଇଥିଲେ । ଜବତ କରାଯାଇଥିବା ଗାଡ଼ିକୁ ବଡକାମୁଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତଙ୍କ ସହାୟତାରେ କୃଷ୍ଣଚନ୍ଦ୍ରପୁରସ୍ଥ ବନ ବିଭାଗର ସିଜର ଯାର୍ଡ଼କୁ ନିଆଯାଇଛି । ଗାଡ଼ିରେ ୯ ଖଣ୍ଡ ଗମ୍ଭାରୀ, ୨ ଖଣ୍ଡ ଶାଗୁଆନ୍ ଓ ଗୋଟିଏ ନିମ୍ବଗଣ୍ଡି ଥିଲା । ଚଢ଼ଉ ଅଭିଯାନରେ ବନପାଳ ପଦ୍ମାବତୀ ବେହେରା, ବନରକ୍ଷୀ ସନ୍ତୋଷ ନାଏକ, ଜଗନ୍ନାଥ ମହାନ୍ତ ଓ ଅନ୍ୟ ପାରା ବନ କର୍ମଚାରୀ ସାମିଲ ଥିଲେ ।

## ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଉଦଳା, ୩।୭ (ସମିସ): ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉଦଳା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ +୩ ବିଜ୍ଞାନ ବିଭାଗ ସହିତ ସମ୍ମାନ ପାଠ୍ୟକ୍ରମ ଖୋଲିବା ନିମନ୍ତେ ଦାବିପତ୍ର ଦିଆଯାଇଛି । ମୟୂରଭଞ୍ଜ ଜିଲ୍ଲାର ଉଦଳାସ୍ଥ ଏକମାତ୍ର ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ହେଉଛି ମହିଳା ମହାବିଦ୍ୟାଳୟ । ଏ ଅଞ୍ଚଳର ଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷାର ଏକ ପ୍ରମୁଖ ଅନୁଷ୍ଠାନ । ତେବେ ଉକ୍ତ ମହାବିଦ୍ୟାଳୟରେ ଏପର୍ଯ୍ୟନ୍ତ +୩ ବିଜ୍ଞାନ ବିଭାଗ ସହିତ ସମ୍ମାନ ପାଠ୍ୟକ୍ରମ ଆରମ୍ଭ ହୋଇନାହିଁ । ଫଳରେ ଅଞ୍ଚଳର ମେଧାବୀ ଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଓ ଦୂର କଲେଜକୁ ଯିବାକୁ ବାଧ୍ୟ ହେଉଛନ୍ତି । ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଛାତ୍ରୀଙ୍କ ଭବିଷ୍ୟତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଦଳା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ +୩ ବିଜ୍ଞାନ ବିଭାଗ ସହିତ ସମ୍ମାନ ପାଠ୍ୟକ୍ରମ ଖୋଲିବା ପାଇଁ ଆବଶ୍ୟକ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି ।

## ମଦ ଦୋକାନକୁ ମହିଳାଙ୍କ ବିରୋଧ

ବେଶିଙ୍ଗା, ୩।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବେଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆରେ ଏକ ସରକାରୀ ଠିପି ବନ୍ଦ ମଦ ଦୋକାନ ଖୋଲିବାକୁ ନେଇ ଶତାଧିକ ମହିଳା ବିରୋଧ କରିଛନ୍ତି । ନାରୀନେତ୍ରୀ ମାଧବୀ ସେନାପତିଙ୍କ ନେତୃତ୍ୱରେ ମହିଳା ରାତି ୯ଟାରେ ଉକ୍ତ ମଦ ଦୋକାନ ଆଗରେ ରାସ୍ତା ଅବରୋଧ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହେବା ପରେ ଜୁଲାଇ ୨ ତାରିଖରୁ ସରକାରୀ ମଦ ଦୋକାନ ଖୋଲିବାର ନିଷ୍ପତ୍ତି ନିଆଯାଇଥିଲା । ଏହି କ୍ରମରେ ଗଡଦେଉଳିଆରେ ଅଜିତ ସିଂଙ୍କ ନାମରେ ଥିବା ଦୋକାନ ଖୋଲାଯାଇଥିଲା । ଏହାକୁ ବିରୋଧ କରି ମାଧବୀ ସେନାପତିଙ୍କ ନେତୃତ୍ୱରେ ଏକମାସ ପୂର୍ବରୁ ଶତାଧିକ ମହିଳା ମୟୂରଭଞ୍ଜ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ । ସେମାନେ ଦୋକାନ ଖୋଲା ନ ହେବା ପାଇଁ ଦାବି କରିଥିଲେ । ଦୋକାନ ଖୋଲାଯିବା ଖବର ପାଇ ଶହ ଶହ ମହିଳା ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ । ବେଶିଙ୍ଗା ଥାନା ପକ୍ଷରୁ ଏସଆଇ ଶ୍ରୀ ପାତ୍ର ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଦୋକାନ ବନ୍ଦ କରାଇଥିଲେ । ସେ ମହିଳାଙ୍କ ସହିତ ଆଲୋଚନା କରି ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଥିଲେ ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଯୋଡ଼ା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥରେ ଏକ ଅଜଣା ଗାଡି ଧକ୍କା ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ପରିଚୟ ମିଳିପାରିନାହିଁ । ରାଇରଙ୍ଗପୁରର ମୋଟରସାଇକଲ ଯୋଗେ ବଡ଼ବିଲ ଅଭିମୁଖେ ଯାଉଥିବା ବେଳେ ରଣାସାହ ଘାଟି ପଡ଼ୁଆ ଖଣି ନିକଟରେ ସନ୍ଧ୍ୟା ପ୍ରାୟ ୬ଟାରେ ୨ ଜଣଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଚମ୍ପଟ ମାରିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ । ବଡ଼ବିଲ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତ ଶରୀରକୁ ଜବତ କରି ତାଙ୍କ ସାଥୀଙ୍କୁ ବଡ଼ବିଲ ମେଡିକାଲକୁ ପଠାଇଥିଲେ । ଏନେଇ ଏକ ମାମଲା ରୁଜୁ କରି ଅଜଣା ଗାଡି ସହ ଶବକୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରଖାଯାଇଛି ।

## ଜୀବିକା ମିଶନରେ ଅନିୟମିତତା ପ୍ରସଙ୍ଗ
# ପ୍ରତିଶ୍ରୁତି ପରେ ପ୍ରତାରଣା, ସିଆରପିଙ୍କ ଅସନ୍ତୋଷ

ବଡ଼ସାହି, ୩।୭ (ସମିସ)

ବଡ଼ସାହି ବ୍ଲକ୍ ଜୀବିକା ମିଶନ କାର୍ଯ୍ୟାଳୟରେ ଅନିୟମିତତା ଓ ମନମାନୀକୁ ବିରୋଧ କରି ସିଆରପିମାନେ ବିଡିଓଙ୍କୁ ଲିଖିତ ଅଭିଯୋଗ କରି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ସେମାନେ ବ୍ଲକ୍ ଅଫିସ ସମ୍ମୁଖରେ ଦୀର୍ଘ ସମୟ ଧରି ବସି ରହି ବକେୟା ଓ ସମସ୍ତ ପ୍ରାପ୍ୟ ପ୍ରଦାନ ପାଇଁ ଅଡି ବସି ପ୍ରତିବାଦ କରିଥିଲେ । ବିପିଏମ ମାନସ ରଞ୍ଜନ ବେହେରା ଓ ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ସେମାନଙ୍କ ସହିତ ଆଲୋଚନା କରି ଦାବି ସମ୍ପର୍କରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ହଟିଥିଲେ । ଏହାପରେ ବିପିଏମ ଶ୍ରୀ ବେହେରା ତାଙ୍କ ହ୍ୱାଟ୍ସଆପ୍ ଗ୍ରୁପରେ ସବୁ ପଞ୍ଚାୟତର ପେମେଣ୍ଟ ଏକ ସଙ୍ଗରେ ହେବା ପାଇଁ ଏବଂ ବିକେଙ୍କୁ ପ୍ରୋତ୍ସାହନ ରାଶି ଯୋଗ କରିବାର ଫର୍ମାଟ୍ ତୁରନ୍ତ ପ୍ରଦାନ କରିବାକୁ କହିଥିଲେ । ମାତ୍ର ପ୍ରତିଶ୍ରୁତି ଦେବାର ଦିନକ ପରେ ପୁଣି ପ୍ରତାରଣା କରିଥିବା ସିଆରପିମାନେ ଅଭିଯୋଗ କରିଛନ୍ତି । ସିଆରପିମାନେ ପାଉଥିବା ଲୋକସ ଅନଲାଇନ ପ୍ରାପ୍ୟ ଓ ପ୍ରୋତ୍ସାହନ ରାଶି ଡିଲେଇରେ ଦେବା କାଟି ପ୍ରଦାନ କରାଯିବ ବୋଲି କହିଥିବା ଜଣାଯାଇଛି । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଯେଉଁ ରିକଭାରୀ ହେବ ବା କାମ କରି ନ ଥିବା ଦର୍ଶାଇ ଯେଉଁ ପ୍ରାପ୍ୟ କଟାଯିବ, ତାହା ଉପରିସ୍ଥ କେଉଁ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଚିଠି ବଳରେ କରାଯିବ, ତାହା ସ୍ପଷ୍ଟ କରିବାକୁ ସିଆରପିମାନେ ଦାବି କରିଛନ୍ତି । ଏହା କେଉଁ ଆକାଉଣ୍ଟରେ କେତେ ଦିନ ପର୍ଯ୍ୟନ୍ତ ରହିପାରିବ ବିଭାଗ ଚିଠି କରି ଅବଗତ କଲେ, ଆଶଙ୍କା ପ୍ରକାଶ ପାଇଥିବା ଅନିୟମିତତାକୁ ଘୋଡାଯାଇପାରିବ ବୋଲି ସେମାନେ କହିଛନ୍ତି । ବେଣୁ ପ୍ରତିଶ୍ରୁତି ଦେବାର ଦିନକ ପରେ ପୁଣି ପ୍ରତାରଣା କ'ଣ ପାଇଁ ସେମାନେ କହିଛନ୍ତି ।

ମାତ୍ର କେତେକ ପଞ୍ଚାୟତରେ ରାଜନୈତିକ ଚାପରେ ଓ କେତେକ ସ୍ଥାନରେ ପ୍ରତିବାଦ କରୁଥିବା ସିଆରପିଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯିବା ପାଇଁ ଭିତରେ ଭିତରେ ନିଷ୍ପତ୍ତି ହୋଇଥିବାର ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଏପରିକି କେତେକ ସିଆରପି ସେମାନଙ୍କର ପ୍ରାପ୍ୟ ନ ପାଇ ଜିଲ୍ଲା ଅଫିସକୁ ଯାଇ ଉପରୋକ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ଯେଉଁ ଜିପିଏଲଏଫ୍ ଟଙ୍କା ପଞ୍ଚାୟତ ସ୍ତରରେ ଏସଏଚ୍‌ଜି ଗ୍ରୁପର ମହିଳାଙ୍କ ଲୋନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜମା ରହିଛି, ସେହି ଟଙ୍କାରେ ଲୋନ ପ୍ରଦାନରେ ମଧ୍ୟ ପାରଶଅନ୍ତର ଓ ଲାଞ୍ଚ କରବାର ହେଉଥିବାର ଅଭିଯୋଗ ଉଠିଛି । ଜିପିଏଲଏଫ ଓ ସିଏଲଏଫରେ ପ୍ରେସିଡିଂ ପରେ ସେହି ଟଙ୍କା ବିଡିଓ ଓ ବିପିଏମଙ୍କ ଯଗ୍ମ ଦସ୍ତଖତରେ ଉଠିବା କଥା । ମାତ୍ର ବିଡିଓଙ୍କ ଦସ୍ତଖତ ବିନା ଟଙ୍କା ଉଠୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଉଛି । ଏପରିକି ବିଏଲସି, ବିପିସି ଓ ବିପିଏମଙ୍କ ଦସ୍ତଖତ ମଧ୍ୟ ରହ ନ ଥିବାବେଳେ କେବଳ ଜିପିଏଲଏଫ ଓ ସିଏଲଏଫର ସଭାପତି ଓ ସଂପାଦିକାଙ୍କ ଦସ୍ତଖତରେ ଏହି ଟଙ୍କା ଉଠୁଛି । ସେହିପରି ଭତ୍ତା ବାବଦ, ବିଦ୍ୟୁତ ବିଲ, ଲାପଟପ୍, ଆସବାବପତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ପ୍ରତି ପଞ୍ଚାୟତକୁ ଆସିଥିବା ୧ ଲକ୍ଷ ୨୧ ହଜାର ୮୦୦ଟଙ୍କା ଓ ବ୍ଲକ୍ ଅଫ୍ ରେକର୍ଡ ଫଣ୍ଡ ପାଇଁ ଆସିଥିବା ୫ ହଜାର ଟଙ୍କାକୁ ମିଥ୍ୟା ବିଲ, ଭାଉଚର ପ୍ରସ୍ତୁତ କରି ହାତବାରଣା କରାଯାଉଥିବାର ଅଭିଯୋଗ ଉଠିଛି । ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହୋଇଛି । ଏସଏଚ୍‌ଜି ଗ୍ରୁପ ରିଭଲଭିଂ ପାଇଁ ଆସିଥିବା ଅନୁଦାନ, ଏସଏଚ୍‌ଜି ଗ୍ରୁପର ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ନ୍ୟୁଟ୍ରି ଗାର୍ଡେନର ଅନୁଦାନ ଓ ସୁଭଦ୍ରା ଯୋଜନା ପାଇଁ ଆସିଥିବା ଅନୁଦାନରେ ବ୍ୟାପକ ଅନିୟମିତତା ସାମ୍ନାକୁ ଆସିଛି । ଏ ପଞ୍ଚାୟତରେ ଏହି ଅନିୟମିତତା ସାମ୍ନାକୁ ଆସିଛି । ଏ ସମ୍ପର୍କରେ ବିପିଏମ ମାନସ ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ ଉପରୋକ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଯାହା କିଛି କରିବେ ବୋଲି କହିଥିବାବେଳେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। ଅଟକି ଥିବା ଧନ ମିଳିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ।

**ମିଥୁନ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଜମି କିଣିବା ଯୋଗ ଅଛି।

**ସିଂହ:** ପୁରୁଣା ନିବେଶରୁ ଲାଭ ମିଳିବ। ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ତୁଳା:** ବ୍ୟବସାୟରେ ଲାଭ ମିଳିବ। ବୈବାହିକ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**ମକର:** ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମୀନ:** ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଚାନକ ବିଦେଶ ଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

## ଆଜିର ଐତିହ୍ୟ

- ୧୯୪୬- ଦୀର୍ଘ ୩୮୧ ବର୍ଷର ଔପନିବେଶିକ ଶାସନ ପରେ ଫିଲିପାଇନ୍‌ସକୁ ଆମେରିକାର ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ।
- ୧୯୦୨- ସ୍ୱାମୀ ବିବେକାନନ୍ଦଙ୍କ ଦେହାନ୍ତ।
- ୧୯୪୬- ଫିଲିପାଇନ୍ସ ଆମରିକା ଠାରୁ ସ୍ୱାଧୀନ ହେଲା।
- ୧୯୬୩- ଜାତୀୟ ପତାକାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ପରଲୋକ।
- ୧୯୯୭- ନାସାର ମହାକାଶ ଯାନ 'ପାଥ୍‌ଫାଇଣ୍ଡର' ମଙ୍ଗଳ ପୃଷ୍ଠରେ ଅବତରଣ।


## ଆଜି ବାହୁଡ଼ିଥିଲେ



# ସ୍ୱାମୀ ବିବେକାନନ୍ଦ

ସ୍ୱାମୀ ବିବେକାନନ୍ଦ ସନାତନ ଧର୍ମ ଓ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ଯୁବସମାଜ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ସହ ଶାରୀରିକ ଶକ୍ତିର ବିକାଶକୁ ସେ ଗୁରୁତ୍ୱ ଦେଉଥିଲେ। ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦାନ୍ତ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇଥିଲେ। ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କ ଭୂମିକାକୁ ନେଇ ସେ ସ୍ୱର ଉତ୍ତୋଳନ କରିଥିଲେ। ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦ କଲିକତାର ସିମିଳାପଲ୍ଲୀରେ ଏକ ରୂଢ଼ିବାଦୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ। ତାଙ୍କ ମା' ଭୁବନେଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ। ପିଲାବେଳେ ସେ ନରେନ୍ଦ୍ର ଦତ୍ତ ନାଁରେ ପରିଚିତ ଥିଲେ। ପିଲାଟି ବେଳୁ ତାଙ୍କର ଦର୍ଶନ, ଧର୍ମ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା। ତାଙ୍କର ଜ୍ଞାନାର୍ଜନ ସ୍ପୃହା ଓ ଧାରଣାଶକ୍ତି ଅତି ଅଦ୍ଭୁତ ଥିଲା। ସେ ଗୋଟିଏ ଗୋଟିଏ ମୋଟା ବହିକୁ ଗୋଟିଏ ଦିନରେ ହିଁ ପଢ଼ି ଶେଷ କରିଦେଉଥିଲେ। ଭଗବାନଙ୍କୁ ଆନ୍ତରିକ ଦର୍ଶନ କରିବାକୁ ଚାହୁଁଥିବା ବଳିଷ୍ଠଦେହ ଓ ଦୃଢ଼ମନର ଅଧିକାରୀ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୂପେ ବରଣ କରିଥିଲେ। ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କ ଦ୍ୱାରା ସମ୍ପାଦିତ କରାଇଥିଲେ। ମାତ୍ର ୨୬ ବର୍ଷ ବୟସରେ ସେ ସନ୍ୟାସୀ ହୋଇଥିଲେ। ୧୮୯୩ ମସିହା ସେପ୍ଟେମ୍ବର ୧୧ ରେ ଆମେରିକାର ଚିକାଗୋ ସହରରେ ଆୟୋଜିତ ଧର୍ମମହାସଭାରେ ସଭାକୁ ସମ୍ବୋଧନ କରି ସେ "ପ୍ରିୟ ଆମେରିକାବାସୀ ଭାଇ ଓ ଭଉଣୀମାନେ" କହି ତାଙ୍କର ଓଜସ୍ୱିନୀ ବକ୍ତୃତାର ଆରମ୍ଭ କରିଥିଲେ। ଏହି ସମ୍ବୋଧନ ଏବଂ ଭାରତୀୟ ସଂସ୍କୃତି ଉପରେ ତାଙ୍କର ପାଣ୍ଡିତ୍ୟ ପୂର୍ଣ୍ଣ ଭାଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବାସହ ଭାରତୀୟ ମୂଲ୍ୟବୋଧକୁ ମଧ୍ୟ ବିଶ୍ୱ ଦରବାରରେ ପରିଚିତ କରାଇଲା। ଏହାପରେ ସେ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ ହେଲେ। ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ଏହି ମନୀଷୀଙ୍କର ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା।

# 'ରାମାୟଣ'ର ଭିଡିଓ ଲିକ୍ !



ନୀତେଶ ତିୱାରିଙ୍କ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ଆସନ୍ତା ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ଫିଲ୍ମ ନିର୍ମାତା ଏହାକୁ ଆନ୍ତର୍ଜାତିକ ସ୍ତରରେ ପ୍ରଦର୍ଶନ ପାଇଁ ପ୍ରମୋସନ୍‌ର କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ଏଥିରେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇପଲ୍ଲବୀ ଓ ରାବଣ ଭୂମିକାରେ ଯଶ୍ ଦେଖାଯିବେ। ଇତିମଧ୍ୟରେ ଏହାର ପ୍ରଥମ ପାର୍ଟର ସୁଟିଂ ସରି ଯାଇଛି। ଏବେ ଏହାର ଏଡିଟିଂ କାମ ଚାଲିଛି। ଏହି ସବୁ ଭିତରେ 'ରାମାୟଣ'ର ଏକ ୧୧ ସେକେଣ୍ଡର ଭିଡିଓ କ୍ଲିପ୍ ଲିକ୍ ହୋଇଛି। ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଭିଡିଓରେ ରଣବୀର କପୁର ନଜର ଆସୁଛନ୍ତି। ଏଥିରେ ଏକ ଯୁଦ୍ଧ ସିନ୍ ରହିଛି। ରଣବୀର ଏକ ବିଶାଳକାୟ ଦାନବ ଉପରକୁ ଶର ନିକ୍ଷେପ କରୁଥିବାର ଦେଖାଯାଇଛନ୍ତି। ହେଲେ ରଣବୀରଙ୍କ ଅପେକ୍ଷା ଦାନବ ଦର୍ଶକଙ୍କ ବେଶୀ ଦୃଷ୍ଟି ଆକର୍ଷଣ କରିଛି। ଏହି ସିନ୍ ଭାଇରାଲ ହେବା ପରେ କିଛି ଲୋକ ଏହାକୁ ନେଇ ଉତ୍ସାହିତ ଥିବାବେଳେ ଆଉ କିଛି ଜଣ ଏହାକୁ ଜବରଦସ୍ତ ଟ୍ରୋଲ୍ ମଧ୍ୟ କରୁଛନ୍ତି। କିଛି ୟୁଜର୍ସ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଏଭଳି ଖରାପ ଗ୍ରାଫିକ୍ସ ଯୋଗୁଁ ଫିଲ୍ମର ୪୦୦୦ କୋଟି ଟଙ୍କାର ବଜେଟ୍ ସମ୍ପୂର୍ଣ୍ଣ ପାଣିରେ ଭାସିଯିବ। ଆଉ କିଛି ଜଣ 'ରାମାୟଣ'ରେ ଏଭଳି ଦାନବ କୋଉଠୁ ଆସିଲା ବୋଲି କହିଛନ୍ତି। ସେହିଭଳି ଆଉ କିଛି ଜଣ ଏହାକୁ 'ଆଦିପୁରୁଷ ୨' ବୋଲି କହିଛନ୍ତି। ଅବଶ୍ୟ ଆଉ କିଛି ଏହା ଏଆଇ ଦ୍ୱାରା ନିର୍ମିତ ଭିଡିଓ କହିଛନ୍ତି। ତେବେ ଏହି ଭାଇରାଲ କ୍ଲିପ୍‌କୁ ନେଇ ଫିଲ୍ମ ନିର୍ମାତା ଏଯାବତ୍ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

# ବିପଜ୍ଜନକ ହେଲା ଭାଇରାଲ ଟ୍ରେଣ୍ଡ

ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ଟ୍ରେଣ୍ଡ ମାନ ଭାଇରାଲ ହୋଇଥାଏ। ସେଥିରୁ କିଛି ମଜାଳିଆ ଥିବା ବେଳେ ଆଉ କିଛି ଥାଏ ଖୁବ୍ ବିପଜ୍ଜନକ। ଏହି କ୍ରମରେ ଏବେ ଏକ ଟ୍ରେଣ୍ଡକୁ ନେଇ ଅଷ୍ଟ୍ରେଲିଆରୁ ଏକ ଭୟାନକ ମାମଲା ସାମ୍ନାକୁ ଆସିଛି। ଏଠାରେ ୧୦ ବର୍ଷ ବୟସର ଭାଇଲେଟ୍ ଜେରବଷ୍ଟ ଇଣ୍ଟରନେଟ୍‌ରେ ଏକ ଭିଡିଓକୁ ଦେଖି ଜେଲ୍ ଭର୍ତ୍ତି ଖେଳଣାକୁ ମାଇକ୍ରୋୱେଭ୍‌ରେ ଗରମ କଲା। ଏହାପରେ ତା'ସହିତ ଯାହା ଘଟିଲା, ତାହା ସମସ୍ତଙ୍କୁ ବ୍ୟଥିତ କରିଛି। ଭାଇଲେଟ୍ ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମ୍‌ରେ କିଛି ଭିଡିଓ ଦେଖୁଥିଲା। ଏଥିରେ ଦେଖିବାକୁ ମିଳିଥିଲା ଜେଲ୍ ଭର୍ତ୍ତି ଖେଳଣାକୁ ମାଇକ୍ରୋୱେଭ୍‌ରେ ରଖାଯାଉଛି ଏବଂ ୩୦ ସେକେଣ୍ଡର ଟାଇମର ସେଟ୍ କରାଯାଉଛି। ସେ ମଧ୍ୟ ସେମିତି କରିଥିଲା। ଯେମିତି ସମୟ ପୂରା ହୋଇଛି, ଭାଇଲେଟ୍ ଖେଳଣାକୁ ସେଥିରୁ ବାହାର କଲା। ସେ ଦେଖିବାକୁ ଚାହୁଁଥିଲା, ଖେଳଣାଟି ନରମ ହୋଇଛି କି ନାହିଁ। ତେଣୁ ସେ ତାକୁ ଜୋର୍‌ରେ ଚାପି ଦେଲା। ଯେମିତି ସେ ତାହାକୁ ଦବାଇଛି ତାହା ଜୋର୍‌ରେ ଫାଟିଲା। ତା'ଭିତରେ ଥିବା ତରଳ ରସାୟନ ପଦାର୍ଥ ସିଧା ଭାଇଲେଟ୍‌ଙ୍କ ମୁହଁରେ ଲାଗିଲା। ତା'ର ପାଟିଶୁଣି ମା' ସିଧା ଦୌଡ଼ି ଆସି ତା' ମୁହଁରେ ଥଣ୍ଡା ପାଣି ପକାଇଲେ। ବାପା ଆମ୍ବୁଲାନ୍ସକୁ ଡାକିଲେ। ଏହି ଯନ୍ତ୍ରଣା ଏତେ ଭୟାବହ ଥିଲା ଯେ, ମୁହଁର ତ୍ୱଚା ତରଳି ଯେମିତି ତାହା ପାଟି ଭିତରକୁ ଯାଉଛି, ସେ ଅନୁଭବ କରୁଥିଲେ। ସେହିପରି ଲଗାତାର ସେ ତାହାକୁ ପାଟିରୁ ବାହାର କରୁଥିଲେ। ହସ୍‌ପିଟାଲରେ ପିଲାଟିର ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଚିକିତ୍ସା ଚାଲିଲା। ହସ୍‌ପିଟାଲ ଡାକ୍ତରଙ୍କ କହିବା ଅନୁସାରେ, ସେହି ସପ୍ତାହରେ ସ୍କୁଇସି ଟଏ ଟ୍ରେଣ୍ଡ ଯୋଗୁଁ ଆଉ କିଛି ପିଲା ଏମିତି ଗୁରୁତର ହୋଇ ହସ୍‌ପିଟାଲ ଆସିଥିଲେ। ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ, ପିଲାମାନେ କିଛି ଚିନ୍ତା ନ କରି ଇଣ୍ଟରନେଟ୍‌ରେ ଭାଇରାଲ ଟ୍ରେଣ୍ଡକୁ ଅନୁକରଣ କରୁଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମରେ ଦେଖାଯାଉଥିବା ଚ୍ୟାଲେଞ୍ଜ ପିଲାଙ୍କ ପାଇଁ ବିପଜ୍ଜନକ ହୋଇପାରେ। ବିଶେଷଜ୍ଞଙ୍କ କହିବା କଥା, ଏହି ଖେଳଣା ଭିତରେ ଜେଲ୍ ତଥା ରସାୟନ ଥାଏ। ଯାହାକି ମାଇକ୍ରୋୱେଭ୍ ଗରମକୁ ସହ୍ୟ କରିପାରେ ନାହିଁ ଏବଂ ବିସ୍ଫୋରଣ ଘଟିଥାଏ। ଏଭଳିସ୍ଥିତିରେ ବାପାମାଆଙ୍କୁ ଖୁବ୍ ସତର୍କ ରହିବାର ଆବଶ୍ୟକ ଅଛି। ବିଶେଷକରି ପିଲା ଫୋନ୍‌ରେ କ'ଣ ଦେଖୁଛି ଏବଂ ଏକୁଟିଆରେ କ'ଣ ସବୁ ପରୀକ୍ଷା କରୁଛି।



## ପ୍ରହେଳିକା



- ସ୍ନାନ ବିଧି କର୍ମ ହୋଇଲେ ଅନ୍ତ
ଜ୍ୱରରେ ପୀଡ଼ିତ ହୁଅନ୍ତି ନାଥ
ଶ୍ରଦ୍ଧାଳୁଙ୍କ ଠାରୁ ଦୂରରେ ରହି
ବିଶ୍ରାମ କରନ୍ତି ଜଗତ ସାଇଁ
ହୁଏ ଜ୍ୱର ଉପଚାର
କେଉଁ ଗୃହେ ପ୍ରଭୁ ଚିକିତ୍ସା ହୁଅନ୍ତି
କୁହ ଦେଖି ନାମ ତା'ର।

ଉତ୍ତର-ଅଣସର ଗୃହ

- ସ୍ନାନଯାତ ପରେ କଳା ସାଆନ୍ତ
ଜ୍ୱରରେ ପୀଡ଼ିତ ହୁଅନ୍ତି ନାଥ
ବିଶ୍ରାମ କରନ୍ତି କଳା କହ୍ନେଇ
ଭକ୍ତଙ୍କୁ ଦର୍ଶନ ଦିଅନ୍ତି ନାହିଁ
ପ୍ରଭୁଙ୍କୁ ନ ଦେଖି ବିକଳ ହୋଇ
ବ୍ରହ୍ମଗିରି ଭକ୍ତ ଯାଆନ୍ତି ଧାଇଁ
ଅଣସର କାଳେ ସିଏ
ଦାରୁଙ୍କ ବଦଳେ ଦର୍ଶନ ଦିଅନ୍ତି
କୁହ ତାଙ୍କ ନାମ କିଏ।

ଉତ୍ତର-ପ୍ରଭୁ ଅଲାରନାଥ

- ଅଣସରେ ହୁଏ ଚିକିତ୍ସା ବିଧି
କରନ୍ତି ସେବକ ଦିନ ଏ ରାତି
ତେଲ ଉପଚାର ନିଇତି ହୁଏ
ଶରୀରରୁ ପୀଡ଼ା ଦୂରେଇ ଦିଏ
ନାନା ଜାତି ପୁଷ୍ପ, ଚେର ଓ ମୂଳ
ରାଶି ତୈଳେ ହୋଇଥାଏ ମିଶ୍ରଣ
ପ୍ରଭୁଙ୍କ ଶ୍ରୀଅଙ୍ଗେ ସିଏ
ଜ୍ୱର ବ୍ୟାଧି ପାଇଁ ହୁଅଇ ଲେପନ
କୁହତ ତା'ନାମ କିଏ।

ଉତ୍ତର-ଫୁଲୁରି ତେଲ

ତେନ୍ତୁଳିପଦା, ଜଗତସିଂହପୁର

# ଜଗତେ ସୁଖୀ କିଏ



ମନୀଷା ପଣ୍ଡା

ଜଗତେ ସୁଖୀ
ସେଇ ଲୋକଟି
ଅନ୍ୟ ଖୁସିରେ ଦିଏ ଯେ ହସି
ଈର୍ଷା ଭାବଟି ନାହିଁ,
ଲୋଭ ଘୃଣାରୁ
ଦୂରେଇ ଯାଏ
ସୁଖୀ ମଣିଷ ସେହି ।।
କାଉ କହିଲା ହଂସକୁ ଦିନେ
କେତେ ଦୁଃଖୀ ମୁଁ ସତେ
କର୍କଶ କଣ୍ଠ କାଳିଆ ଦେହ
ସଭିଁଙ୍କ ଘୃଣା ମୋତେ ।।
ହଂସଟି କହେ ବାଇଆଟା ତୁ
ମୋତେ କି ଭାବୁ ସୁଖୀ
ଏତେ ଯେ ରଙ୍ଗ ରଖି ବିଧାତା
ନ ଦେଲା ମୋତେ ମାଖି
ଧଳା ଦେହରେ
କେତେ କଷ୍ଟରେ
ଜଳେ ପହଁରୁ ଥାଏ,
ଖାଇବା ପାଇଁ ଦିବସ ରାତି
ଡେଣାକୁ କଷ୍ଟ ଦିଏ।
ମୟୂର କହେ ଭାବିଛ ଦୁହେଁ
ନାନାଦି ରଙ୍ଗ ଦେଇ
ପ୍ରକୃତି ମୋତେ ଦେଇଛି ଗଢ଼ି
ମୋର ଦୁଃଖ କି ନାହିଁ?
ବିଶାଳ ଡେଣା ପୁଛ ମେଲେଇ
ଯେବେ ମୁଁ ଖୁସି ହୁଏ,
ଅରିର ଲୋଭ କବଳେ ପଡ଼ି
ଭୟରେ ଥରୁଥାଏ।
ସଭିଁଙ୍କୁ ଦୁଃଖ ଦେଇଛି ବିହି
ସୁଖ ଭିତରେ କିଛି,
ଅଳପ ପାଇ ଯେ
ଶାନ୍ତିରେ ରୁହେ,
ଜଗତେ ସିଏ ସୁଖୀ। ■

ଅଙ୍କରାନ୍ତିପୁର, ଢେଙ୍କାନାଳ



## ସୁମନ



# ରାଜେଶର ଭକ୍ତି ଓ ଅଲାରନାଥଙ୍କ ମହିମା





ଶୁଭନାରାୟଣ ଶତପଥୀ

ଅଣସର ସମୟ। ଏହି ସମୟରେ ବ୍ରହ୍ମଗିରି ଅଲାରପୁର ଗ୍ରାମରେ ଥିବା ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନର ସମଫଳ ମିଳେ ବୋଲି ଜାଣି ରାଜେଶ ଓ ତାର ମାଆ ବ୍ରହ୍ମଗିରି ବାହାରିଲେ ଦର୍ଶନ କରିବାକୁ। ରାଜେଶ ଓ ତାର ମାଆ ପୁରୀରେ ପହଞ୍ଚିଲା ବେଳକୁ ସଞ୍ଜ ନଇଁ ଆସିଲାଣି। ସେମାନେ ଦେଖିଲେ ବ୍ରହ୍ମଗିରିକୁ ଅନେକ ଗାଡ଼ି ଯାଉଛି କିନ୍ତୁ କେହି ଅଟକୁ ନାହାଁନ୍ତି। ସବୁ ଗାଡ଼ି ବହୁତ ଭିଡ଼। ଏପଟେ ସମୟ ଗଡ଼ି ଚାଲିଛି। ତେଣୁ ବ୍ରହ୍ମଗିରି ଯିବାର ଆଶା ସେମାନଙ୍କର ଧୀରେ ଧୀରେ ମଉଳି ଯାଉଥାଏ। ରାଜେଶର ମାଆ କହିଲେ, ଆଜି ପୁରୀରେ ରହିଯିବା, କାଲି ବ୍ରହ୍ମଗିରି ଯିବା। ରାଜେଶ ମାନିବାକୁ ନାରାଜ। ଆଜି ସେ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିବ ଓ ଖିରି ଭୋଗ ବି ପାଇବ। ମନେମନେ ଶ୍ରୀଅଲାରନାଥଙ୍କୁ କହୁଥାଏ ମୁଁ କଣ ସତରେ ଆଜି ଦର୍ଶନ କରିପାରିବିନି କି ଖିରି ଟିକେ ପାଇପାରିବିନି? ମାଆ ଫେରିବାକୁ ବାହାରିଲେ। ଠିକ୍ ଏହି ସମୟରେ ଏକ ଅଟୋରିକ୍ସା ଆସି ପହଁଚି ପଚାରିଲା ବ୍ରହ୍ମଗିରି ଯିବକି ? ରାଜେଶ ଖୁସିରେ ହଁ କହି ସଙ୍ଗେ ସଙ୍ଗେ ବସିପଡ଼ିଲା। ମାଆ ବି ବସିଲେ। ଗାଡ଼ି ଚାଲିଲା ବ୍ରହ୍ମଗିରିକୁ। ଖୁବ୍ କମ୍ ସମୟ ମଧ୍ୟରେ ରାଜେଶ ଓ ତାର ମାଆ ପହଞ୍ଚିଗଲେ ବ୍ରହ୍ମଗିରିରେ। ସେତେବେଳକୁ ରାତି ନଅଟା ହେଲାଣି। ସେଠାରେ ଦେଖନ୍ତି ତ ଦର୍ଶନ ପାଇଁ ଲମ୍ବା ଧାଡ଼ି ହୋଇଛି। ରାଜେଶ ପଚାରିଲା ଏତେ ଭିଡ଼ କ'ଣ ପାଇଁ। ଭକ୍ତମାନେ କହିଲେ ଆଜି ପରା ଏକାଦଶୀ ବେଢ଼ା। ରାଜେଶ ଓ ତାର ମାଆ ଧାଡ଼ିରେ ଦୁଇଘଣ୍ଟା ଠିଆ ହୋଇ ଶେଷରେ ମନ୍ଦିରକୁ ପ୍ରବେଶ କଲେ। ସେତେବେଳକୁ ରାତି ଏଗାରଟା। ପୂଜକ ପହୁଡ଼ ପକାଇବାକୁ ବାହାରିଲେଣି। ହଠାତ୍ କେହି ଜଣେ ରାଜେଶର ହାତକୁ ଟାଣିନେଲା। ରାଜେଶ ଦେଖିଲା ତାର ସାଙ୍ଗ ଦିନେଶ। ପଚାରିଲା, କିରେ ତୁ ଏଠି କଣ ? ଦିନେଶ କହିଲା ସବୁ କହିବି ତୁ ଆଗ ଦର୍ଶନ କରିଦେ। ରାଜେଶ ଓ ତାର ମାଆଙ୍କୁ ନେଇ ଶ୍ରୀ ଅଲାରନାଥଙ୍କ ସମ୍ନାରେ ଠିଆ କାରାଇଦେଲା ଦିନେଶ। ଅଲାରନାଥଙ୍କ ଶ୍ରୀଚରଣରେ ମୁଣ୍ଡିଆ ମାରି ରାଜେଶ ଓ ତାର ମାଆ ବାହାରକୁ ବାହାରିଲେ। ତାପରେ ପହୁଡ଼ ପଡିଲା। ଦିନେଶ କହୁଥାଏ, ବୁଝିଲୁ ରାଜେଶ ମୋ ଘର ଏଇ ଅଲାରପୁର। ଆଉ ମୋ ବାପା ଅଲାରନାଥଙ୍କ ସେବକ। ରାଜେଶ ଏଥର ସବୁ ବୁଝିପାରିଲା। ଦିନେଶ ମାମୁଘରେ ରହି ପଢ଼ୁଛି ବୋଲି ରାଜେଶ ସହିତ ତାର ସାଙ୍ଗ। ରାଜେଶର ମା' ଦିନେଶ ହାତରେ ଦୁଇଶହ ଟଙ୍କା ଦେଇ କହିଲେ ତୁ ଟିକେ ରାଜେଶ ପାଇଁ ଖିରି ଆଣିଦିଅନ୍ତୁନି। ଦିନେଶ ଦେଖିଲା ଆନନ୍ଦ ବଜାରରେ ସବୁ ଦୋକାନ ବନ୍ଦ ହେଲାଣି। ଖିରି କୋଉଠୁ ମିଳିବ ? ରାଜେଶର ମନଦୁଃଖ ହେଲା। ଦିନେଶ କହିଲା, ଆସ ଆମ ଘରକୁ ଯିବା। ତୁମେମାନେ କାଲି ସକାଳେ ଯିବ। ଏତେ ରାତିରେ ଆଉ କୁଆଡେ ଯିବ ? ମୁଁ ତୋ ପାଇଁ ଖିରି ନିଶ୍ଚୟ ଆଣିବି। ପରିସ୍ଥିତି ଦେଖି ବାଧ୍ୟ ହୋଇ ରାଜେଶ ଓ ତାର ମାଆ ଦିନେଶର ଘରକୁ ଗଲେ। ଦିନେଶର ବାପା ଆଣିଥିବା ଖିରି ଖାଇ ରାତିରେ ଶୋଇ ପଡ଼ିଲେ। ସକାଳ ହେଲା। ରାଜେଶ ଉଠି ଦେଖେତ ତାଙ୍କ ପାଖରେ କେହି ନାହାଁନ୍ତି। ନା ଦିନେଶ ନା ଦିନେଶର ବାପା ମାଆ। ସେମାନେ ଏକ ମଠରେ ଶୋଇଛନ୍ତି। ଦୁହେଁ ଉଠି ଗାଧୋଇ ପାଧୋଇ ଘରକୁ ଫେରିବାକୁ ବାହାରିଲେ। ଏତିକିବେଳେ ଜଣେ ସାଧୁ ଏକ ଗରମ ଖିରି ଥିବା ଓଳି ଧରି ଆସିଲେ। କହିଲେ ଗୋଟିଏ ପିଲା ଆସିଥିଲା ଦିନେଶ ବୋଲି ତା ନାଁ କହିଲା ଏହି ଖିରି ଓଳି ଦେଇ କହିଲା ତୁମକୁ ଦେବାକୁ। ଏହାକୁ ନିଅ। ମହ ମହ ବାସୁଥାଏ ଖିରି। ରାଜେଶ ପଚାରିଲା ଆଉ ଦିନେଶ। ସାଧୁ ଜଣକ କହିଲେ ସେ ସ୍କୁଲ ଡ୍ରେସ୍ ତ ପିନ୍ଧିଥିଲା। ସ୍କୁଲକୁ ଯାଇଥିବ ବୋଧହୁଏ। ଖିରି ଓଳି ନେଇ ରାଜେଶ ଓ ତାର ମାଆ ଘରକୁ ଫେରିଲେ। ଗାଁରେ ପହଁଚି ଦେଖିଲା ଦିନେଶ ଖେଳୁଛି। ଦିନେଶକୁ ପଚାରିଲା ତୁ କେତେବେଳେ ଆସିଲୁ? ଦିନେଶ ପଚାରିଲା କେଉଁଠୁ ? ରାଜେଶ କହିଲା ଅଲାରପୁରରୁ। ଦିନେଶ କହିଲା ମୁଁ ତ ଗାଁରେ ଅଛି କୁଆଡ଼େ ଯାଇନି। ରାଜେଶ ଓ ତାର ମାଆ ବୁଝିପାରୁଥିଲେ ସବୁ। ମାଆ କହୁଥିଲେ ଏସବୁ ତୋର ଭକ୍ତି ଓ ଅଲାରନାଥଙ୍କ ମହିମା। ■

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩


ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## ତୁମ ଅଙ୍କା ଚିତ୍ର






ଅନୀଷା ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ





ବୈଭବ କୁମାର ପାତ୍ର
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





କ୍ରିଷ୍ଟାଲ ପଣ୍ଡା
ତୃତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା, ଖୋର୍ଦ୍ଧା





ମାନସ ରଞ୍ଜନ ଆଚାର୍ଯ୍ୟ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର






## ରୋନାଲ୍ଡୋଙ୍କ ଆଉ ଏକ ରେକର୍ଡ

ଟରଣ୍ଟୋ,୩।୭(ଏଜେନ୍ସି): ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏଠାରେ ଗୁରୁବାର ଖେଳାଯାଇଥିବା କ୍ରୋଏସିଆ ବିପକ୍ଷ ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ୪୧ବର୍ଷ ୪ ମାସ ୨୭ ଦିନରେ ସେ ଏହି ମ୍ୟାଚ୍‌ରେ ପଦାର୍ପଣ କରିବା ଫଳରେ ବିଶ୍ୱକପ୍‌ର ନକ୍‌ଆଉଟ ମ୍ୟାଚ୍‌ରେ ବୟୋଜ୍ୟେଷ୍ଠ ଆଉଟଫିଲ୍ଡ (ଗୋଲକିପରଙ୍କ ବ୍ୟତୀତ) ଖେଳାଳି ହେବାର ରେକର୍ଡ କରିଛନ୍ତି। କ୍ରୋଏସିଆର ଲୁକା ମୋଡ୍ରିଚ୍ ୪୦ବର୍ଷ ୨୯୬ ଦିନ, ବୋସ୍‌ନିଆ ଓ ହର୍ଜଗୋଭିନାର ଏଡିନ୍ ଜେକୋ ୪୦ ବର୍ଷ ୧୦୬ ଦିନରେ ଚଳିତବର୍ଷ ନକ୍‌ଆଉଟରେ ଖେଳିଥିଲେ। ଅବଶ୍ୟ ଜେକୋଙ୍କ ରେକର୍ଡ ରୋନାଲ୍ଡୋ ଭାଙ୍ଗିଛନ୍ତି। ରୋନାଲ୍ଡୋ କ୍ରମାଗତ ୬ଷ୍ଠ ବିଶ୍ୱକପ୍ ଖେଳିବା ସହ ସମସ୍ତ ବିଶ୍ୱକପ୍‌ରେ ଗୋଲ ଦେବାର ରେକର୍ଡ କରିଛନ୍ତି। ଲିଓନେଲ ମେସି ମଧ୍ୟ ସର୍ବାଧିକ ୬ଟି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି।

## ହେଡ୍ କୋଚ୍‌ଙ୍କୁ ବିଦା କଲା ଜର୍ମାନୀ

ବର୍ଲିନ୍,୩।୭(ଏଜେନ୍ସି): ପାରାଗୁଏଠାରୁ ରାଉଣ୍ଡ ଅଫ୍-୩୨ ମୁକାବିଲାରେ ପରାଜିତ ହେବା ପରେ ଜର୍ମାନୀ ଫୁଟବଲରେ ବ୍ୟାପକ ପରିବର୍ତ୍ତନ ହୋଇଛି। ପ୍ରଥମେ ଦଳ ହେଡ୍ କୋଚ୍ ଜୁଲିଆନ୍ ନାଗେଲସମ୍ୟାନ୍‌ଙ୍କୁ ବିଦା କରିଛି ଜର୍ମାନୀ ଫୁଟବଲ ଫେଡେରେସନ। ୩୮ ବର୍ଷୀୟ ଜୁଲିଆନ ଫେଡେରେସନର ପ୍ରସ୍ତାବକୁ ଗ୍ରହଣ କରିଥିଲେ। କିନ୍ତୁ ତାଙ୍କୁ ୨୦୨୮ ୟୁରୋପିଆନ୍ ଚାମ୍ପିଅନସିପ୍ ଯାଏ ହେଡ୍ କୋଚ୍ ଭାବେ ଚୁକ୍ତିବଦ୍ଧ କରାଯାଇଥିଲା। ସମାନ ପରିସ୍ଥିତିରେ ୨୦୨୨ ବିଶ୍ୱକପ୍ ପରେ ୨୦୨୩ରେ ମଧ୍ୟ ହେଡ୍ କୋଚ୍ ହାନ୍ସି ଫ୍ଲିକ୍ ଜର୍ମାନୀ ପ୍ରଥମ ରାଉଣ୍ଡରେ ହାରିଯିବା ପରେ ବିଦା ହୋଇଥିଲେ। ଗତ ୩ଟି ବିଶ୍ୱକପ୍ ମଧ୍ୟରୁ ଜର୍ମାନୀ ୨ଥର ପ୍ରଥମ ରାଉଣ୍ଡରେ ଓ ଏଥର ନୂଆ କରି ହୋଇଥିବା ରାଉଣ୍ଡ ଅଫ୍-୩୨ରୁ ବିଦା ହୋଇଥିଲା।

## ୮୮ ବର୍ଷ ପରେ ସ୍ୱିଜରଲାଣ୍ଡ ଜିତିଲା ନକ୍‌ଆଉଟ ମ୍ୟାଚ୍

ଭାଙ୍କୋଭର,୩।୭(ଏଜେନ୍ସି): ଏଠାରେ ଗୁରୁବାର ରାତିରେ ଅନୁଷ୍ଠିତ ଅନ୍ୟ ଏକ ରାଉଣ୍ଡ-୩୨ ଖେଳରେ ଆଲଜେରିଆକୁ ୨-୦ ଗୋଲରେ ପରାସ୍ତ କରି ସ୍ୱିଜରଲାଣ୍ଡ ଫିଫା ବିଶ୍ୱକପ୍ ରାଉଣ୍ଡ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ବ୍ରିଲ ଏମ୍ବୋଲୋ ଓ ଡାନ୍ ଏନ୍‌ଡୋଏ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସ୍ପେନ୍ ଭଳି ଏହି ୟୁରୋପୀୟ ରାଷ୍ଟ୍ର ମଧ୍ୟ ସହଜ ବିଜୟ ହାସଲ କରିଥିଲା। ଦଳ ଖେଳକୁ ନିୟନ୍ତ୍ରଣକୁ ଆଣିବା ପରେ ସିନିୟର ଖେଳାଳିଙ୍କୁ ବଦଳାଇ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଥିଲା। ଏହା ସତ୍ତ୍ୱେ ୧୯୩୮ ପରେ ସ୍ୱିଜରଲାଣ୍ଡ ପ୍ରଥମଥର ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଥିଲା। ପ୍ରି-କ୍ୱାର୍ଟର ଫାଇନାଲରେ ଦଳ କଲମ୍ବିଆ ଓ ଘାନା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତାକୁ ଭେଟିବ।

# ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ-ସ୍ପେନ୍ ଲଢ଼େଇ

ଟରଣ୍ଟୋ,୩।୭(ଏଜେନ୍ସି)

ଗୋନକାଲୋ ରାମୋସଙ୍କ ଷ୍ଟପେଜ୍ ଟାଇମ୍ ଗୋଲରେ ପର୍ତ୍ତୁଗାଲ ୨-୧ ଗୋଲରେ କ୍ରୋଏସିଆକୁ ପରାସ୍ତ କରି ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ସହ ସ୍ପେନର ମୁକାବିଲା ହେବ। ଗୁରୁବାର ରାତିରେ ଖେଳାଯାଇଥିବା ଅନ୍ୟ ଏକ ରାଉଣ୍ଡ-୩୨ ମୁକାବିଲାରେ ସ୍ପେନ୍ ୩-୦ରେ ଅଷ୍ଟ୍ରିଆକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ ରଖିଛି। ୟୁରୋପ ମହାଦେଶର ଏହି ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ଡଲାସ ଷ୍ଟାଡିୟମ୍‌ରେ ଆସନ୍ତା ଜୁଲାଇ ୬ ତାରିଖ ସୋମବାର ରାତି ୧୨ଟା ୩୦ ମିନିଟ୍‌ରେ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ।



ଟରଣ୍ଟୋରେ ଖେଳାଯାଇଥିବା ପର୍ତ୍ତୁଗାଲ ଓ କ୍ରୋଏସିଆ ମଧ୍ୟରେ ଲଢ଼େଇ ଜୋରଦାର ହୋଇଥିଲା। ଏହି ମ୍ୟାଚ୍‌ରେ ବିଶ୍ୱର ଦୁଇ ୪୦ ବର୍ଷରୁ ଉଦ୍ଧ୍ୱର୍ ତଥା ସୁପରଷ୍ଟାର ଖେଳାଳି ଟାଇଟଲ ଜିତିବା ଲାଗି ଶେଷ ଚେଷ୍ଟା ଚଳାଇଥିଲେ। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ କ୍ରୋଏସିଆର ଲୁକା ମୋଡ୍ରିଚ୍ ଶେଷଥର ଲାଗି ବିଶ୍ୱକପ୍ ଖେଳୁଥିଲେ। ଉଭୟ ଦଳ ମଧ୍ୟରେ ଲଢ଼େଇ ଜୋରଦାର ଚାଲିଥିଲାବେଳେ ଖେଳର ୫୩ତମ ମିନିଟ୍‌ରେ ଜୋଶିପ ସାନିଚ୍‌ଙ୍କଠାରୁ ପାଶ୍ ପାଇ ଇଭାନ ପେରିସିଚ୍ ମ୍ୟାଚ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଫଳରେ କ୍ରୋଏସିଆ ୧-୦ ଗୋଲରେ ଅଗ୍ରଣୀ ନେଇଥିଲା। ଏହି ସମୟରେ ପର୍ତ୍ତୁଗାଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବଲ ଟଚ୍ କଲାମାତ୍ରେ କ୍ରୋଏସିଆ ସମର୍ଥକ ଚିଲାଇବାକୁ ଲାଗୁଥିଲେ। ଖେଳର ୬୮ତମ ମିନିଟ୍‌ରେ କ୍ରୋଏସିଆ ଗୋଲ ପୋଷ୍ଟ ଏରିଆରେ ନିକୋଲା ଭ୍ଲାସିଚ୍‌ଙ୍କ ହ୍ୟାଣ୍ଡବଲ ହୋଇଥିଲା। ଫଳରେ ପର୍ତ୍ତୁଗାଲକୁ ମିଳିଥିବା ପେନାଲ୍ଟିରୁ ରୋନାଲ୍ଡୋ ସହଜରେ ଗୋଲ ସ୍କୋର କରି ଖେଳକୁ ସମାନସ୍ତରକୁ ନେଇଆସିଥିଲେ। କିନ୍ତୁ ଖେଳର ୮୧ତମ ମିନିଟ୍‌ରେ ରାମୋସଙ୍କ ଗୋଲ ପର୍ତ୍ତୁଗାଲକୁ ବିଜୟୀ କରାଇଥିଲା। ପର୍ତ୍ତୁଗାଲ ୨-୧ରେ ଆଗୁଆ ଥିଲାବେଳେ ଷ୍ଟପେଜ୍ ଟାଇମ୍‌ରେ କ୍ରୋଏସିଆ ଆଉ ଏକ ଗୋଲ କରିଥିଲା। ଦଳ ୨-୨ରେ ଖେଳକୁ ସମାନସ୍ତରକୁ ନେଇଆସିଥିବାରୁ ଆନନ୍ଦରେ ନାଚିଥିଲେ। କିନ୍ତୁ ଭିଏଆର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରୀ) ମାରିଓ ପାଲିସିଚ୍‌ଙ୍କୁ ଅଫ୍ ସାଇଡ୍ କରିଥିଲେ। ଫଳରେ ଏହି ଗୋଲଟି ନାକଚ ହୋଇଥିଲା ଓ ପର୍ତ୍ତୁଗାଲ ୨-୧ ଗୋଲରେ ବିଜୟୀ ହୋଇ ସ୍ପେନ୍ ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଚଳିତ ବିଶ୍ୱକପ୍‌ରେ ପୁଣିଥରେ ଭିଏଆର୍‌କୁ ନେଇ ବିବାଦ ସୃଷ୍ଟି ହୋଇଛି।

## ଆଜିଠାରୁ ପ୍ରି-କ୍ୱାର୍ଟରଫାଇନାଲ

ଡଲାସ, ୩।୭ (ଏଜେନ୍ସି): ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ପର୍ଯ୍ୟାୟ ବା ରାଉଣ୍ଡ ଅଫ୍ ୧୬ର ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ, ସେହି ଦଳ କ୍ୱାର୍ଟର ଫାଇନାଲରେ ଖେଳିବ। ଏଣୁ ଏହି ମ୍ୟାଚ୍ ଗୁଡିକର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ରାଉଣ୍ଡ ଅଫ୍ ୧୬ରେ ରିପୋର୍ଟ ଲେଖା ହେଲା ବେଳକୁ ୧୩ଟି ଦଳ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ରାଉଣ୍ଡ ଅଫ୍ ୩୨ରେ ବାକିଥିବା ୩ଟି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ଆଜି ରାତି ଓ ଆସନ୍ତାକାଲି ସକାଳେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ନିର୍ଣ୍ଣିତ ହେବା ପରେ କେଉଁ ଦଳ କାହା ସହ ଖେଳିବ ତାହା ଚୂଡାନ୍ତ ହେବ।

### ପ୍ରି-କ୍ୱାର୍ଟରଫାଇନାଲ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁଲାଇ ୪ | କାନାଡା-ମରକ୍କୋ | ହଷ୍ଟନ | ରାତି ୧୦ଟା ୩୦ |
| ଜୁଲାଇ ୪ | ଫ୍ରାନ୍ସ- ପାରାଗୁଏ | ଫିଲାଡେଲଫିଆ | ରାତି ୨ଟା ୩୦ |
| ଜୁଲାଇ ୫ | ବ୍ରାଜିଲ-ନରୱେ | ନ୍ୟୁୟର୍କ | ରାତି ୧ଟା ୩୦ |
| ଜୁଲାଇ ୬ | ଇଂଲଣ୍ଡ-ମେକ୍ସିକୋ | ମେକ୍ସିକୋ ସିଟି | ସକାଳ ୫ଟା ୩୦ |
| ଜୁଲାଇ ୬ | ପର୍ତ୍ତୁଗାଲ-ସ୍ପେନ୍ | ଡଲାସ | ରାତି ୧୨ଟା ୩୦ |
| ଜୁଲାଇ ୭ | ଆମେରିକା-ବେଲଜିୟମ | ସିଆଟଲ | ସକାଳ ୫ଟା୩୦ |
| ଜୁଲାଇ ୭ | ଆର୍ଜେଣ୍ଟିନା/କେପ୍‌ଭର୍ଡ ଅଷ୍ଟ୍ରେଲିଆ/ଇଜିପ୍ଟ | ଆଟଲାଣ୍ଟା | ରାତି ୯ଟା୩୦ |
| ଜୁଲାଇ ୭ | ସ୍ୱିଜରଲାଣ୍ଡ ବନାମ କଲମ୍ବିଆ/ଘାନା | ଭାଙ୍କୋଭର | ରାତି ୧ଟା ୩୦ |

ଏହି ରାଉଣ୍ଡରେ ୧୬ଟି ମଧ୍ୟରୁ ୧୩ଟି ଦଳ ଚୂଡାନ୍ତ ହୋଇଛି। କିନ୍ତୁ ୮ଟି ମ୍ୟାଚ୍ ମଧ୍ୟରୁ ୬ଟିରେ କିଏ କାହା ସହ ଖେଳିବ ତାହା ଚୂଡାନ୍ତ ହୋଇଛି। ଆସନ୍ତାକାଲି ହଷ୍ଟନ୍‌ରେ ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରେ ଖେଳାଯିବ। ଯୁଗ୍ମ ଆୟୋଜକ କାନାଡା ଓ ମରୋକ୍କୋ ସହ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଦକ୍ଷତା, ମାନ୍ୟତା ଓ ଚଳିତ ବିଶ୍ୱକପ୍‌ରେ ପ୍ରଦର୍ଶନକୁ ଦେଖିଲେ ମରୋକ୍କୋ ଏହି ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ବୋଲି ଆଶା କରାଯାଉଛି। ତେବେ ଲଢ଼ୁଆ ଖେଳିଥିବା କାନାଡାଠାରୁ କିଛି ଅପ୍ରତ୍ୟାଶିତ ପ୍ରଦର୍ଶନ ଆଶା କରାଯାଇ ପାରେ।

## ସ୍ପେନ୍‌ର ସହଜ ବିଜୟ

ଲସ୍ଏଞ୍ଜେଲ୍ସ, ୩।୭ (ଏଜେନ୍ସି): ମାଇକେଲ ଓୟାରଜାବଲଙ୍କ ଡବଲ ଗୋଲ ବଳରେ ଏଠାରେ ଗୁରୁବାର ରାତିରେ ଖେଳାଯାଇଥିବା ଆଉ ଏକ ରାଉଣ୍ଡ-୩୨ ମୁକାବିଲାରେ ସ୍ପେନ୍ ୩-୧ ଗୋଲରେ ଅଷ୍ଟ୍ରିଆକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ସହ ମୁକାବିଲା ପାଇଁ ଯୋଗ୍ୟତା ଅର୍ଜନ କରିଛି। ବିଜୟୀ ଦଳ ପକ୍ଷରୁ ପେଡ୍ରୋ ପୋରୋ ଆଉ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଏହି ମୁକାବିଲାରେ ସ୍ପେନର ଦକ୍ଷତା ଆଗରେ ଅଷ୍ଟ୍ରିଆ ସମକକ୍ଷ ହୋଇ ନ ଥିଲେ ମଧ୍ୟ ଲଢ଼େଇ କରିଥିଲା। ଖେଳର ୩୯ ଓ ୮୯ ମିନିଟ୍‌ରେ ଓୟାରଜାବଲ ଏବଂ ୬୬ତମ ମିନିଟ୍‌ରେ ପୋରୋ ଗୋଲ ସ୍କୋର କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ସ୍ପେନ୍‌ର ମିଡ୍‌ଫିଲ୍ଡର ମାର୍କ କାକୁରେଲାଙ୍କ ଖେଳ ଖୁବ୍ ଉଚ୍ଚକୋଟୀର ହୋଇଥିଲା। ସେ ୨ଟି ଗୋଲ୍ କରିବାରେ ଆସିଷ୍ଟ କରିଥିଲାବେଳେ ମିଡ୍‌ଫିଲ୍ଡକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ତାଙ୍କୁ ହିଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ୨୦୧୦ ପରେ ସ୍ପେନ୍ ପ୍ରଥମଥର ଫିଫା ବିଶ୍ୱକପ୍ ନକ୍‌ଆଉଟ ମୁକାବିଲାରେ ବିଜୟୀ ହେବାରେ ସମର୍ଥ ହୋଇଛି। ପର୍ତ୍ତୁଗାଲ ସହ ଏହାର ଅସଲ ପରୀକ୍ଷା ହେବ।



### ଟିନ୍‌ଏଜ୍ ଖେଳାଳିଙ୍କ ରେକର୍ଡ

ଏହି ମ୍ୟାଚ୍‌ରେ ସ୍ପେନ୍ ଦୁଇଜଣ ଟିନ୍‌ଏଜ୍ ଖେଳାଳିଙ୍କୁ ପ୍ରଥମ ଏକାଦଶରେ ସାମିଲ କରି ରେକର୍ଡ କରିଥିଲା। ପୂର୍ବରୁ ୧୮ ବର୍ଷୀୟ ଲାମିନେ ଜମାଲ ବିଶ୍ୱକପ୍‌ରେ ଡେବ୍ୟୁ କରିସାରିଥିଲେ। ଏହି ମ୍ୟାଚ୍‌ରେ ସ୍ପେନ୍ ୧୯ ବର୍ଷୀୟ ଡିଫେଣ୍ଡର ପାଓ କୁବାର୍ସିଙ୍କୁ ଖେଳିବାର ସୁଯୋଗ ଦେଇଥିଲା। ୧୯୫୮ ସଂସ୍କରଣର ୱେଲ୍ସ ବିପକ୍ଷ କ୍ୱାର୍ଟରଫାଇନାଲରେ ବ୍ରାଜିଲ ଦୁଇ ଜଣ ଟିନ୍‌ଏଜ୍ ଖେଳାଳି ପେଲେ ଓ ଜୋଶ ଆଲଟାଫିନିଙ୍କୁ ଖେଳିବାର ସୁଯୋଗ ଦେଇଥିଲା।

## ଚତୁର୍ଥ ରାଉଣ୍ଡରେ ପେଗୁଲା

ଲଣ୍ଡନ,୩।୭(ଏଜେନ୍ସି): ଏଠାରେ ଚାଲିଥିବା ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରେ ଆମେରିକୀୟ ମହିଳା ତାରକା ଜେସିକା ପେଗୁଲା ଓ ଜର୍ମାନୀର ଅଭିଜ୍ଞ ପୁରୁଷ ଖେଳାଳି ଆଲେକ୍ସଜାଣ୍ଡାର୍ ଜ୍ୱେରେଭ ବିଜୟ ଅଭିଯାନ ଜାରି ରଖିଛନ୍ତି। ଚତୁର୍ଥ ସିଡ୍ ପେଗୁଲା ମହିଳା ସିଙ୍ଗଲ୍ସର ତୃତୀୟ ରାଉଣ୍ଡରେ ଶୁକ୍ରବାର ସ୍ପେନ୍‌ର ଜେସିକା ବୁଜାସ ମାନେଇରୋଙ୍କୁ ମାତ୍ର ୫୨ ମିନିଟ୍‌ରେ ୬-୧, ୬-୩ ସେଟ୍‌ରେ ପରାସ୍ତ କରି କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ୱିମ୍ବଲଡନର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପଟେ, ଜର୍ମାନୀର ଦ୍ୱିତୀୟ ସିଡ୍ ତଥା ନିକଟରେ ଫ୍ରେଞ୍ଚ ଓପନ୍ ଟାଇଟଲ ଜିତିଥିବା ଆଲେକ୍ସଜାଣ୍ଡାର୍ ଜ୍ୱେରେଭ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ଫ୍ରାନ୍ସର ଭାଲେଣ୍ଟିନ ରୋୟରଙ୍କୁ ସିଧାସଳଖ ସେଟ୍‌ରେ ୬-୧, ୬-୩, ୭-୬ ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଜାପାନର ନାଓମି ଓସାକା, ସ୍ୱିଜରଲାଣ୍ଡର ବେଲିଣ୍ଡା ବେନକିକ୍ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ପୁରୁଷ ସିଙ୍ଗଲ୍ସରେ ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ମଧ୍ୟ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।




■ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ

## ଇଂଲଣ୍ଡ-ଅଷ୍ଟ୍ରେଲିଆ ଫାଇନାଲ ମୁକାବିଲା

ଲଣ୍ଡନ,୩।୭(ଏଜେନ୍ସି): ନାଟାଲି ସିଭର-ବ୍ରଣ୍ଟଙ୍କ ଅଧିନାୟକୀୟ ଇନିଂସ ବଳରେ ଦକ୍ଷିଣ ଆଫ୍ରିକାକୁ ୪୦ ରନ୍‌ରେ ହରାଇ ଇଂଲଣ୍ଡ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଜୁଲାଇ ତାରିଖରେ ହେବାକୁ ଥିବା ଫାଇନାଲ ମୁକାବିଲାରେ ଇଂଲଣ୍ଡ ସହ ଅଷ୍ଟ୍ରେଲିଆର ମୁକାବିଲା ହେବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪୭ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ସର୍ବାଧିକ ୭୫ ରନ୍ କରିଥିବା ନାଟାଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ମହିଳା କ୍ରିକେଟ କ୍ୟାମ୍ପରେ ସୁଶ୍ରୀ

ଭୁବନେଶ୍ୱର,୩।୭(ସମିସ): ବିସିସିଆଇ ପକ୍ଷରୁ ପ୍ରତିଭାବାନ ମହିଳା ଖେଳାଳିଙ୍କୁ ଚିହ୍ନଟ କରି ବେଙ୍ଗାଲୁରୁରେ ଉଚ୍ଚକୋଟୀର ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି। ଟାର୍ଗେଟେଡ୍ ମହିଳା ଶିବିର ନାମରେ ବିସିସିଆଇ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପ୍ରଶିକ୍ଷଣ ଦେବ। ଏହି ଶିବିରଟି ଅଗଷ୍ଟ ୩ରୁ ଆରମ୍ଭ ହୋଇ ୨୭ରେ ଶେଷ ହେବ। ଓଡ଼ିଶାରୁ ଜଣେ ମାତ୍ର ଖେଳାଳି ତଥା ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ଏହି ଶିବିର ଲାଗି ମନୋନୀତ ହୋଇଛନ୍ତି। ଏଥିଲାଗି ତାଙ୍କୁ ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ସଭାପତି ପଙ୍କଜ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

### ଧର୍ମଶାଳାରେ ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍

ଭୁବନେଶ୍ୱର,୩।୭(ସମିସ): ଅଲ୍ ଓଡ଼ିଶା ଏବଂ ଯାଜପୁର ୟୁନାଇଟେଡ୍ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଯାଜପୁର ଜିଲ୍ଲା ଧର୍ମଶାଳାର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ପ୍ରତିଯୋଗିତା ଜୁଲାଇ ୧୭ରୁ ଆରମ୍ଭ ହୋଇ ୨୦ରେ ଶେଷ ହେବ ବୋଲି ଆୟୋଜକ ସଂଘର ସଭାପତି ତପନ କିଶୋର ଷଡଙ୍ଗୀ ଜଣାଇଛନ୍ତି।

ଏସୀୟ ବାଳକ ହ୍ୟାଣ୍ଡବଲ ଶିବିର

### ସୁପ୍ରଜିତ୍ ଓ କୋଚ୍ ଗୌରୀ ସାମିଲ

ଭୁବନେଶ୍ୱର,୩।୭(ସମିସ): ଚଳିତମାସ ୧୩ରୁ ୨୭ ତାରିଖଯାଏ ଚୀନ୍‌ରେ ହେବାକୁ ଥିବା ୨୧ ବର୍ଷରୁ କମ୍ ବଏଜ୍ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଲାଗି ଟାଟା ନଗରଠାରେ ଏକ ଶିବିରର ଆୟୋଜନ କରାଯାଇଛି। ଓଡ଼ିଶାରୁ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ଶିବିରରେ ଜଣେ ଖେଳାଳି ସୁପ୍ରଜିତ ବେହେରାଙ୍କୁ ସ୍ଥାନ ମିଳିଛି।

ଭାରତ-ଇଂଲଣ୍ଡ ଦ୍ୱିତୀୟ ଟି-୨୦ ଆଜି

# ସୂର୍ଯ୍ୟବଂଶୀଙ୍କ ପାଇଁ ସାମ୍‌ସନ୍‌ଙ୍କ ଉପରେ ଚାପ

ମାଞ୍ଚେଷ୍ଟର,୩।୭(ଏଜେନ୍ସି)

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଶନିବାର ଦିନ ମାଞ୍ଚେଷ୍ଟରଠାରେ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଥିବା ବେଳେ, ଏହି ଦ୍ୱିତୀୟ ମ୍ୟାଚ୍‌ରେ ସମସ୍ତଙ୍କ ନଜର ଭାରତୀୟ ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନଙ୍କ ଉପରେ ରହିବ। ଯୁବ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ଦଳରେ ସ୍ଥାନ ପାଇବା ପାଇଁ ଅପେକ୍ଷା କରି ରହିଥିବାରୁ, ସାମସନଙ୍କୁ ଦଳରେ ସ୍ଥାନ ସୁରକ୍ଷିତ ରଖିବା ପାଇଁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ ହେବ। ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ସାମସନଙ୍କ ସ୍ଥିରତା ନାହିଁ। ପ୍ରଥମ ମ୍ୟାଚ୍‌ରେ ସେ ୭ଟି ବଲ୍‌ରୁ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ। ପିଚ୍‌ରେ ବଲ୍ ସୁଇଙ୍ଗ୍ କଲେ ସେ ସଂଘର୍ଷ କରୁଥିବା ଦେଖାଯାଉଛି। ଅନ୍ୟପଟେ ଓପନର ଅଭିଷେକ ଶର୍ମା ଗତ ମ୍ୟାଚ୍ ଗୁଡ଼ିକରେ ୪୯ ଏବଂ ୫୯ ରନ୍‌ର ଚମତ୍କାର ପାଳି ଖେଳି ସାମସନଙ୍କ ଉପରେ ଚାପ ବଢ଼ାଇ ଦେଇଛନ୍ତି। କେବଳ ସାମସନ ନୁହନ୍ତି, ମଧ୍ୟକ୍ରମ ବ୍ୟାଟର ତିଳକ ବର୍ମା ମଧ୍ୟ ସ୍ଲୋ ବୋଲରଙ୍କ ବିରୋଧରେ ରନ୍ ଗତି ବଢ଼ାଇବାରେ ବିଫଳ ହେଉଛନ୍ତି। ଚଳିତ ୨୦୨୬ ବର୍ଷରେ ୧୨ଟି ମ୍ୟାଚ୍ ଖେଳି ସେ ମାତ୍ର ୧୨ଟି ଛକା ମାରିଛନ୍ତି, ଯାହା ଜଣେ ଫିନିସର ବ୍ୟାଟରଙ୍କ ପାଇଁ ବହୁତ ନିରାଶାଜନକ। ଯଦି ସାମସନ ଏହି ମ୍ୟାଚ୍‌ରେ ମଧ୍ୟ ବିଫଳ ହୁଅନ୍ତି, ୧୫ ବର୍ଷୀୟ ଯୁବ ବ୍ୟାଟିଂ ପ୍ରତିଭା ସୂର୍ଯ୍ୟବଂଶୀଙ୍କୁ ବେଞ୍ଚରେ ବସାଇ ରଖିବା ଦଳୀୟ ମ୍ୟାନେଜମେଣ୍ଟ ପାଇଁ କଷ୍ଟକର ହେବ। ପ୍ରଥମ ମ୍ୟାଚ୍‌ରେ ଅଭିଷେକ ଶର୍ମା ଏବଂ ଅଧିନାୟକ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ୧୮୯ ରନ୍ କରିଥିଲା। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ପିଚ୍ ସ୍ପିନରମାନଙ୍କୁ ସହାୟତା କରିଥାଏ। ଭାରତୀୟ ବୋଲିଂ ଆକ୍ରମଣରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଇଂଲଣ୍ଡ ଦଳର ହାରି ବ୍ରୁକ୍, ଫିଲ୍ ସଲ୍ଟ ଏବଂ ଟମ୍ ବାଣ୍ଟନଙ୍କ ଭଳି ବିସ୍ଫୋରକ ବ୍ୟାଟରମାନଙ୍କୁ ରୋକିବା ଭାରତୀୟ ବୋଲରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ।

ସାମସନଙ୍କ ପାଇଁ ଏହି ମ୍ୟାଚ୍ ନିଜର ଯୋଗ୍ୟତା ପ୍ରମାଣିତ କରିବାର ଶେଷ ସୁଯୋଗ ହୋଇପାରେ। ଯଦି ସେ ପୁଣିଥରେ ବିଫଳ ହୁଅନ୍ତି, ତେବେ ଯୁବ ତାରକା ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବା ପ୍ରାୟ ନିଶ୍ଚିତ। ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ସିରିଜର ପରାଜୟକୁ ପଛରେ ପକାଇ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

ଭେନ୍ୟୁ: ଓଲ୍ଡ ଟ୍ରାଫର୍ଡ, ମାଞ୍ଚେଷ୍ଟର
ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS